ପୃଷ୍ଠା-୧୨+୮

DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୫/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 5/2023 Page 20 ₹ 7.00

୪୯ଶ ଭାଗ ୩୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 340 ମୂଲ୍ୟ₹୭/-









**ସଂକ୍ଷେପରେ**

## ପାକ୍ ବାୟୁସେନା ତାଲିମ କେନ୍ଦ୍ରରେ ଆକ୍ରମଣ

## ସେନା କାର୍ଯ୍ୟାନୁଷ୍ଠାନରେ ୯ ଆତଙ୍କବାଦୀ ନିହତ



ଇସ୍‌ଲାମାବାଦ,୪।୧୧(ପି.ଟି.)

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ପାକ୍ ବାୟୁସେନାର ପ୍ରଶିକ୍ଷଣ କେନ୍ଦ୍ର ଉପରେ ୯ ଜଣ ସଶସ୍ତ୍ର ଆତଙ୍କବାଦୀ ଶନିବାର ଭୋର ସମୟରେ ଆକ୍ରମଣ କରିଥିଲେ। ପାକିସ୍ତାନୀ ସୈନ୍ୟଙ୍କ ଜବାବୀ ଆକ୍ରମଣରେ ସମସ୍ତ ୯ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ୩ଟି ଆତଙ୍କବାଦୀ ଆକ୍ରମଣରେ ୧୭ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ପାକ୍ ସେନା କହିବା ଅନୁଯାୟୀ ଆତଙ୍କବାଦୀମାନେ ମିଆଁୱାଲି ଟ୍ରେନିଂ ଏୟାରବେସ୍‌ରେ ଆକ୍ରମଣ କରିଥିଲେ। ଉକ୍ତ ଏୟାରବେସ୍‌ରେ କୋମ୍ବିଂ ଓ କ୍ଲିୟରାନ୍ସ ଅପରେଶନ ଶେଷ ହୋଇଛି ଓ ସମସ୍ତ ୯ ଆତଙ୍କବାଦୀ ନିହତ ହୋଇଥିବା ସେନା କହିଛି।

**ଇସ୍ରାଏଲ୍ ସୈନ୍ୟଙ୍କୁ ଫସାଇବା ପାଇଁ**

# ସୁଡ଼ଙ୍ଗର ଜାଲ ବିଛାଇଥିଲା ହମାସ୍

## ୪୦ ହଜାର ଯୋଦ୍ଧାଙ୍କୁ ପ୍ରସ୍ତୁତ କରିଥିଲା

ନୂଆଦିଲ୍ଲୀ,୪।୧୧

ଗାଜାର ଶାସକ ହମାସ୍ ଗତ ମାସ ୭ ତାରିଖରେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପୂର୍ବରୁ ଏକ ଦୀର୍ଘ ଯୁଦ୍ଧ ପାଇଁ ବହୁଦିନର ପ୍ରସ୍ତୁତ ହୋଇ ରହିଥିଲା। ଏଥିପାଇଁ ଏହି ଆତଙ୍କବାଦୀ ଗୋଷ୍ଠୀ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର, ଖାଦ୍ୟ ଓ ଔଷଧ ଠୁଳକରି ରଖିଥିଲା। କେବଳ ସେତିକି ନୁହେଁ ଇସ୍ରାଏଲୀ ସୈନ୍ୟ ଗାଜାରେ ପ୍ରବେଶ କଲେ ସେମାନେ ଯେପରି ବାହାରି ନ ପାରିବେ ସେଥିପାଇଁ ସେଠାରେ ସୁଡ଼ଙ୍ଗର ଜାଲ ବିଛାଇଥିଲା ହମାସ୍। ଇସ୍ରାଏଲୀ ସୈନ୍ୟଙ୍କ ମୁକାବିଲା ପାଇଁ ୪୦ ହଜାର ଯୋଦ୍ଧାଙ୍କୁ ପ୍ରସ୍ତୁତ କରି ରଖାଯାଇଥିଲା, ଯେପରି ପାଲେଷ୍ଟିନୀୟଙ୍କ ଶତ୍ରୁ ଶକ୍ତି ଯୁଦ୍ଧ ବନ୍ଦ କରିବାକୁ ବାଧ ହେବ। ହମାସ୍ ନେତୃତ୍ୱର ଦୁଇଟି ସୂତ୍ରରୁ ଏହା ଜଣାପଡ଼ିଛି। ବହୁ ଗଭୀର ଭୂତଳ ସୁଡ଼ଙ୍ଗଗୁଡ଼ିକରେ ହମାସ୍ ଯୋଦ୍ଧାମାନେ ଦୀର୍ଘଦିନ ରହିପାରିବା ପାଇଁ ଖାଦ୍ୟ, ଔଷଧ ଆଦି ମହଜୁଦ ରଖାଯାଇଥିଲା। ସେମାନେ ସହରୀ ଗରିଲା କୌଶଳରେ ଇସ୍ରାଏଲୀ ସୈନ୍ୟଙ୍କୁ ହତାଶ କରିବା ଲାଗି ତାଲିମ ନେଇଥିଲେ। ଏହା ବ୍ୟତୀତ ଅନ୍ତର୍ଜାତୀୟ ଚାପ ଯୋଗୁ ଇସ୍ରାଏଲ୍ ଅବରୋଧ ହଟାଇବା ସହ ସାଧାରଣ ନାଗରିକ ହତ୍ୟା ବନ୍ଦ କରିବାକୁ ବାଧ ହୋଇଥାନ୍ତା ବୋଲି ହମାସ୍ ବିଶ୍ୱାସ କରୁଥିଲା। ଏଭଳି ହୋଇଥିଲେ ଇସ୍ରାଏଲ୍ ଯୁଦ୍ଧବିରତି ଓ ବୁଝାମଣା କରିବା ସହ ପଣବନ୍ଦୀଙ୍କ ବଦଳରେ ହଜାର ହଜାର ପାଲେଷ୍ଟିନୀୟଙ୍କୁ ମୁକ୍ତ କରିବାକୁ ଜେରୁଜେଲମ୍ ବାଧ ହୋଇଥାନ୍ତା ବୋଲି ଉପରୋକ୍ତ ସୂତ୍ର କହିଛି।



### ଗାଜାରେ ବଢ଼ୁଛି ମାନବୀୟ ସଙ୍କଟ

ଗାଜାରେ ଇସ୍ରାଏଲ୍ ସେନା ପାଖାପାଖି ମାସେ ହେଲା ଆକ୍ରମଣ ଜାରି ରଖିଥିବାବେଳେ ପ୍ରାୟ ୧୦ ହଜାର ଲୋକଙ୍କ ଜୀବନ ଗଲାଣି। ଏଥିସହିତ ହଜାର ହଜାର ଲୋକ ଆହତ ହୋଇଛନ୍ତି। ସେଠାରେ ଖାଦ୍ୟ,ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବରୁ ପାଲେଷ୍ଟିନୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜନସଂଖ୍ୟାର ୭୦ ପ୍ରତିଶତ ଅର୍ଥାତ୍ ୧୫ ଲକ୍ଷ ଲୋକେ ଘର ଛାଡ଼ି ପଳାଇଗଲେଣି। ଗାଜାରେ ମାନବୀୟ ସଙ୍କଟ ବଢ଼ିବାରେ ଲାଗିଛି। ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବା ପାଇଁ ସାମୟିକ ଅସ୍ତ୍ରବିରତି ଲାଗି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଆହ୍ୱାନ ଦେଇଛନ୍ତି।

# ବଳାତ୍କାର ମାମଲାରେ ପୂର୍ବତନ ୟୁପି ବିଧାୟକଙ୍କୁ ୧୫ ବର୍ଷ ଜେଲ

ବାରାଣସୀ,୪।୧୧

ଏକ ଗଣବଳାତ୍କାର ମାମଲାରେ ଉତ୍ତରପ୍ରଦେଶର ୪ ଥରର ବିଧାୟକ ବିଜୟ ମିଶ୍ରାଙ୍କୁ ଭାଦୋହି ଜିଲା ଫାଷ୍ଟ ଟ୍ରାକ୍ (ଏମ୍‌ପି-ଏମ୍‌ଏଲ୍‌ଏ) କୋର୍ଟ ୧୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମାଫିଆ ଡନ୍ ଅନ୍ୟ ଏକ ମାମଲାରେ ଏବେ ଜେଲରେ ଅଛନ୍ତି। ୨୦୨୦ରେ ବାରାଣସୀର ଜଣେ ଗାୟିକାଙ୍କୁ ଗଣବଳାତ୍କାର ମାମଲାରେ ସେ ଅଭିଯୁକ୍ତ ଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଧାରା ୩୭୬(୨)(ଏନ୍) ଅନୁଯାୟୀ ଅଦାଲତ ବିଜୟଙ୍କୁ ଦଣ୍ଡିତ କରିଛନ୍ତି। ଏଥିସହିତ ଆପରାଧିକ କାର୍ଯ୍ୟ ପାଇଁ ଧମକ ଦେବା ଅଭିଯୋଗରେ ତାଙ୍କୁ ୨ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ହୋଇଛି।



ବିଜୟ ମିଶ୍ରା

ଶୁକ୍ରବାର ଫାଷ୍ଟ ଟ୍ରାକ୍ କୋର୍ଟ ବିଜୟଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ତାଙ୍କ ପୁଅ ବିଷ୍ଣୁ ମିଶ୍ରା ଓ ନାତି ବିକାଶ ଓରଫ ଜ୍ୟୋତି ମିଶ୍ରାଙ୍କୁ ଦୋଷମୁକ୍ତ କରିଦେଇଥିଲେ। ବିଜୟ ଏବେ ଆଗ୍ରା ଜେଲରେ ଅଛନ୍ତି। ତାଙ୍କ ବିରୋଧରେ ହତ୍ୟା, ବଳାତ୍କାର ଆଦି ୮୩ ଆପରାଧିକ ମାମଲା ରହିଛି।

# ଔଷଧ କମ୍ପାନୀରେ ନିଆଁ: ୪ ମୃତ

**ମୁମ୍ବାଇ,୪।୧୧:** ମହାରାଷ୍ଟ୍ରର ରାୟଗଡ଼ ଜିଲାରେ ଥିବା ଏକ ଔଷଧ କମ୍ପାନୀରେ ନିଆଁ ଲାଗି ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଯୋଗୁ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ହୋଇଥିଲା। ଏଥିରେ ନିଖୋଜ ଥିବା ୭ ଜଣଙ୍କୁ ଖୋଜା ଚାଲିଛି। ଖବର ଅନୁଯାୟୀ ଶୁକ୍ରବାର ମହାଦ ଏମ୍‌ଆଇଡିସି ଅଞ୍ଚଳରେ ଥିବା ବ୍ଲୁ ଜେଟ୍ ହେଲ୍‌ଥକେୟାରରେ ନିଆଁ ଲାଗିଯାଇଥିଲା। ନିଖୋଜ ଥିବା ୧୧ ଜଣଙ୍କ ମଧ୍ୟରୁ ଶନିବାର ସକାଳେ ୪ ମୃତଦେହ ମିଳିଛି।



ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣ : ଗୁରୁଗ୍ରାମରେ ଧୂଳି ଧୂଆଁରେ ଆଚ୍ଛାଦିତ ପରିବେଶରେ ଏକ ମେଟ୍ରୋ ଟ୍ରେନ୍ ଯାଉଛି।

**ନ୍ୟାୟ ବ୍ୟବସ୍ଥାର ଅଭାବ ଦୂର ପାଇଁ**

# ବ୍ୟବସ୍ଥାପିକା ନୂଆ ଆଇନ ଆଣିପାରିବ

ନୂଆଦିଲ୍ଲୀ,୪।୧୧(ପି.ଟି.)

ଏକ ଅଦାଲତର ରାୟକୁ ସିଧାସଳଖ ଖାରଜ କରାଯାଇପାରିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିବା ସହ ନ୍ୟାୟ ବ୍ୟବସ୍ଥାରେ ରହିଥିବା ଅଭାବକୁ ଦୂର କରିବା ଲାଗି ନୂଆ ଆଇନ କାର୍ଯ୍ୟକାରୀ କରିବା କ୍ଷମତା ବ୍ୟବସ୍ଥାପିକାର ରହିଥିବା କହିଛନ୍ତି। ଏଠାରେ ହିନ୍ଦୁସ୍ତାନ ଟାଇମ୍ସ ଲିଡରଶିପ୍ ସମିଟ୍‌କୁ ଉଦ୍‌ବୋଧନ ଦେଇ ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ, ବିଚାରପତିମାନେ ମାମଲାଗୁଡ଼ିକର ବିଚାର କଲାବେଳେ ସମାଜ କିଭଳି ପ୍ରତିକ୍ରିୟା ଦେଖାଇବ ତାହା ଭାବି ନ ଥାନ୍ତି। ସରକାରର ବିଭିନ୍ନ ବିଭାଗ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏସବୁ ଦିଗକୁ ଧ୍ୟାନ ଦେଇଥାନ୍ତି। ଅଦାଲତଙ୍କର କୌଣସି ରାୟ ଥିବାବେଳେ ବ୍ୟବସ୍ଥାପିକା କ'ଣ କରିପାରିବ ଓ କ'ଣ କରିପାରିବ ନାହିଁ, ତାହା ମଧ୍ୟରେ ଏକ ବିଭାଜନ ରେଖା ରହିଛି। ଯେତେବେଳେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ବିଚାର କଲାବେଳେ ରାୟରେ ଆଇନରେ ଥିବା ଅଭାବକୁ ସୂଚିତ କରାଯାଇଥାଏ, ସେତେବେଳେ ଉକ୍ତ ଅଭାବ ପୂରଣ ଲାଗି ସାନି ଆଇନ କାର୍ଯ୍ୟକାରୀ କରାଇବା ନିମନ୍ତେ ବ୍ୟବସ୍ଥାପିକାର ଦ୍ୱାର ସବୁବେଳେ ପାଇଁ ଖୋଲା ରହିଥାଏ ବୋଲି ସିଜେଆଇ କହିଛନ୍ତି। ବେଳେବେଳେ ରାୟ ଭୁଲ୍ ଥିବା ଆମେ ଭାବୁଛୁ ବୋଲି କୁହାଯାଇ ଏହାକୁ ଖାରଜ କରିଦେଇଥାଉ। ତେବେ ଏକ ଅଦାଲତଙ୍କ ରାୟକୁ ବ୍ୟବସ୍ଥାପିକା ସିଧାସଳଖ ଖାରଜ କରିପାରିବ ନାହିଁ ବୋଲି ସିଜେଆଇ କହିଛନ୍ତି।



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

**ଫୁରସତ**

# ସଚେତନତା ଦ୍ୱାରା ସୁରକ୍ଷା

ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବହୁ କ୍ଷୟକ୍ଷତି ଘଟିଥାଏ। ତେବେ ସଚେତନତା ଦ୍ୱାରା ଏଥିରୁ ସୁରକ୍ଷିତ ରହି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସୁନାମି ନେଇ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶ୍ୱ ସୁନାମି ସଚେତନତା ଦିବସ ହେଉଛି ବାର୍ଷିକ କାର୍ଯ୍ୟକ୍ରମ ଯାହାକି ନଭେମ୍ବର ୫ରେ ସୁନାମିର ବିପଦପୂର୍ଣ୍ଣ ପ୍ରଭାବ ଏବଂ ସୁନାମି ପ୍ରସ୍ତୁତିରେ ମହତ୍ତ୍ୱ ଏବଂ ଏହାର ପ୍ରାରମ୍ଭିକ ଚେତାବନୀ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ପାଳିତ ହୋଇଥାଏ। ମିଳିତ ଜାତିସଂଘର ସାଧାରଣ ସଭାର ସଂକଳ୍ପ ୭୦/୨୩ ଦ୍ୱାରା ଏହା ପ୍ରଥମେ ୨୦୧୫ ରେ ପ୍ରତିଷ୍ଠିତ ହୋଇଥିଲା । ଏହିଦିନ ବିଭିନ୍ନ ଦେଶରେ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ଏବଂ ସୋସିଆଲ ମିଡିଆରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବାକୁ ଉତ୍ସାହିତ କରାଯାଏ। ସୁନାମି ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଗତ ୧୦୦ବର୍ଷ ମଧ୍ୟରେ ସମୁଦାୟ ୫୮ଟି ସୁନାମିରେ ୨,୬୦,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ୧୯୯୮ ରୁ ୨୦୧୮ ମଧ୍ୟରେ ସୁନାମି ଯୋଗୁ ୨୦୦ ବିଲିୟନ ଡଲାର ନଷ୍ଟ ହୋଇଯାଇଥିଲା। ଉପକୂଳବର୍ତ୍ତୀ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଏବଂ ସମୁଦ୍ର ପତ୍ତନ ବୃଦ୍ଧି ହେତୁ ଭବିଷ୍ୟତରେ ସୁନାମିରେ ମୃତ୍ୟୁ ସଂଖ୍ୟା ବୃଦ୍ଧିହେବା ସମ୍ଭାବନା ରହିଛି।

ମିଳିତ ଜାତିସଂଘ ସାଧାରଣ ସଭାର ରିଜୋଲ୍ୟୁଶନ ଅନୁଯାୟୀ ୨୨ଡିସେମ୍ବର ୨୦୧୫ରେ ବିଶ୍ୱ ସୁନାମି ସଚେତନତା ଦିବସ ପ୍ରତିଷ୍ଠା କରାଯାଇଥିଲା। ଏହିଦିନ ଜାପାନୀ ପ୍ରତିନିଧି ଦଳଙ୍କ ଦ୍ୱାରା ଅନୁରୋଧ କରାଯାଇଥିଲା, କାରଣ ଏହା ପାରମ୍ପରିକ ଜାପାନୀ କାହାଣୀ ଦି ଫାୟାର ଅଫ୍ ରାଇସ୍ ଶେଭ ଥିଲା, ଯାହା ହାମାଗୁଚି ଗୋରୟୋଙ୍କ କାର୍ଯ୍ୟକୁ ମନେରଖିଥାଏ। ୧୮୫୪ ନାନକାଇ ଭୂକମ୍ପ ପରେ ତାଙ୍କ ଧାନ ଫସଲକୁ ଜାଳିଦେଇ ଗ୍ରାମବାସୀଙ୍କୁ ସୁରକ୍ଷା ଦିଗରେ ସଚେତନ କରାଇବା ପାଇଁ ହାମାଗୁଚି ତାଙ୍କ ହିରୋ ଗାଁକୁ ସୁନାମିରୁ ରକ୍ଷା କରିଥିଲେ। ଜାପାନରେ ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ମିଳିତ ଜାତିସଂଘ କାର୍ଯ୍ୟାଳୟର ମୁଖ୍ୟ ୟୁକି ମ୍ୟାଟସୁକା ଏହା କହିଥିଲେ ।ପରେ ହାମାଗୁଚି ଏକ ୫ ମିଟର ଉଚ୍ଚ ସମୁଦ୍ର ପ୍ରାଚୀର ନିର୍ମାଣ କରିଥିଲେ ଯାହାକି ୧୯୪୬ ନାନକାଇ ଭୂକମ୍ପରେ ଗାଁକୁ ସୁନାମିରୁ ରକ୍ଷା କରିଥିଲା। ଏହି କାର୍ଯ୍ୟ ସୁନାମି ପୀଡ଼ିତମାନଙ୍କୁ ସୁରକ୍ଷା ଦେଇଥିବାରୁ ଏହା ସୁନାମି ସଚେତନତା, ପ୍ରତିରୋଧ ଏବଂ ପୁନରୁଦ୍ଧାର ପାଇଁ ଏକ ମଡେଲ ହୋଇପାରିଥିଲା।

ପ୍ରତିବର୍ଷ ବିଶ୍ୱ ସୁନାମି ସଚେତନତା ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି 'ଏକ ସ୍ଥାୟୀ ତଥା ଦୃଢ଼ ଭବିଷ୍ୟତ ପାଇଁ ଅସମାନତା ବିରୋଧରେ ଲଢ଼େଇ'।



ବିଶ୍ୱ ସୁନାମି ସଚେତନତା ଦିବସ

## ଏସିଆର ସର୍ବାଧିକ ପାରିଶ୍ରମିକ ପାଉଥିବା ଅଭିନେତା ରଜନୀକାନ୍ତ

**ମୁମ୍ବାଇ:** ସୁପରଷ୍ଟାର ରଜନୀକାନ୍ତଙ୍କ ଫିଲ୍ମ 'ଜେଲର' ଏହି ନିକଟରେ ମୁକ୍ତିଲାଭ କରିଥିଲା, ଯାହା ବକ୍ସ ଅଫିସରେ ବ୍ଲକବୁଷ୍ଟର ହୋଇଥିଲା। ତେବେ ରଜନୀକାନ୍ତ ଏସିଆର ସର୍ବାଧିକ ପାରିଶ୍ରମିକ ପାଉଥିବା ଅଭିନେତା ହୋଇପାରିଛନ୍ତି। ଲୋକେଶ କାନଗରାଜଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ପାଇଁ ରଜନୀକାନ୍ତଙ୍କ ମହଙ୍ଗା ଫି' ଏହାର ମୁଖ୍ୟ କାରଣ, ଯାହା ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ରଜନୀକାନ୍ତଙ୍କ ହାତରେ ଏବେ ୨ଟି ରୋମାଞ୍ଚକର ପ୍ରୋଜେକ୍ଟ ରହିଛି। ସେଥିମଧ୍ୟରୁ ଗୋଟିଏରେ ଲୋକେଶ ନିର୍ଦ୍ଦେଶନା ଦେଇଛନ୍ତି, ଯାହାର ଟାଇଟଲ ରହିଛି 'ଥାଲାଇଭର୍ ୧୭୦'। ଏହି ଫିଲ୍ମରୁ ସୁପରଷ୍ଟାରଙ୍କ ଫି' ବାବଦରେ ଜଣାପଡ଼ିଛି। ତେବେ ରଜନୀକାନ୍ତ ଏହି ଫିଲ୍ମ ପାଇଁ ୨୬୦-୨୮୦ କୋଟି ଟଙ୍କା ଦାବି କରିଛନ୍ତି। ଏହି ଫି' ତାଙ୍କୁ ଏସିଆର ସର୍ବାଧିକ ପାରିଶ୍ରମିକପ୍ରାପ୍ତ ଅଭିନେତା ଭାବେ ପରିଣତ କରିଛି। ଫିଲ୍ମଟି ସନ୍ ପିକ୍ଚର୍ସ ଦ୍ୱାରା ନିର୍ମିତ ହେଉଛି, ଯାହା ରଜନୀକାନ୍ତଙ୍କ 'ଜେଲର୍'କୁ ମଧ୍ୟ ନିର୍ମାଣ କରିଥିଲା।

'ଜେଲର' ୨୨୫ କୋଟି ଟଙ୍କା ବଜେଟରେ ନିର୍ମିତ ହୋଇଥିବାବେଳେ ଚଳଚ୍ଚିତ୍ର ୬୦୫ କୋଟି ଟଙ୍କା ରୋଜଗାର କରିଛି। ତେବେ ରଜନୀକାନ୍ତ ୧୯୭୫ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରଠାରୁ ସେ ପ୍ରଶଂସକଙ୍କୁ ଅନେକ ଫିଲ୍ମ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ 'ଜେଲର' ଫିଲ୍ମରେ ଦେଖିବାକୁ ମିଳିଥିଲା।



## ଛାଡ଼ପତ୍ର ପାର୍ଟିରେ ୪ ଲକ୍ଷ ଟଙ୍କା ଖର୍ଚ୍ଚ

**ବ୍ରାସିଲିଆ:** ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କବିଶ୍ୱାସ, ଭରସାରେ ବନ୍ଧା ହୋଇଥାଏ। ଯଦି ସେଥିରେ ଟିକେ କିଛି ଆଞ୍ଚ୍ ଆସିଲା ତେବେ ସେ ସମ୍ପର୍କ ଭାଙ୍ଗିଯାଏ। ଏହାପରେ ବିବାହରେ ଛାଡ଼ପତ୍ର ଦିଆଯାଇଥାଏ। ଭାରତୀୟ ପରମ୍ପରାରେ ଏହା ଏକ କଷ୍ଟଦାୟକ। ହେଲେ ଏବେ ଏହା ସାଧାରଣ ହୋଇଗଲାଣି। ତେବେ ବ୍ରାଜିଲ୍‌ର ଜଣେ ମଡେଲ ତାଙ୍କ ବିବାହ ବିଚ୍ଛେଦ ଖୁସିରେ ପାର୍ଟି ଦେଇଥିବା ଜଣାପଡ଼ିଛି। ୨୪ ବର୍ଷୀୟା ଲାରିସା ସଉପାନି ନାମ୍ନୀ ଜଣେ ମଡେଲଙ୍କ ସୋସିଆଲ ମିଡିଆରେ ଅନେକ ଫଲୋୟର୍ସ ଅଛନ୍ତି। ସେ ସବୁବେଳେ ତାଙ୍କ ଜୀବନ କାହାଣୀକୁ ସୋସିଆଲ ମିଡିଆରେ ଶେୟାର କରିଥାନ୍ତି। ଅକ୍ଟୋବର ୩୧ରେ ସେ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିବା କହିଛନ୍ତି। ରିପୋର୍ଟ ମୁତାବକ, ସେ ବିବାହର ମାତ୍ର ୬ ମାସ ଭିତରେ ତାଙ୍କ ସ୍ୱାମୀଙ୍କୁ ସେ ଛାଡ଼ପତ୍ର ଦେଇଦେଇଛନ୍ତି। ପୂର୍ବରୁ ଦୁହେଁ ୩ ବର୍ଷ ଏକାଠି ଥିଲେ। ତାଙ୍କ ଛାଡ଼ପତ୍ର ପରେ ଲାରିସା ଏକ ପାର୍ଟି ବି ରଖିଥିଲେ, ଯେଉଁଥିରେ ସେ ତାଙ୍କ ସାଙ୍ଗମାନଙ୍କୁ ବି ଡାକିଥିଲେ। ଲାରିସା ଏକ କେକ୍ ଫଟୋ ପୋଷ୍ଟ କରିଥିଲେ, ଯେଉଁଥିରେ 'ନ୍ୟୁଲି ଡାଇଭର୍ସ' ବୋଲି ଲେଖାଥିଲା। ଏବେ ସେ ସମ୍ପୂର୍ଣ୍ଣ ଭାବେ ଏକା। ତେବେ ଲାରିସା ଏହି ପାର୍ଟିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି।



## ୬ ସ୍ତ୍ରୀଙ୍କ ପାଇଁ ସୁନାର ଖଟ

**ବ୍ରାସିଲିଆ:** ବର୍ତ୍ତମାନ ସମୟରେ ମଣିଷ ଗୋଟେ ବିବାହ କରି ମଧ୍ୟ ଅନେକ ଅସୁବିଧା ଭୋଗୁଛି। ଜିନିଷର ଚାହିଦା ଏତେ ବଢ଼ିଗଲାଣି ଯେ ସ୍ତ୍ରୀର ସଉକ ବହୁତ ମୁସ୍କିଲରେ ପୂରଣ ହୋଇପାରୁଛି। ହେଲେ ଜଣେ ବ୍ୟକ୍ତି ୬ ଜଣଙ୍କୁ ବିବାହ କରି ତାଙ୍କ ସଉକ ପୂରଣ କରୁଛନ୍ତି। ରିପୋର୍ଟ ମୁତାବକ, ବ୍ରାଜିଲ୍‌ର ଅର୍ଥର୍ ଓ ଅର୍ସୋ ସେତେବେଳେ ଚର୍ଚ୍ଚାକୁ ଆସିଲେ, ଯେତେବେଳେ ସେ ଗୋଟିଏ ମଣ୍ଡପରେ ଏକାସାଙ୍ଗରେ ୯ ଜଣଙ୍କୁ ବିବାହ କଲେ। ହେଲେ ବିବାହର କିଛିଦିନ ପରେ ୩ ସ୍ତ୍ରୀ ତାଙ୍କଠାରୁ ଛାଡ଼ପତ୍ର ନେଇଯାଇଥିଲେ। ଏବେ ଅର୍ସୋ ତାଙ୍କ ୬ ସ୍ତ୍ରୀଙ୍କୁ ଖୁସିରେ ରଖିବାକୁ ପ୍ରଚେଷ୍ଟା ଚଳାଇଛନ୍ତି, ଯେପରି ସେମାନେ ତାଙ୍କୁ ଛାଡ଼ି ଯିବେନି। ସେ ତାଙ୍କ ୬ ସ୍ତ୍ରୀଙ୍କ ପାଇଁ 'ଲଭ୍ ମାନଶନ' ତିଆରି କରିଛନ୍ତି, ଯେଉଁଥିରେ ପାଖାପାଖି ୨୦ କ୍ୟାମେରା ରହିଛି। ଗୋଟେ ବିଶାଳ ଖଟ ଅଛି, ଯାହା ସୁନାରେ ପ୍ରସ୍ତୁତ ହୋଇଛି। ଯଦି ଅର୍ସୋ ତାଙ୍କ ସ୍ତ୍ରୀମାନଙ୍କୁ ଏପରି ବିଶାଳପୂର୍ଣ୍ଣ ଜୀବନ ନ ଦେବେ, ତେବେ ସେମାନେ କାଳେ ତାଙ୍କୁ ଛାଡ଼ିଦେବେ। ଅର୍ସୋଙ୍କୁ ସେହି ଡର ରହିଛି। ଅର୍ସୋଙ୍କ ଏପରି ବିଶାଳପୂର୍ଣ୍ଣ ମହଲର ନାମ 'ମାନସାଓ ଡୋ ଆମୋର ଲିଭ୍‌ରେ।' ଏହାର ଅର୍ଥ ମାଗଣାରେ ପ୍ରେମର ବଙ୍ଗଳା। ୮୦୦ ବର୍ଗଫୁଟ କ୍ଷେତ୍ରରେ ପ୍ରସ୍ତୁତ ଏହି ମହଲରେ ଅନେକ ସୁବିଧା ଉପଲବ୍ଧ ରହିଛି। ଏଥିରେ ଥିବା ଏକ ଖଟକୁ ଅର୍ସୋ ସ୍ୱତନ୍ତ୍ର ଭାବେ ମଗାଇଥିଲେ, ଯେଉଁଥିରେ ଅଧା କିଲୋର ସୁନା ଲାଗିଥିଲା। ଏହି ଖଟ ଏତେ ବଡ଼ ଯେ ଅର୍ସୋ ତାଙ୍କ ୬ ସ୍ତ୍ରୀଙ୍କ ସହିତ ଆରାମରେ ଶୋଇପାରିବେ। ଏଥିସହ ତାଙ୍କର ଏହି ମହଲରେ ଜିମ୍ ସ୍ପେସ୍, ଗେମିଂ ରୁମ୍, ମିନି ଗଲ୍ଫ କୋର୍ସ, ବ୍ୟୁଟି ରୁମ୍ ଆଦି ଅନେକ ସୁବିଧା ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୫/୨୦୨୩ Bhubaneswar, Sunday, November 5/2023

# ନେପାଳ ଭୂକମ୍ପ: ୧୫୭ ମୃତ



## ■ ଶତାଧିକ ଘର ମାଟିରେ ମିଶିଲା
## ■ ଉଦ୍ଧାର କାର୍ଯ୍ୟରେ ସେନା

କାଠମାଣ୍ଡୁ,୪।୧୧(ପି.ଟି.)

ନେପାଳର ପଶ୍ଚିମ ପାର୍ବତ୍ୟାଞ୍ଚଳରେ ଶୁକ୍ରବାର ରାତି ୧୧ଟା ୪୭ ମିନିଟ୍‌ରେ ପ୍ରଳୟଙ୍କରୀ ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୧୫୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୬.୪ ଥିଲା। ୨୦୧୫ ପରେ ଏହା ନେପାଳରେ ସବୁଠୁ ବିପର୍ଯ୍ୟୟ ସୃଷ୍ଟିକାରୀ ଭୂକମ୍ପ। ଏହାର ପ୍ରଭାବରେ ଶହ ଶହ ଘର ମାଟିରେ ମିଶିଯାଇଛି। ଭୂକମ୍ପ ଝଟ୍‌କା ଦିଲ୍ଲୀ ସମେତ ଉତ୍ତର ଭାରତରେ ଅନୁଭୂତ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୫ରେ ଅନୁଭୂତ ହୋଇଥିବା ଭୂକମ୍ପରେ ୯,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୨୨ ହଜାରରୁ ଅଧିକ ଆହତ ହୋଇଥିଲେ।

ଜାତୀୟ ଭୂକମ୍ପ ପର୍ଯ୍ୟବେକ୍ଷଣ ଓ ଗବେଷଣା ସେଣ୍ଟରର ସୂଚନା ଅନୁଯାୟୀ କାଠମାଣ୍ଡୁଠାରୁ ୫୦୦ କିଲୋମିଟର ଉତ୍ତରରେ ଜାଜରକୋଟ ଜିଲା ଭୂକମ୍ପର କେନ୍ଦ୍ରସ୍ଥଳ। ଏହାର ପ୍ରଭାବ ରାଜଧାନୀ କାଠମାଣ୍ଡୁ ଓ ଏହାର ପାର୍ଶ୍ୱବର୍ତ୍ତୀ ଜିଲାଗୁଡ଼ିକରେ ଅନୁଭୂତ ହୋଇଥିଲା। ଜାଜରକୋଟ ଏବଂ ରୁକୁମ ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସେନା ଓ ନେପାଳ ପୋଲିସକୁ ନିୟୋଜିତ କରାଯାଇଛି। ଉଦ୍ଧାରକାରୀ ଟିମ୍ ଘରଗୁଡ଼ିକର ଭଗ୍ନାବଶେଷ ଖୋଳି ତା' ଭିତରୁ ଜୀବିତଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଚଳାଇଛନ୍ତି। ମୃତକଙ୍କ ମଧ୍ୟରେ ଜାଜର ଜିଲା ନାଲଗାଡ଼ ମ୍ୟୁନିସିପାଲିଟି ଡେପୁଟି ମେୟର ସରିତା ସିଂ ଅଛନ୍ତି। ଗତ ରାତିରେ ଭୂକମ୍ପ ପରେ ୧୫୯ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିବା ଜାତୀୟ ଭୂକମ୍ପ ପର୍ଯ୍ୟବେକ୍ଷଣ ଓ ଗବେଷଣା କେନ୍ଦ୍ର ରିପୋର୍ଟରେ କୁହାଯାଇଛି। ଅଧିକାଂଶ ଲୋକେ ଭୟରେ ଖୋଲା ଆକାଶ ତଳେ ରାତି ବିତାଇଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଗୁପ୍ତ ପାଣ୍ଠି







ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ନଭେମ୍ବର, ୨୦୨୩

## ପ୍ରଶାନ୍ତ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ଉପସଭାପତି

ପଦ୍ମପୁର,୪।୧୧(ପ୍ରଶାନ୍ତ କର)-ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ଭାବେ ପ୍ରଶାନ୍ତ କୁମାର କରଙ୍କୁ ମନୋନୀତ କରାଯାଇଛି। ଭୁବନେଶ୍ୱର ସତ୍ୟନଗରସ୍ଥିତ ଡାକବଙ୍ଗଳାଠାରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତିକ୍ରମେ ପ୍ରଶାନ୍ତଙ୍କୁ ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି। ଏ ନେଇ ସଂଘର ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାକୁର ଘରେ କିଏ
ନା ମୁଁ କଦଳୀ ଖାଇନାହିଁ।**

ଗୋଟିଏ କଥା ପଚାରିବସିଲେ ଅଜାଣତରେ ସତ କଥାର ପରିପ୍ରକାଶ। ଅପରାଧୀର ମନ ସଦାବେଳେ ଶଙ୍କାଗ୍ରସ୍ତ। ଚୋରକୁ କେହି ପ୍ରଶ୍ନ କରିବା ଆଗରୁ ସେ ନିର୍ଦ୍ଦୋଷ ବୋଲି କହି ଦୋଷୀ ସାବ୍ୟସ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠିକି ନ ଶିଖିଲେ
ମଣିଷ ପଶୁ।**

ମଣିଷ ମାତ୍ରକେ ଭୁଲ୍। ତେବେ ନିଜ ଭୁଲ୍‌ରୁ ମଣିଷ କିଛି ଶିଖିଥାଏ ବା ଅଭିଜ୍ଞତା ହାସଲ କରି ନିଜ ଭୁଲ୍‌କୁ ସୁଧାରିଥାଏ। କିନ୍ତୁ ଯେଉଁ ମଣିଷ ନିଜ ଭୁଲରୁ କିଛି ଶିକ୍ଷା କରି ନ ଥାଏ ସେ ମଣିଷ ହେବାକୁ ଅଯୋଗ୍ୟ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଟୁଟୁ ନାୟକ ଗିରଫ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କୌଣସି ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବେ। ବିବାଦୀୟ ପରିସ୍ଥିତିରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ।

**ବୃଷ** କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ସାମାଜିକ ସ୍ତରରେ ସଭା ସମିତିରେ ପ୍ରଶଂସିତ ହେବେ। ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍‌ସିପରୁ ଖୁସି ରହିବେ।

**ମିଥୁନ** ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି, ସେଥିରେ ବିଳମ୍ବରେ ସଫଳତା ପାଇବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ** ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ମଘା ନକ୍ଷତ୍ରର ଅତୀତର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା** ଆକସ୍ମିକ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଠିକଣା ଜାଗାରେ ପ୍ରିୟ ଲୋକଟିକୁ ନ ପାଇ ବ୍ୟସ୍ତ ହୋଇ ପଡିବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆର୍ଥିକ ଅନଟନ ହେତୁ ବିଭିନ୍ନ ପ୍ରକାରର ଯୋଜନା କରିବେ।

**ତୁଳା** ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିସ୍ଥିତିକୁ ଲକ୍ଷ୍ୟ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସଭାସମିତିରେ ଯୋଗ ଦେଇ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା** ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ବନ୍ଧୁମାନଙ୍କ ସାହାଯ୍ୟରୁ ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆଲୋଚନା କାଳରେ ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ପାରିବାରିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମକର** ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଫିସ୍ କାମରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ବିବାଦୀୟ ସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଟେନ୍‌ସନ୍ କମିଯିବ ଓ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରନ୍ତି। ବିଭିନ୍ନ ପ୍ରକାରର ଭୋଗ ବିଳାସରେ ବାଧାବିଘ୍ନ ଘଟିପାରେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ।

ଆଜି କାର୍ତ୍ତିକ କୃଷ୍ଣ ଅଷ୍ଟମୀ ରବିବାର, ନଭେମ୍ବର ୫ ତାରିଖ, ରାଶିନକ୍ଷତ୍ର, ଦିବା ଘ.୧୦।୨୯ ଗତେ, ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୩୮ ଗତେ ଘ.୦୮।୫୨ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୩।୪୨ ଗତେ ଘ.୦୫।୦୭ ମଧ୍ୟେ ରାହୁକାଳ।

# ଆଇଓସିଏଲ୍ ପାଇପ୍ ଲାଇନରେ ଫାଟ



### ହଜାରରୁ ଊର୍ଦ୍ଧ୍ୱ ଲିଟର ଡିଜେଲ ମାଟିରେ ମିଶିଲା

ଆଳି,୪।୧୧ (ବନମାଳୀ ସେନାପତି)

ପାରାଦୀପରୁ ପଶ୍ଚିମବଙ୍ଗର ହଳଦିଆ ପର୍ଯ୍ୟନ୍ତ ଯାଇଥିବା ଆଇଓସିଏଲ୍‌ର ପାଇପ୍ ଲାଇନରେ ଫାଟ ସୃଷ୍ଟି ହେବା ଯୋଗୁ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ଭେଡାଠାରେ ଅନେକ ହଜାର ଲିଟର ଡିଜେଲ ମାଟିରେ ଭାସୁଛି। କମ୍ପାନୀ କର୍ତ୍ତୃପକ୍ଷ ଏ କଥା ଜାଣିବା ପରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଶନିବାର ମରାମତି ଆରମ୍ଭ କରିଛନ୍ତି। ନରେନ୍ଦ୍ରପୁର ଭେଡାଜମି ଦେଇ ପାରାଦୀପରୁ ହଳଦିଆ ଯାଇଥିବା ପାଇପ୍ ଲାଇନରେ ଶୁକ୍ରବାର ରାତିରେ ଫାଟ ସୃଷ୍ଟି ହୋଇଥିଲା। ସକାଳୁ ସ୍ଥାନୀୟ ଲୋକେ ଏନେଇ ଆଇଓସିଏଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଆଇଓସିଏଲ୍ ଅଧିକାରୀମାନେ ମରାମତି କାର୍ଯ୍ୟ ଆରମ୍ଭ କରି ଭାସୁଥିବା ଡିଜେଲକୁ ସଂଗ୍ରହ କରି ଟ୍ୟାଙ୍କର ସାହାଯ୍ୟରେ କମ୍ପାନୀକୁ ନିଆଯାଇଥିଲା। ନିକଟରେ ଚାଷଜମି ଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବିଭାଗୀୟ କର୍ତ୍ତୃପକ୍ଷଙ୍କ ତୁରନ୍ତ ପଦକ୍ଷେପ ଯୋଗୁ ଲୋକେ ଏକ ବଡ଼ ବିପଦରୁ ରକ୍ଷା ପାଇଛନ୍ତି ବୋଲି ଆଲୋଚନା ହେଉଛି।

# ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଉପରେ ରହିତାଦେଶ

### ୩୦ ଦିନରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କଟକ,୪।୧୧ (କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ରବିବାର ହୋଇଥାନ୍ତା। ହେଲେ ତା'ପୂର୍ବରୁ ନିର୍ବାଚନ ଉପରେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶନିବାର ରହିତାଦେଶ ଜାରି କରାଯାଇଛି। ରବିବାର ହେବାକୁ ଥିବା ଏହି ନିର୍ବାଚନ ଉପରେ ରହିତାଦେଶ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ର ଏନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ନିରପେକ୍ଷ ଭାବେ ହେଉ ନ ଥିବା ଦର୍ଶାଇ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଅଧ୍ୟକ୍ଷ ମିଶ୍ର ପରିଷଦ ନିର୍ବାଚନ ଉପରେ ରହିତାଦେଶ ଜାରି କରିବା ସହ ଅଭିଯୋଗର ନିରପେକ୍ଷ ତଦନ୍ତ ଆଦେଶ ଦେଇଛନ୍ତି। ତଦନ୍ତ କମିଟିରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷ ରହିବେ ଓ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆରୁ ଦୁଇଜଣ ସଦସ୍ୟ ମଧ ରହିବେ। ଆସନ୍ତା ୩୦ ଦିନ ମଧ୍ୟରେ କମିଟି ତଦନ୍ତ ଶେଷ କରି ରିପୋର୍ଟ ପ୍ରଦାନ କରିବ। ତଦନ୍ତ କମିଟିର ରିପୋର୍ଟ ଆଧାରରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ନିମନ୍ତେ ନୂଆ ତାରିଖ ଘୋଷଣା କରାଯିବ। ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆରେ ହୋଇଥିବା ଅଭିଯୋଗ ଅନୁସାରେ ଓଡ଼ିଶାରୁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆକୁ ପ୍ରତିନିଧିତ୍ୱ କରିବା ପାଇଁ ରବିବାର ହେବାକୁ ଥିବା ନିର୍ବାଚନ ନିମନ୍ତେ ଭୋଟରଙ୍କୁ ଅର୍ଥ ପ୍ରଦାନ କରାଯାଉଛି। ସେମାନଙ୍କ ପାଇଁ ନାମୀଦାମୀ ହୋଟେଲ୍ ବୁକ୍ କରାଯାଇ ପ୍ରଭାବିତ କରାଯାଉଛି। ଏପରି କ୍ଷେତ୍ରରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# 'ଢେଙ୍କାନାଳ ଲକ୍ଷ୍ମୀପୂଜା ଦେଶବ୍ୟାପୀ ପ୍ରସିଦ୍ଧ'

ଢେଙ୍କାନାଳ,୪।୧୧ (ରତନ ନାୟାର)


ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରା ଖାଉଛନ୍ତି।

ଢେଙ୍କାନାଳର ଲକ୍ଷ୍ମୀପୂଜା, ଗଡ଼ଜାତ ଆନ୍ଦୋଳନ ଦେଶବ୍ୟାପୀ ପ୍ରସିଦ୍ଧ। ରଥଯାତ୍ରାଠାରୁ ଆରମ୍ଭ କରି ଦୀପାବଳି ପର୍ଯ୍ୟନ୍ତ ଓଡ଼ିଶା ପର୍ବପର୍ବାଣିରେ ଉତ୍ସବ ମୁଖର ହୋଇଥାଏ। ଢେଙ୍କାନାଳ ଜିଲା ଏଥିରେ ସାମିଲ ହୋଇ ଏହାର ନେତୃତ୍ୱ ନେଇଥାଏ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଢେଙ୍କାନାଳର ଶ୍ରୀ ଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାରର ହୀରକ ଜୟନ୍ତୀ ଉତ୍ସବର ଶନିବାର ୬ଷ୍ଠ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ଜିଲାର ଉତ୍ପାଦିତ ସାମଗ୍ରୀ କଂସା ବାସନ ସହିତ ହସ୍ତଶିଳ୍ପ ଓ ଢେଙ୍କାନାଳର ବରା ଏବଂ ଗୋବିନ୍ଦପୁର ରସଗୋଲାର ପ୍ରଚାର ପ୍ରସାର ହୋଇପାରିଲେ ଏଠାକାର ଅର୍ଥନୀତିର ବିକାଶ ହେବ। ଏହାପରେ ଗଣେଶ ବଜାର ପୂଜା କମିଟିର ହୀରକ ଜୟନ୍ତୀ ଉପଲକ୍ଷେ ଏକ ସ୍ମରଣିକାକୁ କେନ୍ଦ୍ରମନ୍ତ୍ରୀ ଉନ୍ମୋଚନ କରିଥିଲେ। ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ବିଶ୍ୱନାଥ ବେହେରା, କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ, ସତ୍ୟ ନାରାୟଣ କର ଉପସ୍ଥିତ ଥିଲେ।

### ପୂଜା ବୁଲିଲେ, ବରା ଖାଇଲେ ଧର୍ମେନ୍ଦ୍ର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସନ୍ଧ୍ୟାରେ ଢେଙ୍କାନାଳ ଲକ୍ଷ୍ମୀପୂଜା ବୁଲି ଦେଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଗଣେଶ ବଜାର, ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ପୂଜା ଅନୁଷ୍ଠାନ ବୁଲି ମା'ଙ୍କ ଆଳତି ଓ ପୂଜାର୍ଚ୍ଚନା କରିଥିଲେ। ଏଥିସହିତ ଗଣେଶ ବଜାରଠାରେ ଢେଙ୍କାନାଳର ପ୍ରସିଦ୍ଧ ବରା ମଧ ଖାଇଥିଲେ।

# ଜେଇ(ସିଭିଲ)-୨୦୨୨ ଚୂଡ଼ାନ୍ତ ଫଳ ପ୍ରକାଶ

ଭୁବନେଶ୍ୱର, ୪।୧୧(ଅସମାପିକା ସାହୁ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍ଏସ୍‌ସି) ପକ୍ଷରୁ ଶନିବାର ଜେଇ(ସିଭିଲ)-୨୦୨୨ ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ପ୍ରଥମ ର୍ୟାଙ୍କ୍‌ରେ ଗଞ୍ଜାମର ଶ୍ରୀକାନ୍ତ ଗୌଡ଼ ଥିବାବେଳେ ଦ୍ୱିତୀୟରେ କୋରାପୁଟର ସୁଚିତ୍ରା ସାହୁ ଏବଂ ତୃତୀୟରେ ବାଲେଶ୍ୱରର ଅରୁଣ କୁମାର ଜେନା ରହିଛନ୍ତି। ୧୦୦୮ଟି ପଦବୀ ପାଇଁ ପରୀକ୍ଷା ହୋଇଥିଲା। ୯୫୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ରେଜଲ୍ଟ ସମ୍ପର୍କରେ ଅଧିକ ତଥ୍ୟ ଓଏସ୍ଏସ୍‌ସି ୱେବ୍‌ସାଇଟ୍ www.ossc.gov.inରେ ଉପଲବ୍ଧ ରହିଛି।

# ଜାନୁୟାରୀ ୨୧ରେ ସିଟିଇଟି

ଭୁବନେଶ୍ୱର, ୪।୧୧

(ଅସମାପିକା ସାହୁ)- କେନ୍ଦ୍ରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ସିଟିଇଟି) ଆସନ୍ତା ବର୍ଷ ଜାନୁୟାରୀ ୨୧ ରବିବାରରେ ଅନୁଷ୍ଠିତ ହେବ। ଏଥିପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଚ୍ଛୁକ ପ୍ରାର୍ଥୀ ସିଟିଇଟିର ଅଫିସିଆଲ ୱେବ୍‌ସାଇଟ୍‌ରେ ଆସନ୍ତା ୨୩ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଆବେଦନ ସମୟ ମଧ୍ୟରେ ଆବଶ୍ୟକ ଫି' ଦେବାକୁ ପଡ଼ିବ ବୋଲି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ସମଗ୍ର ଦେଶର ୧୩୫ଟି ସହରରେ ୨୦ଟି ଭାଷାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ସିଟିଇଟି ୱେବସାଇଟ୍‌ରେ ପରୀକ୍ଷା ସମ୍ବନ୍ଧିତ ସମସ୍ତ ସୂଚନା, ସିଲାବସ୍, ଭାଷା, ପରୀକ୍ଷା ଦେୟ, ଯୋଗ୍ୟତା ଆଦି ସମ୍ପର୍କରେ ସବିଶେଷ ତଥ୍ୟ ଉଲ୍ଲେଖ ରହିଛି। ସିଟିଇଟି ପରୀକ୍ଷା ଦେବାକୁ ଇଚ୍ଛୁକ ଥିବା ପ୍ରାର୍ଥୀମାନେ ସିଟିଇଟି ପାଇଁ ଆବେଦନ କରିବା ପୂର୍ବରୁ ୱେବ୍‌ସାଇଟରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଡାଉନ୍‌ଲୋଡ୍ କରି ତାହାକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଇଛି।

# ଦକ୍ଷତା ବିକାଶ କେନ୍ଦ୍ରରେ କଶ୍ମୀର ଉପରାଜ୍ୟପାଳ



ଭୁବନେଶ୍ୱର,୪।୧୧ (ଅନିଲ ଦାସ)

ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଶନିବାର ଦକ୍ଷତା ବିକାଶ ବିଭାଗର ଏକ ଟିମ୍ ସହ ଭୁବନେଶ୍ୱରସ୍ଥିତ ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଡିଆଇ-ବି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ସହ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ଅନୁଷ୍ଠାନ ସମ୍ପର୍କରେ ତାଙ୍କ ନିକଟରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଆଯାଇଥିବା ଉତ୍ତମ ଭିତ୍ତିଭୂମି ଏବଂ ପ୍ରଶିକ୍ଷଣ ପାଠ୍ୟକ୍ରମକୁ ସିହ୍ନା ପ୍ରଶଂସା କରିଥିଲେ। ଭାରତ ସରକାରଙ୍କ କୌଶଳ ବିକାଶ କେନ୍ଦ୍ର ଓଡ଼ିଶାର ଯୁବପିଢ଼ିଙ୍କ ଆକାଂକ୍ଷା ପୂରଣ କରିବ ବୋଲି ସେ କହିଥିଲେ। ଜମ୍ମୁ-କଶ୍ମୀର ସରକାରଙ୍କ ଦକ୍ଷତା ବିକାଶ ଟିମ୍ ବିଭିନ୍ନ ପରୀକ୍ଷାଗାର, ଶ୍ରେଣୀଗୃହ ଓ କର୍ମଶାଳା ଇତ୍ୟାଦି ବୁଲି ଦେଖିଥିଲେ। ଅନୁଷ୍ଠାନର ସ୍ମାର୍ଟ କ୍ଲାସ୍‌ରୁମ୍, ୱାଇ-ଫାଇ ଆକ୍ସେସ୍, ଡିଜିଟାଲ ଲର୍ନିଂ ପ୍ଲାଟ୍‌ଫର୍ମ ଏବଂ ସେଣ୍ଟର ଅଫ୍ ଏକ୍ସଲେନ୍ସି ଭଳି ଅତ୍ୟାଧୁନିକ ସୁବିଧା ଥିବା ଏହି ମେଗା ମଡେଲ ଆବାସିକ ଦକ୍ଷତା ବିକାଶ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ପରିଦର୍ଶନ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ପାଇଁ ପୃଥକ୍ ଛାତ୍ରାବାସ, ଏକାଡେମିକ ବ୍ଲକ୍, ୱାର୍କଶପ, ଓପନ ଏୟାର ଥିଏଟର, ଖେଳ ପଡ଼ିଆ, ଅଧ୍ୟାପକ ବ୍ଲକ, ଷ୍ଟାଫ୍ ହଷ୍ଟେଲ, ଅଡିଟୋରିୟମ, ଆଡମିନ ବ୍ଲକ ଓ ଗେଷ୍ଟହାଉସ୍ ଭଳି ସୁବିଧାକୁ ଦେଖି ମଧ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ କରିବା ପାଇଁ ସ୍କିଲ୍ ମାଧ୍ୟମରେ ପ୍ରଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବା ଉପରେ ଥିବା ପ୍ରତିବଦ୍ଧତାକୁ ଜାଣି ଟିମ୍‌ର ପ୍ରତିନିଧିମାନେ ଖୁସି ହୋଇଥିଲେ। ତୈଳ ଓ ଗ୍ୟାସ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ପ୍ରମୁଖ ପ୍ରକଳ୍ପ ଅନ୍ତର୍ଗତ ଏହି ଅନୁଷ୍ଠାନ ଅସହାୟ ଓ ବେକାର ଯୁବକମାନଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଦିଗରେ ସ୍ଥାପନ କରାଯାଇଛି।

# ସାଲୁଗା ପ୍ରଧାନ କନ୍ଧମାଳ ଜିଲା ସଭାପତି

### ବିଜେଡି ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୪।୧୧(ଅନିଲ ଦାସ)

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ କରିଛନ୍ତି। ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ ବିଜେଡି କନ୍ଧମାଳ ଜିଲା ସଭାପତି ଭାବେ ନିଯୁକ୍ତି ଦେଇଥିବା ବେଳେ ରାଜୀବ ପାତ୍ରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ସରୋଜ କାନ୍ହାଙ୍କୁ ବିଜେଡିସାଧାରଣ ସମ୍ପାଦକ, କ୍ଳେଶ ପ୍ରଧାନଙ୍କୁ ଜି. ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ, ଅଜୟ ମହାରଣାଙ୍କୁ ବାଲିଗୁଡ଼ା ଏବଂ କିଶୋର ଛୋଟରାୟଙ୍କୁ ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଟୁନା ଦାସଙ୍କୁ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅନିମା କଅଁରଙ୍କୁ କନ୍ଧମାଳ ଜିଲା ବିଜୁ ମହିଳା ଜନତା ଦଳର ସଭାପତି ଏବଂ ସଂଯୁକ୍ତା ଦାସଗୁପ୍ତାଙ୍କୁ କନ୍ଧମାଳ ଜିଲା ବିଜୁ ମହିଳା ଜନତା ଦଳ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଶନିବାର ବିଜେଡି ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ହଷ୍ଟେଲରେ ଶୋଇଥିବା ଛାତ୍ରୀଙ୍କ ତଣ୍ଟି କାଟିଦେଲେ

ଅନୁଗୋଳ,୪।୧୧ (ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ଏକ ଲେଡିଜ ହଷ୍ଟେଲରେ ଶୁକ୍ରବାର ରାତିରେ ସହପାଠିନୀଙ୍କ ସହ ଶୋଇଥିବା ଜଣେ ଯୁକ୍ତ ୨ ଛାତ୍ରୀଙ୍କ ତଣ୍ଟିକୁ କେହି ଧାରୁଆ ଅସ୍ତ୍ରରେ କାଟି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଛାତ୍ରୀଙ୍କୁ ତୁରନ୍ତ ହଷ୍ଟେଲ କର୍ତ୍ତୃପକ୍ଷ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେବା ପରେ ସେ ଶନିବାର ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସହର ଉପକଣ୍ଠରେ ଥିବା ଏକ ଘରୋଇ କଲେଜର ଲେଡିଜ ହଷ୍ଟେଲରେ କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ରହୁଛନ୍ତି। ଶୁକ୍ରବାର ରାତିରେ ସେ ଅନ୍ୟ ୨ ସହପାଠିନୀଙ୍କ ସହ ରୁମ୍‌ରେ ଶୋଇଥିଲେ। ହେଲେ ରାତି ପ୍ରାୟ ୧୨ଟା ୧୫ରେ ତାଙ୍କ ତଣ୍ଟି କିଏ କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗ ପରେ ପୋଲିସ ଉକ୍ତ ହଷ୍ଟେଲକୁ ଯାଇ ତଦନ୍ତ କରିଥିଲା। ତେବେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରାଯାଇ ନ ଥିବାରୁ ତଦନ୍ତ ଆଗକୁ ବଢି ପାରୁ ନ ଥିବା ଥାନା ଅଧିକାରୀ ଧିରେସ ଦାସ ପ୍ରକାଶ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୫/୨୦୨୩ | Bhubaneswar, Sunday, November 5/2023 | ପୃଷ୍ଠା-୧


# ୨୮ରେ ରତ୍ନଭଣ୍ଡାର ଲେଜର ସ୍କାନିଂ

**ପୁରୀ, ୪।୧୧((ଅଜିତ୍ ମହାନ୍ତି)**



ଶ୍ରୀମନ୍ଦିର ରତ୍ନଭଣ୍ଡାରର ସ୍ଥିତି ଅନୁଧ୍ୟାନ ପାଇଁ ଲେଜର ସ୍କାନିଂ କରାଯିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ରତ୍ନଭଣ୍ଡାରର ପ୍ରକୃତ ସ୍ଥିତି କ'ଣ ରହିଛି, ତାହା ଜାଣିବା ପାଇଁ ଲେଜର ସ୍କାନିଂ କରାଯିବା ଲାଗି ଶନିବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ଲେଜର ସ୍କାନିଂ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ନୀତି ସବ୍‌କମିଟି ବୈଠକର ଏହି ପ୍ରସ୍ତାବକୁ ପରିଚାଳନା କମିଟିରେ ଅନୁମୋଦନ ମିଳିଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଏବେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବାରୁ ଆସନ୍ତା ୨୮ ତାରିଖ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣମୀ ପରଦିନଠାରୁ ଲେଜର ସ୍କାନିଂ କାର୍ଯ୍ୟ ଆରମ୍ଭ ହେବ। ପର୍ଯ୍ୟାୟକ୍ରମେ ଏହା କରାଯିବ। ରତ୍ନଭଣ୍ଡାର ବାହାର ପଟ ☞ପୃଷ୍ଠା-୪

## ଲେଜର ସ୍କାନିଂ କ'ଣ?

କୌଣସି ବସ୍ତୁର ପାରିପାର୍ଶ୍ୱିକ ସ୍ଥିତି ଜାଣିବା ପାଇଁ ବ୍ୟବହାର କରାଯାଉଥିବା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଉପକରଣକୁ ଲେଜର ସ୍କାନର କୁହାଯାଇଥାଏ। ତେବେ ଲେଜର ସ୍କାନିଂ ମୁଖ୍ୟତଃ ବସ୍ତୁର ପ୍ରତ୍ୟେକ କ୍ଷେତ୍ରରେ ଥିବା ସେଲ୍‌ର ଇମେଜିଂ ଓ ଯାନ୍ତ୍ରିକ ଲକ୍ଷଣକୁ ପୁଙ୍ଖାନୁପୁଙ୍ଖ ଭାବେ ଦର୍ଶାଇଥାଏ। ଏମ୍ବେଡ୍ ହୋଇଥିବା ଲେଜର ମାର୍କିଂ ସ୍କାନିଂ କଣ୍ଟ୍ରୋଲ୍ ସିଷ୍ଟମଗୁଡ଼ିକ ସାଧାରଣତଃ ଟେକ୍ସଟ୍ ଉତ୍ପାଦନ ଓ ପ୍ରକ୍ରିୟାକରଣ ସମୟରେ ବସ୍ତୁର ଉନ୍ନତ ଟ୍ରାକିଂ ଏବଂ ସ୍ୱୀକୃତି ସୂଚାଇଥାଏ। ଏହା ଲେଜର ମାର୍କିଂ, ଲେଜର ଖୋଦନ ଇତ୍ୟାଦିରେ ବହୁଳ ଭାବରେ ବ୍ୟବହୃତ ହୋଇଥାଏ। ଏହା ସହିତ ଏହା ଲେଜର ୱେଲ୍‌ଡିଂ, ମାଧ୍ୟାକର୍ଷଣ ପ୍ରିଣ୍ଟିଂ କିମ୍ବା କାନ୍ଥ ପରୀକ୍ଷଣ ପରି ପ୍ରୟୋଗ ପାଇଁ ମଧ୍ୟ ଏହାର ଉପଯୋଗିତା ରହିଛି।

## ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି କାର୍ତ୍ତିକେୟନ ପାଣ୍ଡିଆନ ଶନିବାର ସକାଳେ ପୁରୀ ଆସି ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପାଣ୍ଡିଆନ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ପାଣ୍ଡିଆନ ଓ ବିଧାୟକ ଦାସ ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ଠାରୁ ଅବଗତ ହୋଇଥିବା ବେଳେ ଡିସେମ୍ବର ୧୫ ସୁଦ୍ଧା କାର୍ଯ୍ୟ ଶେଷ ନେଇ ଦେଇଥିବା ସମୟ ଉପରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ସେଣ୍ଟରକୁ ଯାଇ ସେଠାରେ ହେଉଥିବା ନିର୍ମାଣ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ସେହିପରି ଜଗନ୍ନାଥ ବଲ୍ଲଭ ପାର୍କିଂ ସେଣ୍ଟରକୁ ସଂଯୋଗ କରୁଥିବା ଶ୍ରୀସେତୁର ☞ପୃଷ୍ଠା-୪

# ୨୧ରୁ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୪।୧୧(ଅନିଲ ଦାସ)**

ଷୋଡ଼ଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ । ଏହି ଅଧିବେଶନ ଡିସେମ୍ବର ୩୦ ଯାଏ ଚାଲିବ । ଶନିବାର ବିଧାନସଭା ସଚିବାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିଛି। ଏହି ଶୀତକାଳୀନ ଅଧିବେଶନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପସ୍ଥାପନ ହେବ । ଚଳିତ ବର୍ଷ ଶେଷ ୬୦ଟି କାର୍ଯ୍ୟ ଦିବସ ହେବାକୁ ଥିବା ବେଳେ ୩୦ଟି ବାକି ରହିଛି। ବର୍ଷ ଶେଷ ହେଉଥିବାରୁ ଉକ୍ତ ଅଧିବେଶନରେ ଏହାକୁ ପୂରଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ଆଜିର ମନ୍ତବ୍ୟ

"ଅଦାଲତ ରାୟକୁ ସିଧାସଳଖ ଖାରଜ କରାଯାଇପାରିବ ନାହିଁ। ନ୍ୟାୟ ବ୍ୟବସ୍ଥାରେ ରହିଥିବା ଅଭାବକୁ ଦୂର ଲାଗି ନୂଆ ଆଇନ କାର୍ଯ୍ୟକାରୀ କରିବା କ୍ଷମତା ବ୍ୟବସ୍ଥାପିକାର ରହିଛି।

**-ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ପ୍ରଧାନ ବିଚାରପତି**






ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। –ଶ୍ରୀଅରବିନ୍ଦ



# ଗୁପ୍ତ ପାଣ୍ଠି



## ଆକାର ପଟେଲ

ସୁପ୍ରିମକୋର୍ଟ(ଏସ୍‌ସି) ଇଲେକ୍ଟୋରାଲ ବଣ୍ଡ ଉପରେ ଶୁଣାଣି ଶେଷ କରିଛନ୍ତି ଏବଂ ଆଶା କରାଯାଉଛି ଖୁବ୍‌ଶୀଘ୍ର ଏ ସମ୍ପର୍କରେ ରାୟ ଦେବେ। ଆଶା କରାଯାଉଛି ବୋଲି କହିବାର କାରଣ ହେଉଛି ୨୦୧୭ ବଜେଟରେ ଏହି ଯୋଜନା ଅଣାଯିବା ପରେ ଏହା ବିରୋଧରେ ଏସ୍‌ସିରେ ପିଟିଶନ ଦାୟର ହେବାର ୬ ବର୍ଷ ହେଲା କୌଣସି ନିଷ୍କର୍ଷ ଆସିପାରିନାହିଁ। ଅନେକ ପାଠକ ଏହି ବଣ୍ଡ କ'ଣ ଓ ଏହାର ପୃଷ୍ଠଭୂମି ବିଷୟରେ ଜାଣିନାହାନ୍ତି। ତେବେ ବାସ୍ତବରେ ଇଲେକ୍ଟୋରାଲ ବଣ୍ଡ କ'ଣ ତାହା ଏହି ସ୍ତମ୍ଭରେ ସ୍ପଷ୍ଟ କରାଯାଇଛି। ସଂକ୍ଷେପରେ କହିବାକୁ ଗଲେ ଇଲେକ୍ଟୋରାଲ ବଣ୍ଡ ଯୋଜନା ଏକ ପଞ୍ଜୀକୃତ ରାଜନୈତିକ ଦଳକୁ ଗୁପ୍ତରେ ଅସୀମିତ ଅର୍ଥ ଦେବାକୁ ଅନୁମତି ଦେଇଛି। ଏହି ଯୋଜନା ବିଦେଶ ସରକାରଙ୍କ ସମେତ ଆପରାଧିକ ଗ୍ୟାଙ୍ଗ୍ ଏବଂ କର୍ପୋରେଟ ସଂସ୍ଥାଗୁଡ଼ିକୁ ରାଜନୈତିକ ଦଳକୁ ପ୍ରଭାବିତ କରିବା ଲାଗି ସୁଯୋଗ ଦେଇଛି। ଏହା ସ୍ପଷ୍ଟ ଯେ, ଇଲେକ୍ଟୋରାଲ ବଣ୍ଡ ଦ୍ୱାରା ଗୁପ୍ତରେ ଗୋଟିଏ ପାର୍ଟିକୁ ଅର୍ଥ ଦେବା ପାଇଁ ବାଟ ସହଜ କରିଦିଆଗଲା। ଭାରତରେ ୨୯ ସହରରେ ଥିବା ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏହି ବଣ୍ଡ ୧ କୋଟି ଟଙ୍କା ମୂଲ୍ୟ ଯାଏ ମିଳିବ। ଜଣେ ଦାତା ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ତାହାକୁ କିଣିପାରିବେ ଓ ତାଙ୍କ ଇଚ୍ଛା ମୁତାବକ ଯେକୌଣସି ପାର୍ଟି କିମ୍ବା ବ୍ୟକ୍ତିଙ୍କୁ ଦେଇପାରିବେ, ଯାହାକୁ ପରେ ସେ ତା' ବଦଳରେ ଟଙ୍କା ପାଇବେ ଓ ସେହି ବଣ୍ଡ ସବୁ ୧୫ ଦିନ ଯାଏ ବୈଧ ରହିବ।

୨୦୧୭ ବଜେଟର ୪ ଦିନ ପୂର୍ବରୁ ଜଣେ ଅମଲାତନ୍ତ୍ରୀ ସେତେବେଳର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲିଙ୍କ ପାଇଁ ପ୍ରସ୍ତୁତ ବକ୍ତବ୍ୟକୁ ଦେଖି କହିଥିଲେ, ଏଭଳି ଏକ ବୃହତ୍ ପରିବର୍ତ୍ତନ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅନୁମତି ଦରକାର ଥିଲା। କାରଣ ଇଲେକ୍ଟୋରାଲ ବଣ୍ଡ ଆରମ୍ଭ କରିବା ପାଇଁ ଆର୍‌ବିଆଇର ଆକ୍ଟରେ ପରିବର୍ତ୍ତନ ଆବଶ୍ୟକ ରହିଛି। ଅଧିକାରୀ ଜଣକ ଆକ୍ଟ ସହ ସମାନ୍ତରାଳ ଭାବେ ପରିବର୍ତ୍ତନ କରି ପ୍ରସ୍ତାବିତ ସଂଶୋଧନ ଚିଠା ପ୍ରସ୍ତୁତ କରିଥିଲେ ଏବଂ ଫାଇଲକୁ ଅର୍ଥମନ୍ତ୍ରୀଙ୍କୁ ଦେଖିବା ଲାଗି ପଠାଇ ଦିଆଯାଇଥିଲା। ସେହିଦିନ ଥିଲା ୨୮ ଜାନୁୟାରୀ ୨୦୧୭, ଶନିବାର। ସେହିଦିନ ଇମେଲ୍‌ରେ ଆର୍‌ବିଆଇ ୫ ଧାଡ଼ିଆ କମେଣ୍ଟ ଦେଇଥିଲା। ତାହାର ଉତ୍ତର ଆସିଲା ସୋମବାର, ଅର୍ଥାତ୍ ୩୦ ଜାନୁୟାରୀରେ। ଆର୍‌ବିଆଇ କହିଥିଲା, ଇଲେକ୍ଟୋରାଲ ବଣ୍ଡ ଆର୍‌ବିଆଇର ଅଧିକାର ବିରୋଧରେ ଥିଲା। ଏହିସବୁ ବଣ୍ଡ ଗୁପ୍ତ ରହୁଥିବାରୁ ତାହା ଭାରତର ନଗଦ କାରବାରର ବିଶ୍ୱାସକୁ କମ୍ କରିପାରେ। ଏହି ବିଷୟରେ ଆର୍‌ବିଆଇ ସ୍ପଷ୍ଟ କରିଥିଲା ଯେ,ଏହାକୁ ସଞ୍ଚାଳନ କରିବା ଲାଗି ଆଇନ ସଂଶୋଧନ କରିବା ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ୍ ଆଇନର ମୂଳ ସିଦ୍ଧାନ୍ତକୁ ଗମ୍ଭୀର ଭାବେ କ୍ଷୁଣ୍ଣ କରିବ। ଏଭଳି କରିବା ଦ୍ୱାରା ଏକ ଖରାପ ଉଦାହରଣ ସୃଷ୍ଟିହେବ। ଆର୍‌ବିଆଇର ଦ୍ୱିତୀୟ ଆପତ୍ତି ଥିଲା , ବଣ୍ଡର ମୂଳ କ୍ରେତା ପାର୍ଟିର ବାସ୍ତବ ଦାତା ହେବା ଦରକାର ପଡୁ ନ ଥିବାରୁ ବଣ୍ଡର ସ୍ୱଚ୍ଛତା ଲକ୍ଷ୍ୟ ହାସଲ ହୋଇ ନ ପାରେ। ଆର୍‌ବିଆଇ ମଧ୍ୟ କହିଥିଲେ, ଏହି ବଣ୍ଡଗୁଡ଼ିକ ବିୟରର ବଣ୍ଡ ଏବଂ ତାହାକୁ ବିତରଣ ବ୍ୟବସ୍ଥା ଦ୍ୱାରା ସ୍ଥାନାନ୍ତରିତ କରାଯାଇପାରେ। ଏଣୁ ଶେଷରେ କିଏ ବାସ୍ତବରେ ରାଜନୈତିକ ଦଳକୁ ବଣ୍ଡ ଦେଉଛନ୍ତି ତାହା ଜଣାପଡ଼ିବ ନାହିଁ। ତେବେ ଗୁଜରାଟର ଆଇଏଏସ୍ ଅଧିକାରୀ ହସମୁଖ ଅଧିଆ ଦୁଇଟି କାରଣରୁ ଆର୍‌ବିଆଇର ଆପତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ। ପ୍ରଥମତଃ, କରଦାତାଙ୍କ ଟଙ୍କାରୁ କେବଳ ଦାନଦେବା ନିଶ୍ଚିତ କରାଯାଉଥିବାବେଳେ ଦାତାଙ୍କର ପରିଚୟକୁ ଗୁପ୍ତ ରଖିବା ଉଦ୍ଦେଶ୍ୟରେ ପ୍ରି ପେଡ୍ ବଣ୍ଡର ପ୍ରସ୍ତାବିତ ପ୍ରକ୍ରିୟାକୁ ଆର୍‌ବିଆଇ ବୁଝିପାରି ନାହିଁ ବୋଲି ମନେହେଉଥିବା ସେ କହିଥିଲେ। ସେ କହିଥିଲେ, ମୂଳ କ୍ରେତାଙ୍କୁ ସେମାନଙ୍କର ଅଫିସିଆଲ ଆକାଉଣ୍ଟ ମାଧ୍ୟମରେ ବଣ୍ଡ ହାସଲ କରିବାକୁ ପଡୁଥିବା ଯୋଗୁ ଏହି ଦାନ ଦୋଷମୁକ୍ତ। ହେଲେ ଆର୍‌ବିଆଇର ନିର୍ଦ୍ଦିଷ୍ଟ ଆପତ୍ତି ଉପରେ ଏହା ଉଚିତ ଉତ୍ତର ନ ଥିଲା। ଅଧିଆ କହିଥିଲେ, ବଣ୍ଡ ଫେରାଇବା କିମ୍ବା ପୁନଃ କ୍ରୟ ପାଇଁ ୧୫ଦିନର ସମୟସୀମା ଆର୍‌ବିଆଇର ଅନ୍ୟ ବିପଦକୁ ହ୍ରାସ କରିବ। କିନ୍ତୁ କିପରି କରିବ ତାହା ସେ ବୁଝାଇନାହାନ୍ତି। ଦ୍ୱିତୀୟରେ ସେ କହିଥିଲେ, ଅର୍ଥ ବିଲ୍ ଛପା ସରିଯାଇଥିବାବେଳେ ବହୁ ବିଳମ୍ବରେ ଆର୍‌ବିଆଇର ପରାମର୍ଶ ଆସିଛି। କିନ୍ତୁ ଏହା ପ୍ରକୃତରେ ପଠାଯିବାର କିଛି ଘଣ୍ଟା ମଧ୍ୟରେ ଆସିଥିଲା। ଅଧିଆ ଏହି କଥା କହିବା ଦିନ ତାଙ୍କ ସହକର୍ମୀ ଅର୍ଥନୈତିକ ବ୍ୟାପାର ସଚିବ ତପନ ରାୟ ଏଥିରେ ସହମତି ପ୍ରକାଶ କରିଥିଲେ ଏବଂ ଫେବୃୟାରୀ ୧, ବୁଧବାର ଜେଟ୍‌ଲି ଏହି ଯୋଜନା ଘୋଷଣା କରିଥିଲେ ଓ ବଜେଟ ପାରିତ ହେବା ସହ ତାହା ଆଇନ ହୋଇଗଲା।

ସରକାର କାହିଁକି ଆର୍‌ବିଆଇର ଆପତ୍ତି ପ୍ରତି ଅବହେଳା କରିଥିଲେ ସେ ସମ୍ପର୍କରେ ହଫିଙ୍ଗ୍‌ଟନ ପୋଷ୍ଟର ସାମ୍ବାଦିକ ନୀତିନ ସେଠୀ ସରକାରଙ୍କୁ ପଚାରିଥିଲେ। ଅର୍ଥ ମନ୍ତ୍ରଣାଳୟ କହିଥିଲା, ଉତ୍ତମ ବିଶ୍ୱାସରେ ଏବଂ ବୃହତ୍ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁ ପର୍ଯ୍ୟାୟରେ ଆଇନ ପ୍ରଣୟନ ହୋଇଥିଲା, ସେତେବେଳେ ସବିଶେଷ ତଥ୍ୟ ସାର୍ବଜନୀନ କରାଯାଇ ନ ଥିଲା କିମ୍ବା ଏଯାବତ କରାଯାଇନାହିଁ। ବଣ୍ଡଗୁଡ଼ିକ ବାସ୍ତବରେ କିପରି କାର୍ଯ୍ୟ କରିବ ସେ ସମ୍ପର୍କରେ ସେତେବେଳେ ତପନ ରାୟ କହିଥିଲେ ଯେ, କ୍ରେତା ଏବଂ ଦେୟ ସମ୍ବନ୍ଧୀୟ ସୂଚନା ବଣ୍ଡ ପ୍ରଦାନକାରୀ ବ୍ୟାଙ୍କ ଦ୍ୱାରା ଗୁପ୍ତ ରଖାଯିବ। ଏହି ବିବରଣୀଗୁଡ଼ିକ ଆର୍‌ଟିଆଇ ପରିସର ବାହାରେ ମଧ୍ୟ ରହିବ। ଆର୍‌ବିଆଇ ବ୍ୟତୀତ ନିର୍ବାଚନ ବଣ୍ଡ ଯୋଜନା ବିପଜ୍ଜନକ ଥିଲା ବୋଲି ଭାରତର ନିର୍ବାଚନ ଆୟୋଗ କହିଥିଲେ। ସୁପ୍ରିମକୋର୍ଟଙ୍କୁ ଦେଇଥିବା ଏକ ସତ୍ୟପାଠରେ ଏହା କହିଥିଲା ଯେ ନିର୍ବାଚନ ବଣ୍ଡ ମାଧ୍ୟମରେ ରାଜନୈତିକ ଦଳ ଗ୍ରହଣ କରିଥିବା ଦାନର ରିପୋର୍ଟକୁ ବାଦ୍ ଦେବା ଦ୍ୱାରା ରାଜନୈତିକ ପାଣ୍ଠି ଓ ରାଜନୈତିକ ଦଳର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଭାବ ପଡ଼ିବ। ଏସବୁ ସତ୍ତ୍ୱେ ୬ ବର୍ଷ ଧରି ଭାରତର ରାଜନୀତିକୁ ଗୁପ୍ତରେ ପାଣ୍ଠି ଯୋଗାଇ ଦେଇଆସିଛି। ଏହାକୁ ସମାପ୍ତ କରିବାର ସମୟ ଏବେ ଆସିଛି।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | 6 | 1 | |
| | | | | 1 | | | | |
| | | 9 | 8 | | | 2 | | |
| 2 | | | | | 7 | | 5 | 9 |
| | | | 5 | | 3 | | | 2 |
| | 3 | 7 | | | | | 4 | |
| | 7 | 4 | | | | 9 | | 6 |
| | | | | 9 | | 4 | 3 | |
| | | 5 | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 9 | 5 | 1 | 2 | 7 | 8 |
| 8 | 2 | 5 | 4 | 3 | 7 | 9 | 1 | 6 |
| 1 | 9 | 7 | 2 | 8 | 6 | 3 | 5 | 4 |
| 4 | 5 | 6 | 8 | 7 | 2 | 1 | 3 | 9 |
| 7 | 8 | 9 | 6 | 1 | 3 | 5 | 4 | 2 |
| 2 | 3 | 1 | 5 | 9 | 4 | 8 | 6 | 7 |
| 3 | 1 | 2 | 7 | 6 | 9 | 4 | 8 | 5 |
| 5 | 6 | 4 | 3 | 2 | 8 | 7 | 9 | 1 |
| 9 | 7 | 8 | 1 | 4 | 5 | 6 | 2 | 3 |

ଗତକାଲିର ଉତ୍ତର

# ପ୍ରଦୂଷଣ ବଳୟରେ ଦିଲ୍ଲୀ



## ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିକାଶ ପ୍ରକ୍ରିୟା ଅସହନୀୟ ମାର୍ଗରେ ଅଗ୍ରସର ହେଉଥିବା ପରିପ୍ରେକ୍ଷୀରେ ବିଭିନ୍ନ ଉତ୍ସରୁ କ୍ଷତିକାରକ ରାସାୟନିକ ପଦାର୍ଥ ପରିବେଶ ମଧ୍ୟକୁ ନିଷ୍କାସିତ ହୋଇ ବାୟୁ, ଜଳ ଏବଂ ମୃତ୍ତିକାର ପ୍ରଦୂଷଣକୁ ତ୍ୱରାନ୍ୱିତ କରୁଛି। ପରିଣାମରେ ଏସବୁର ଗୁଣବତ୍ତା ଅବକ୍ଷୟିତ ହୋଇ ପ୍ରତ୍ୟକ୍ଷ ରୂପେ ମାନବ ତଥା ଅନ୍ୟ ଜୀବଜନ୍ତୁଙ୍କର ସ୍ୱାସ୍ଥ୍ୟକୁ ନକାରାତ୍ମକ ଭାବରେ ପ୍ରଭାବିତ କରୁଛି। ବିଶ୍ୱର ବିକଶିତ ରାଷ୍ଟ୍ରମାନେ କ୍ରମଶଃ ଏ ବିଷୟରେ ଅଧିକ ସଚେତନ ହେବା ସହ ପ୍ରଦୂଷଣ ସୃଷ୍ଟିକାରୀ ଉତ୍ସ ଏବଂ ପଦ୍ଧତିସବୁର ପ୍ରତିହତ ନିମନ୍ତେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅନ୍ୟପକ୍ଷରେ, ବିକାଶଶୀଳ ରାଷ୍ଟ୍ରମାନେ ବିବିଧ ସାମାଜିକ ଓ ଅର୍ଥନୈତିକ ସମସ୍ୟାରେ ଜର୍ଜରିତ ହୋଇ ପ୍ରଯୁକ୍ତି କ୍ଷେତ୍ରରେ ବିଶେଷ ଅଗ୍ରଗତି ହାସଲ କରିପାରୁ ନାହାନ୍ତି ଏବଂ ପ୍ରଦୂଷଣ ରୋକିବାରେ ସେମାନଙ୍କର ଦକ୍ଷତାରେ ଆବଶ୍ୟକ ଉନ୍ନତି ସାଧିତ ହେଉନାହିଁ। ଏହି ପରିପ୍ରେକ୍ଷୀରେ, ଯେତେବେଳେ ବିଶ୍ୱର ରାଷ୍ଟ୍ରସମୂହର ରାଜଧାନୀ ସହରମାନଙ୍କର ବାୟୁ ଗୁଣବତ୍ତା ସୂଚକାଙ୍କ ଆଲୋଚନାର ପରିସରକୁ ଆସୁଛି, ସେତେବେଳେ ସର୍ବନିମ୍ନରେ ସ୍ଥାନିତ ହେଉଥିବା ଦିଲ୍ଲୀ ସହର ସର୍ବାଧିକ ପ୍ରଦୂଷିତ ରାଜଧାନୀର କୁଖ୍ୟାତି ଅର୍ଜନ କରୁଛି।

ପୃଥିବୀର ବିଭିନ୍ନ ଦେଶରୁ ସଂଗୃହୀତ ସରକାରୀ ତଥ୍ୟକୁ ଆଧାର କରି ସ୍ୱିଜରଲାଣ୍ଡର ଆଇକ୍ୟୁଏଆର୍ (IQAir) କମ୍ପାନୀ ବାର୍ଷିକ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ପ୍ରସ୍ତୁତ କରେ। ବାୟୁ ପ୍ରଦୂଷଣରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବିଭିନ୍ନ ପ୍ରଦୂଷକ ପଦାର୍ଥ ମଧ୍ୟରୁ ୨.୫ ମାଇକ୍ରୋମିଟର ଆକାରର ସୂକ୍ଷ୍ମ କଣିକା ପଦାର୍ଥ (ପିଏମ୍ ୨.୫)ର ପରିମାଣକୁ ଏଥିରେ ଗୁରୁତ୍ୱ ପ୍ରଦାନ କରାଯାଏ। କମ୍ପାନୀର ୨୦୨୨ ମସିହା ରିପୋର୍ଟ ୧୩୧ଟି ଦେଶର ୭,୩୨୩ଟି ସହରର ବାୟୁରେ ଥିବା ପିଏମ୍ ୨.୫ର ତଥ୍ୟ ଉପରେ ଆଧାରିତ। ବିଶ୍ୱର ୧୧୬ଟି ରାଜଧାନୀ ସହର ତାଲିକାରେ ନୂଆଦିଲ୍ଲୀ ପ୍ରତି ଘନମିଟରରେ ବାର୍ଷିକ ହାରାହାରି ୮୯.୧ ମାଇକ୍ରୋଗ୍ରାମ ପିଏମ୍ ୨.୫ ସହ ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ରାଜଧାନୀର ମାନ୍ୟତା ହାସଲ କରିଛି, ଯେତେବେଳେ କି ଆଫ୍ରିକାର ଚାଦ୍‌ର ରାଜଧାନୀ ଏନ୍‌ଜାମିନା ୮୯.୭ ମାଇକ୍ରୋଗ୍ରାମ ସହ ଶୀର୍ଷରେ ରହିଛି। ପୂର୍ବ ଚାରି ବର୍ଷରେ ନୂଆଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ତାଲିକାରେ ଶୀର୍ଷରେ ରହିଥିଲା। ପରିତାପର ବିଷୟ ହେଉଛି ଯେ ପିଏମ୍ ୨.୫ର ବାର୍ଷିକ ହାରାହାରି ପରିମାଣକୁ ଆଧାର କରି ପ୍ରସ୍ତୁତ ଦୁନିଆର ୫୦ଟି ପ୍ରଦୂଷିତ ସହର ତାଲିକାରେ ଦିଲ୍ଲୀ ଏବଂ ନୂଆଦିଲ୍ଲୀକୁ ଅନ୍ତର୍ଭୁକ୍ତ କରି ଭାରତର ସମୁଦାୟ ୩୯ଟି ସହର ତାଲିକାଭୁକ୍ତ ହୋଇଛି। ଏଥିରେ ନୋଏଡା, ଗୁରୁଗ୍ରାମ, ବୁଲନ୍ଦସହର, ମିରଟ୍, ଚର୍ଖୀ ଦାଦ୍ରି, ଜିନ୍ଦ୍, ଗାଜିଆବାଦ, ଫରିଦାବାଦ ଏବଂ ଗ୍ରେଟର ନୋଏଡା ଭଳି ସହର ମଧ୍ୟ ଅନ୍ତର୍ଭୁକ୍ତ।



ରାଜଧାନୀ ଦିଲ୍ଲୀର ପରିବେଶ ଏପରି କଳଙ୍କିତ ହେବାର ପୃଷ୍ଠଭୂମିରେ ଅନେକ କାରଣ ଅଛି। ସାଧାରଣତଃ ନଭେମ୍ବରରେ ହିଁ ପ୍ରଦୂଷଣର ମାତ୍ରା ସର୍ବାଧିକ ହୋଇ ଏକ୍ୟୁଆଇ 'ମନ୍ଦ', 'ଅତି ମନ୍ଦ' କିମ୍ବା 'ଗମ୍ଭୀର' ଶ୍ରେଣୀଭୁକ୍ତ ହୋଇଥାଏ। ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାହାର ପରେ ବାୟୁ ପ୍ରବାହ କ୍ରମେ ମନ୍ଥର ହୁଏ ଏବଂ ପବନର ଦିଗ ପରିବର୍ତ୍ତନ ହୋଇ ଉତ୍ତର–ପଶ୍ଚିମ ଦିଗରୁ ଶୀତଳ ଓ ଶୁଷ୍କ ପବନର ଧୀର ପ୍ରବାହ ଘଟେ, ଯାହା ତାପମାତ୍ରାରେ ହ୍ରାସ ଘଟାଇବା ସହ ପ୍ରଦୂଷକ ପଦାର୍ଥ ବିସ୍ତାରଣରେ ବାଧା ଉପୁଜାଏ। ତେଣୁ ବିଭିନ୍ନ ଉତ୍ସରୁ ନିର୍ଗତ ପ୍ରଦୂଷକ ବାୟୁମଣ୍ଡଳରେ ଜମିରହି ଏହାର ଗୁଣବତ୍ତାରେ ଅବନତି ଘଟାନ୍ତି। ସର୍ବାଧିକ ସଂଖ୍ୟାର ଯାନବାହନ ଚଳପ୍ରଚଳ କରୁଥିବା ଏବଂ ଗହଳିପୂର୍ଣ୍ଣ, ଟ୍ରାଫିକ୍ ସମସ୍ୟାରେ ପ୍ରପୀଡ଼ିତ ଦିଲ୍ଲୀ ରାସ୍ତାରେ ୨୦୨୧–୨୨ରେ ମୋଟ ମୋଟରଯାନ ସଂଖ୍ୟା ଥିଲା ୭୯.୧୮ ଲକ୍ଷ, ଯାହା ହେଉଛି ଦିଲ୍ଲୀ ସରକାର ୧୦ ବର୍ଷରୁ ଅଧିକ ସମୟର ଡିଜେଲ ଯାନ ଏବଂ ୧୫ ବର୍ଷରୁ ଅଧିକ ପୁରୁଣା ପେଟ୍ରୋଲ ଯାନ ଉପରେ ପ୍ରତିବନ୍ଧକ ଲଗାଇବା ପରଠାରୁ ୩୫.୩୮% ହ୍ରାସ ପାଇଥିବା ସଂଖ୍ୟା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଏବଂ ଜାତୀୟ ପରିବେଶ ଇଞ୍ଜିନିୟରିଂ ଗବେଷଣା ପ୍ରତିଷ୍ଠାନ(ନିରି) ଦିଲ୍ଲୀର ବର୍ଦ୍ଧିତ ପ୍ରଦୂଷଣରେ ଯାନବାହନ ନିର୍ଗମନକୁ ଏକ ପ୍ରମୁଖ ଯୋଗଦାନକାରୀ ରୂପେ ଅଭିହିତ କରିଛନ୍ତି।

ଅନ୍ୟପକ୍ଷରେ, ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶ ପରି ପଡ଼ୋଶୀ ରାଜ୍ୟମାନଙ୍କରେ କୃଷକମାନେ ଫସଲ ଅମଳ ପରେ ଅବଶିଷ୍ଟାଂଶ ନଡ଼ାକୁ କୃଷି କ୍ଷେତ୍ରରେ ଜାଳିଦେବା ଦ୍ୱାରା ପ୍ରଦୂଷିତ ପଦାର୍ଥ ଓ ଧୂଳିକଣିକା ପବନ ପ୍ରବାହରେ ଦିଲ୍ଲୀ ଆକାଶରେ ପହଞ୍ଚି ପ୍ରଦୂଷଣ ବୃଦ୍ଧି କରେ। ପ୍ରତିବର୍ଷ ପାଖାପାଖି ୩୫ ନିୟୁତ ଟନ ନଡ଼ା ଜଳାଯାଉଥିବା ଆକଳନ ହୋଇଛି। ପବନ ସ୍ଥିର ହୋଇଯିବା ହେତୁ ଏହି ପ୍ରଦୂଷକଗୁଡ଼ିକ ବାୟୁରେ ଆବଦ୍ଧ ହୋଇ ରହନ୍ତି ଏବଂ ସୂର୍ଯ୍ୟାଲୋକରେ ଏସବୁର ପ୍ରତିକ୍ରିୟା ଘଟି ଧୂଆଁଳିଆ ପରିବେଶ(ସ୍ମଗ୍) ସୃଷ୍ଟି ହୁଏ, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଦିଲ୍ଲୀ–ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ପ୍ରାୟ ୩,୧୮୨ଟି ଶିଳ୍ପ, କଳକାରଖାନା ଅବସ୍ଥିତ, ଯେଉଁଥିରୁ ସୃଷ୍ଟ ପ୍ରଦୂଷଣ ଦିଲ୍ଲୀର ବାୟୁ ଗୁଣବତ୍ତା ଅବନତିରେ ପ୍ରାୟ ୧୮.୬% ଯୋଗଦାନ କରିଥାଏ। ଦିଲ୍ଲୀ ପରିପାର୍ଶ୍ୱରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ କାର୍ଯ୍ୟକାରୀ ଥିବା କେତେକ କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର ମଧ୍ୟ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥ ନିର୍ଗମନ କରୁଛନ୍ତି। ବିଭିନ୍ନ ଉତ୍ସରୁ ନିର୍ଗତ ଆବର୍ଜନାର ପରିମାଣରେ କ୍ରମଶଃ ବୃଦ୍ଧି ଘଟିଚାଲିଛି। ଏପ୍ରିଲ ୨୦୨୨ରେ ଦିଲ୍ଲୀରେ ପ୍ରତିଦିନ ଉତ୍ସର୍ଜନ ହୋଇଥିବା ୧୧,୨୯୩ ମେଟ୍ରିକ ଟନ(ଟିପିଡି) ବର୍ଜ୍ୟବସ୍ତୁରୁ ୬,୩୬୬ ଟିପିଡି ଖାଲୁଆ ସ୍ଥାନ ପୂରଣ (ଲ୍ୟାଣ୍ଡଫିଲ୍)ରେ ନିଷ୍କାସିତ ହୋଇଥିଲା। ପ୍ରଦୂଷଣର ଅନ୍ୟ ଏକ ଅପରାଧୀ ହେଉଛି ଦିଲ୍ଲୀ–ଏନ୍‌ସିଆରରେ କ୍ରମାଗତ ଚାଲୁଥିବା ବଡ଼ ଧରଣର ନିର୍ମାଣ କାର୍ଯ୍ୟ, ଯେଉଁଥିରୁ ବହୁ ପରିମାଣର ଧୂଳି ଓ କଣିକା ପଦାର୍ଥ ନିର୍ଗତ ହୁଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରୁଥିବା ଦିଲ୍ଲୀର ବାୟୁ ଗୁଣବତ୍ତା ଯଥେଷ୍ଟ ନିମ୍ନମାନର। ଏହା ଏଠାକାର ସ୍ଥାୟୀ ଅଧିବାସୀଙ୍କର ଆୟୁଷରେ ପ୍ରାୟ ୧୨ ବର୍ଷ ହ୍ରାସ ଘଟାଉଛି ବୋଲି ଏକ ଅଧ୍ୟୟନ ସୂତ୍ରରୁ ପ୍ରକାଶ। ପ୍ରଦୂଷଣର ଭୟଙ୍କର ପରିଣାମ ଏବଂ ପ୍ରଦୂଷିତ ପରିବେଶକୁ ବର୍ଜନ କରିବା ବିଷୟରେ ସରକାର ସତର୍କତା ଜାରି କରୁଛନ୍ତି। କେତେବେଳେ ଯୁଗ୍ମ–ଅଯୁଗ୍ମ ସଂଖ୍ୟାର ଗାଡ଼ିକୁ ନିୟନ୍ତ୍ରିତ କରାଯାଉଛି ତ କେତେବେଳେ ଶିକ୍ଷାନୁଷ୍ଠାନ ସମୂହର ଛୁଟି ଘୋଷଣା ହେଉଛି। ତେବେ ଯେଉଁସବୁ ନିର୍ଦ୍ଦିଷ୍ଟ ଓ ଅନିର୍ଦ୍ଦିଷ୍ଟ ଉତ୍ସରୁ ପ୍ରଦୂଷଣ ଜନ୍ମ ନେଉଛି, ସେସବୁକୁ ଚିହ୍ନଟ କରି ମିଶନ ମୋଡ୍‌ରେ ପ୍ରତୀକାରାତ୍ମକ ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ଆରମ୍ଭ କରିଥିବା ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ୨୦୨୬ ସୁଦ୍ଧା ସହରମାନଙ୍କରେ କଣିକା ପଦାର୍ଥର ପରିମାଣରେ ୪୦% ହ୍ରାସ ଲକ୍ଷ୍ୟ ସାଧିତ ହେବା ବାଞ୍ଛନୀୟ। ବିଦ୍ୟୁତ୍‌ଚାଳିତ ଯାନ ବ୍ୟବହାର ସହ ସାଧାରଣ ପରିବହନକୁ ସୁଦକ୍ଷ କରିବା, ଶିଳ୍ପ କ୍ଷେତ୍ରରେ ସବୁଜ ପ୍ରଯୁକ୍ତିର ପ୍ରୟୋଗ, ନିର୍ମାଣ କାର୍ଯ୍ୟ ଓ ବର୍ଜ୍ୟ ନିଷ୍କାସନକୁ ନିୟନ୍ତ୍ରଣ, ବ୍ୟକ୍ତିଗତ ଶକ୍ତି ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ, ଅଧିକ ନଗରବନ ସ୍ଥାପନ ଓ ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ବୃଦ୍ଧି ଏବଂ ସର୍ବୋପରି ପ୍ରଚଳିତ ପ୍ରଦୂଷଣ ପ୍ରତିରୋଧ ନିୟମକୁ ସମ୍ମାନ ପ୍ରଦର୍ଶନପୂର୍ବକ ସବୁ ସ୍ତରରେ ସଚେତନତାର ବୃଦ୍ଧି ହିଁ ଦିଲ୍ଲୀବାସୀଙ୍କୁ ପ୍ରଦୂଷଣ ରାକ୍ଷସ କବଳରୁ ମୁକ୍ତି ପ୍ରଦାନ କରିପାରିବ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି,
ଭୁବନେଶ୍ୱର
ମୋ:9437076100

# ମୃତ୍ୟୁ ପର ଜୀବନରେ ବିଜ୍ଞାନ



## ଡକ୍ଟର ନରେନ୍ଦ୍ର ସେଠୀ

ବିଶ୍ୱର ଏକ ଲୋକପ୍ରିୟ ଧର୍ମଶାସ୍ତ୍ର ମହାଭାରତର ଏକ ଉପକ୍ରମରେ ଧର୍ମରାଜ ଯୁଧିଷ୍ଠିରଙ୍କୁ ଯକ୍ଷ ପ୍ରଶ୍ନ କରିଥିଲେ ଯେ 'ଏହି ସଂସାରର ସବୁଠୁ ଆଶ୍ଚର୍ଯ୍ୟ କଲା ପରି କଥା କ'ଣ ?' ଏହି ସଂସାରରେ ପ୍ରତ୍ୟେକ ମୁହୂର୍ତ୍ତରେ କେତେ ପ୍ରାଣୀ ମୃତ୍ୟୁବରଣ କରୁଛନ୍ତି, ତଥାପି ମଣିଷ କେବେ ମରିବାକୁ ଚାହେଁ ନାହିଁ ...ଏହାହିଁ ସବୁଠୁ ବଡ଼ ଆଶ୍ଚର୍ଯ୍ୟ ବୋଲି ଯୁଧିଷ୍ଠିର ଉତ୍ତରରେ କହିଥିଲେ। ପ୍ରକୃତରେ ଆମେ କେହି ବି ମରିବାକୁ ଚାହୁଁନା। ଯଦି ଜଣେ ମରିଯାଏ କିପରି ହୋଇପାରେ ମୃତ୍ୟୁ ପରର ଜୀବନ ? ମୃତ୍ୟୁର ରହସ୍ୟ ଜାଣିବା ପାଇଁ ଓ ମୃତ୍ୟୁ ପରର ଅନୁଭବ ବିଷୟରେ ଭାରତୀୟ ଧର୍ମଶାସ୍ତ୍ର ଓ ମୁନି ଋଷିମାନେ ପ୍ରୟାସ କରିଛନ୍ତି। ଏହି କ୍ରମରେ ବିଶ୍ୱ ଗାୟତ୍ରୀ ପରିବାରର ସଂସ୍ଥାପକ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ମତରେ, ଜୀବନ ହେଉଛି ଏକ ନିରନ୍ତର ପ୍ରବାହିତ ଜଳସ୍ରୋତ ପରି ଓ ଏହିପରି ସଂସାର ଥିବା ଯାଏ ଚାଲିଥିବ। ତା'ର ଅର୍ଥ ହେଲା ଜୀବନ ମୃତ୍ୟୁର କ୍ରମ ଅବିରତ ଚାଲିଛି। ତା'ହେଲେ ମରିବା ଓ ପୁଣି ଜନ୍ମ ନେବା ମଧ୍ୟରେ ଯେଉଁ ସମୟ ଥାଏ ଅଥବା ମୃତ୍ୟୁ ପରେ ଜୀବନର କ'ଣ ହୁଏ ?ଭାରତୀୟ ଯୋଗୀ ସନ୍ନ୍ୟାସୀଙ୍କ ମତ ହେଲା ଯେ ମରିବାର ଠିକ୍ ପୂର୍ବରୁ ମଣିଷ ଖୁବ୍ ବିଚଳିତ, ଅସ୍ଥିରତା ଓ ଏକ ଅସହ୍ୟ ପୀଡ଼ାର ସମ୍ମୁଖୀନ ହୋଇଥାଏ। ତେବେ ମୃତ୍ୟୁ ପରର ଜୀବନ କଥା ଆଲୋଚନା କରିବାକୁ ହେଲେ ଆମକୁ ଏହା ଗ୍ରହଣ କରିବାକୁ ହେବ ଯେ ଶରୀର ଓ ଆତ୍ମା ଦୁଇଟି ଅଲଗା ଜିନିଷ। ଯେଉଁ ଆତ୍ମା ଶରୀର ସହିତ ଜଡିତ ହୋଇଥିଲା ତାହା ଶରୀର ଛାଡି ଚାଲିଗଲା ବେଳେ ଶରୀର ଓ ଆତ୍ମାର ପରସ୍ପରକୁ ନ ଛାଡିବା ପାଇଁ ସଂଘର୍ଷ ମଣିଷକୁ ଅନ୍ତିମ ସମୟରେ ମୃତ୍ୟୁ ପୀଡା ପ୍ରଦାନ କରିଥାଏ। ଆଧାତ୍ମିକ ଶାସ୍ତ୍ର ପୁରାଣ ଅନୁସାରେ ଆତ୍ମା ଶରୀର ଛାଡିବା ପରେ ଏତେଦିନ ପର୍ଯ୍ୟନ୍ତ ସଂସାର ଭିତର ଯନ୍ତ୍ରଣା,ଭୟ, ଦୁଃଖ ଓ ମୋହ ମାୟାରେ ଛନ୍ଦି ହୋଇ କ୍ଳାନ୍ତ ହୋଇ ପଡିଥିବା ଆତ୍ମା ବିଶ୍ରାମ କରେ, ଯେଉଁଥିପାଇଁ ମୃତ୍ୟୁ ପରେ 'ରେଷ୍ଟ ଇନ୍ ପିସ୍' ବୋଲି କୁହାଯାଇଥାଏ। ତେବେ ଶାସ୍ତ୍ର ପୁରାଣ ଓ ଯୋଗୀ ମୁନିଙ୍କ ମତ ଅନୁସାରେ, ଆତ୍ମା ପୂର୍ବଜନ୍ମର ସ୍ମରଣରୁ ବର୍ତ୍ତି ନ ପାରି ପ୍ରାୟ ମାସେ ପନ୍ଦର ଦିନ ପର୍ଯ୍ୟନ୍ତ ବିଚଳିତ ହୋଇ ବିଶ୍ରାମ କରିପାରେ ନାହିଁ। ଏକ ଆଶ୍ଚର୍ଯ୍ୟ ଚକିତ ପରିବେଶରେ ଆତ୍ମା ସୂକ୍ଷ୍ମ ଅବସ୍ଥାରେ ଏକ ବିହଙ୍ଗ ପରି ଉଡିବୁଲେ ଓ ଜୀବିତ ଅବସ୍ଥାର ନିଜର ଲୋକମାନଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ ଅସଫଳ ପ୍ରୟାସ କରିଥାଏ। କିନ୍ତୁ ବିଜ୍ଞାନ କ'ଣ କହେ ଏହି ଜନ୍ମ, ମରଣ ଓ ମୃତ୍ୟୁ ପରର ଦୁନିଆ ବିଷୟରେ ଆସନ୍ତୁ ବିଚାର କରିବା। ବିଜ୍ଞାନ ମତରେ, ହୃଦୟର କାର୍ଯ୍ୟ କରିବା ବନ୍ଦ ହୋଇଗଲେ ଶରୀର ସମସ୍ତ ଜୈବିକ କ୍ରିୟା ବନ୍ଦ ହୋଇଯିବା ଯୋଗୁ ମଣିଷର ମୃତ୍ୟୁ ହୋଇଥାଏ। ଅତି ଆଧୁନିକ ଭେଷଜ ଔଷଧି ଓ ଆଇସିୟୁ ସାହାଯ୍ୟରେ ଡାକ୍ତରମାନେ ମଣିଷର ମସ୍ତିଷ୍କ କାମ କରିବା ବନ୍ଦ କରିଦେବା ପରେ ମଧ୍ୟ ହୃଦୟକୁ ଅନେକ ଦିନ ପର୍ଯ୍ୟନ୍ତ ଜୀବିତ ରଖିବାରେ ସକ୍ଷମ ହେଉଛନ୍ତି। ଏହି ଅବସ୍ଥାରେ ମଣିଷ ଆଇନତଃ ମୃତ ହେଲେ ମଧ୍ୟ ତାହାର ହୃଦୟ କାମ କରୁଥାଏ। ଦୁରାରୋଗ୍ୟରେ ପୀଡିତ କିମ୍ବା ଆଘାତପ୍ରାପ୍ତ ହୋଇ ମୃତ ଘୋଷଣା ପରେ ମଧ୍ୟ ବେଳେ ବେଳେ ବଞ୍ଚି ଯାଇଥିବା ଲୋକମାନଙ୍କର ମୃତ୍ୟୁ ନିକଟ ଅନୁଭୂତି ହୋଇଥାଏ। ଯେତେବେଳେ ଜଣେ ମଣିଷ ହୃଦ୍‌ଘାତ, ଜୀବନ ଯିବା ଭଳି ସଙ୍କଟରେ ପଡ଼ିଯାଏ ସେହି ସମୟରେ ଅନେକ ଲୋକ ମୃତ୍ୟୁ ନିକଟ ଅନୁଭୂତି କରିଥିବାର ପ୍ରମାଣ ମିଳିଛି। ପ୍ରତି ଦଶ ଜଣ ହୃଦ୍‌ଘାତ ରୋଗୀମାନଙ୍କ ମଧ୍ୟରୁ ଜଣେ ଏହିପରି ଅନୁଭୂତି କରିଥାଏ ବୋଲି ଜଣାପଡିଛି। ତେଣୁ ହଜାର ହଜାର ଲୋକ ବିଶ୍ୱରେ ଏହି ମୃତ୍ୟୁ ନିକଟ ଅନୁଭୂତିରେ ନିଜ ଶରୀର ଛାଡି ସମୟ ଓ ସ୍ଥାନର ପ୍ରାଚୀରକୁ ଭେଦ କରିବାର ଅନୁଭୂତି ପ୍ରାପ୍ତ କରିଛନ୍ତି।



ଏହା ଉପରେ ଗବେଷଣା କରି ବୈଜ୍ଞାନିକମାନେ ଏହି ବିଷୟରେ କିଛି ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ଏହି ଲୋକମାନଙ୍କ ମଧ୍ୟରୁ ଶତକଡା ଚାଳିଶ ଭାଗ ଲୋକ ବାହ୍ୟ ଚିକିତ୍ସାକୁ ପ୍ରତିକ୍ରିୟା ନ କରି ମୃତପ୍ରାୟ ରହିଥିଲେ ମଧ୍ୟ ଅନେକ କିଛି ଅନୁଭବ କରୁଥିବାର ଜଣାପଡିଛି। ଏହି ମୃତପ୍ରାୟ ବ୍ୟକ୍ତିମାନେ ଯେଉଁମାନେ ପରେ ଜୀବିତ ହୋଇପାରିଥିଲେ ଦୂରରୁ ନିଜ ଦେହକୁ ଚିକିତ୍ସାଧୀନ ଅବସ୍ଥାରେ ଦେଖିପାରୁଥିଲେ ଓ ବେଳେ ବେଳେ ଦୂରରୁ ଏକ ଉଜ୍ଜ୍ୱଳ ଆଲୋକ ସେମାନଙ୍କୁ ସ୍ୱାଗତ କରୁଥିବାର ଅନୁଭବ କରୁଥିଲେ ବୋଲି ଆମେରିକାର ମିସୋରି ବିଶ୍ୱବିଦ୍ୟାଳୟ ତରଫରୁ ଏକ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଅନୁସାରେ ହୃଦ୍‌ଘାତ ପାଇଥିବା ୧୫% ରୋଗୀ ଏହା ଅନୁଭବ କରିଛନ୍ତି ଓ ଏହା ଶରୀରଠାରୁ ପ୍ରାଣର ଅଲଗା ହେବାର ପ୍ରକ୍ରିୟା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ବିଜ୍ଞାନର ଏହି ସଦ୍ୟତମ ଅନୁଧ୍ୟାନକୁ ପ୍ରାଚୀନ ଭାରତର ମୁନିଋଷି ଓ ଗ୍ରନ୍ଥରେ କେତେ ସୁନ୍ଦର ଭାବରେ ଶରୀରକୁ ତ୍ୟାଗ କରି ଆତ୍ମା ସୂକ୍ଷ୍ମ ରାଜ୍ୟରେ ବିଚରଣ କରିବା କଥା କୁହାଯାଇଛି। ସେହିପରି ନେଦରଲାଣ୍ଡ୍‌ସରେ ୩୪୪ ଜଣ ମୃତପ୍ରାୟ ରୋଗୀ ଯେଉଁମାନେ ଅକସ୍ମାତ ଜୀବନ ପାଇଥିଲେ ସେମାନଙ୍କ ଉପରେ ଗବେଷଣା କରି ମୃତ୍ୟୁ ନିକଟ ଅନୁଭୂତି ଉପରେ ଏକ ସୁନ୍ଦର ରିପୋର୍ଟ ପ୍ରକାଶିତ ହୋଇଛି। ଏହା ମଧ୍ୟ ଅନୁରୂପ ସମାନ ତଥ୍ୟ ଉପସ୍ଥାପନ କରୁଛି। ଏଠାରେ କହିରଖିବା ଉଚିତ ହେବ ଯେ ଏହି ମୃତ୍ୟୁ ନିକଟ ଅନୁଭୂତି ଗବେଷଣାରେ ଅନେକ ଦେଶର ଅନେକ ଧର୍ମର ଲୋକ ସାମିଲ ଥିଲେ ମଧ୍ୟ ଅନୁଭୂତି ପ୍ରାୟ ସମାନ ଥିଲା। ତେବେ ମୃତ୍ୟୁ ନିକଟ ଅନୁଭୂତି ଏକ କାଳ୍ପନିକ ଅନୁଭୂତି ନୁହେଁ ବୋଲି ସାଇଣ୍ଟିଫିକ୍ ଆମେରିକାନ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି। ଏହା ଶରୀରଠାରୁ ଆତ୍ମାର ଅଲଗା ହୋଇ ଏକ ଯନ୍ତ୍ରଣା ମୁକ୍ତ ଦୁନିଆରେ ସୂକ୍ଷ୍ମ ଭାବରେ ଉଡିବୁଲିବା ଓ ସେଠାରେ ଯାଇ ନିଜର ପୂର୍ବର ମୃତ ସମ୍ପର୍କୀୟମାନଙ୍କ ସହିତ ଯୋଗାଯୋଗ କରିବା ଭଳି ଘଟଣା। ବିଜ୍ଞାନର ଏହି ମୃତ୍ୟୁ ନିକଟ ଅନୁଭୂତିକୁ ଭାରତୀୟ ଶାସ୍ତ୍ରରେ ସ୍ପଷ୍ଟ ରୂପରେ ଅନେକ ଥର ଅନେକ ସ୍ଥାନରେ କୁହାଯାଇସାରିଛି।

ମୋ– ୭୦୦୪୦୬୮୧୧୦

## ଏଇ ଭାରତରେ

ଭାରତରେ ଏବେ ବର୍ଜ୍ୟ ସମସ୍ୟା ବୃଦ୍ଧି ପାଉଥିବାବେଳେ ତାହାର ସମାଧାନ ଲାଗି ଯେଉଁ କେତେଜଣ ଆଗକୁ ଆସିଛନ୍ତି ସେମାନଙ୍କ ମଧ୍ୟରେ ଦିଲ୍ଲୀର ମାଧୁରୀ ବାହେଲାଡ଼ିଙ୍କ ପ୍ରୟାସ ପ୍ରଶଂସନୀୟ। ମାଧୁରୀ ବର୍ଜ୍ୟ କାଚ ବୋତଲ ପୁନଃବ୍ୟବହାର କରି ସେଥିରେ ଆକର୍ଷଣୀୟ ଘର ସାଜସଜ୍ଜା ଓ ଅନ୍ୟ ଉପଯୋଗୀ ଜିନିଷ ପ୍ରସ୍ତୁତ କରୁଛନ୍ତି। ସେ ଏକ ମିଡିଆ ସଂସ୍ଥାରେ କାମ କରୁଥିଲେ। ସେଠାରେ ଅମିତ ସିଂଙ୍କ ସହ ତାଙ୍କର ସାକ୍ଷାତ ହେବା ପରେ ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ୨୦୧୩ରେ 'କବି ପୋଏଟ୍ରି ଆର୍ଟ ପ୍ରୋଜେକ୍ଟ' ପ୍ରତିଷ୍ଠା କରି ଏହି କାର୍ଯ୍ୟ ଜାରି ରଖିଛନ୍ତି। ଫେସ୍‌ବୁକ କ୍ୟାମ୍ପେନରେ ତାଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷଗୁଡ଼ିକ ଅଧିକ ଗ୍ରହଣୀୟ ହୋଇପାରିଛି। ସେମାନଙ୍କ ଗ୍ରାହକ ସଂଖ୍ୟା ଏବେ ୮୦,୦୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିସାରିଲାଣି। ପ୍ରାୟ ୧୦୦ କର୍ପୋରେଟ ହାଉସରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଶୋଭାପାଉଛି। ଅଦରକାରୀ କାଚ ବୋତଲ ସହ ସେମାନେ ଅନ୍ୟ ବର୍ଜ୍ୟର ପୁନଃ ଉପଯୋଗ ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟ କରି ଏବେ ସୁଦ୍ଧା ସେମାନେ ୧୪୦ ଟନ୍ ଅଣ–ବିଘଟନ ଯୋଗ୍ୟ ବର୍ଜ୍ୟର ଉପଯୋଗ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୮

- ଆମେରିକା ଚାପରେ ଇସ୍ରାଏଲ ଭାରତକୁ ପ୍ରତିରକ୍ଷା ସାମଗ୍ରୀ ବିକ୍ରି ସ୍ଥଗିତ ରଖିଥିବା ବେଳେ ରୁଷିଆ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି।
- ଶ୍ରୀଲଙ୍କା କ୍ରିକେଟ ଖେଳାଳି ସନଥ ଜୟସୁରିୟା ଏବଂ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ସିଆଟ କ୍ରିକେଟର ଅଫ୍ ଦି ଇୟର ଏବଂ ସିଆଟ କ୍ରିକେଟ ଟିମ୍ ପୁରସ୍କାର ପ୍ରଦାନ।
- ୧୩୩ କୋଟି ଟଙ୍କାର ଯୁରିଆ ଦୁର୍ନୀତି ମାମଲାରେ ସମ୍ପ୍ରତି ତିହାର ଜେଲରେ ଅଟକ ଥିବା କାର୍ସନ କମ୍ପାନୀର ଦୁଇ ଅଫିସରଙ୍କ ସ୍ୱତନ୍ତ୍ର ଅଦାଲତରେ ଜାମିନ ଆବେଦନ।

## ଚିରନ୍ତନୀ

ନୀରସ ମୋ ହାସ ତଥା
ଅଶ୍ରୁରେ ସଜଳ
ମନର କାଳିମା କରୁ ଉଜଳ
ସବୁ ହାସ ପରେ ମୋର
କରୁଣାର ଝରେ ଲୋର
ସବୁ ସୁଖ ହୁଏ ମୋର କୋମଳ
ସବୁ ହାସ ଅଶ୍ରୁରେ ସଜଳ !
(ଶିଶିର–ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନକଲିର ଚରମସୀମା ଟପିଲାଣି

ମହାଶୟ,

ସାରା ରାଜ୍ୟରେ ଏବେ ନକଲି ଜିନିଷର ବିକ୍ରି ବଢ଼ିଛି। ସେ ନକଲି ସାର୍ଟିଫିକେଟ ହେଉ କିମ୍ବା ନକଲି ଖାଦ୍ୟ ସାମଗ୍ରୀ ସବୁଠି ଭେଜାଲ କାରବାର ଚାଲିଛି। ରାତାରାତି କୋଟିପତି ହେବା ଉଦ୍ଦେଶ୍ୟରେ ଲୋକମାନେ ଏପରି ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି। ନକଲି କଫ୍ ସିରପଠୁ ଆରମ୍ଭ କରି ନକଲି ମସଲା ଡିଟରଜେଣ୍ଟ, ଖାଦ୍ୟ ସାମଗ୍ରୀ ବିପୁଳ ପରିମାଣରେ ପ୍ରସ୍ତୁତ ହେଉଛି। ଯେତେ ଚଢ଼ାଉ କରି ଜବତ କଲେ ମଧ୍ୟ ଏଥିରେ ରୋକ୍ ଲାଗୁନାହିଁ। ସ୍ୱତନ୍ତ୍ର ଟାସ୍କଫୋର୍ସ ଏ ଦିଗରେ କାମ କରିବା ଉଚିତ। ତେବେ ଯାଇ ଏପରି ନକଲି ସାମ୍ରାଜ୍ୟକୁ ମୂଳୋତ୍ପାଟନ କରିହେବ ଏବଂ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ବି ଜରୁରୀ।

**– ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


FASHION FACTORY
BRANDS FOR LESS
Reliance
Growth is Life
NOW OPEN IN BHAWANI MALL
BEST BRANDS
UPTO 70% OFF
DEALS 365 DAYS
BUY 1 GET 1 FREE
ON ALL APPARELS
GET GIFT WORTH MRP 2999 @ FLAT ₹499
ON SHOPPING OF ₹2000 & ABOVE
Valid till stock lasts
Gifting availability might differ store wise..
Scan for store location
NOW VISIT US BHUBANESHWAR: BMC BHAWANI MALL, SAHEED NAGAR | CUTTACK: CHANDI CHHAK, OPPOSITE S.B. WOMEN'S COLLEGE | SAMBALPUR: BUDHARAJA MAIN ROAD, OPP. JAGANNATH TEMPLE
STORE MANAGER: 7981383237 / 7008119294
@rel_fashionfactory | @FashionF_IND | @rel.fashionfactory

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏସ୍. ସୁଶ୍ରୀ ମୟୂରଭଞ୍ଜ ଏସ୍‌ପି, ରୋହିତ ବର୍ମାଙ୍କୁ ନବରଙ୍ଗପୁର ଦାୟିତ୍ୱ

ଭୁବନେଶ୍ୱର,୪।୧୧(ଅନିଲ ଦାସ)

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ମୟୂରଭଞ୍ଜ ଏସ୍‌ପି ତଥା ୨୦୧୧ ବ୍ୟାଚ୍‌ର ଆଇପିଏସ୍ ଅଫିସର ବି. ଗଙ୍ଗାଧରଙ୍କୁ ରାଜ୍ୟ ସରକାର ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ନବରଙ୍ଗପୁର ଏସ୍‌ପି ୨୦୧୮ ବ୍ୟାଚ୍ ଆଇପିଏସ୍ ଅଫିସର ଏସ୍. ସୁଶ୍ରୀଙ୍କୁ ମୟୂରଭଞ୍ଜ ଏସ୍‌ପି ଭାବେ ବଦଳି କରାଯାଇଛି। ବାଲିଗୁଡା ଏସ୍‌ଡିପିଓ ତଥା ୨୦୧୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରୋହିତ ବର୍ମାଙ୍କୁ ନବରଙ୍ଗପୁର ଏସ୍‌ପି ଭାବେ ବଦଳି କରାଯାଇଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM**
Duration : 3 Year, Eligibility : +2 Pass (Any Stream) 40% Mark
**ANM**
Duration : 2 Year, Eligibility : +2 Pass (Any Stream)
**DMRT**
**DMLT**
Duration : 2 Year, Eligibility : +2 Science
**CBCA**
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଲୋନ୍! ଲୋନ୍! ଲୋନ୍!**
ଦୀପାବଳି ଧମାକା
**Global Finance**
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଶ୍ରଦ୍ଧାଞ୍ଜଳି



ଂମନୋରଞ୍ଜନ ଦାସ
ଆବିର୍ଭାବ: ୦୨।୦୨।୧୯୪୧
ତିରୋଧାନ: ୨୬।୧୦।୨୦୨୩
ଏଗାର ଦିନ ବିତିଗଲା, ଲାଗୁଛି ଯେପରି ତୁମେ ପାଖରେ ଅଛ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆମକୁ ଶୁଭ ଦୃଷ୍ଟିରେ ସେମିତି ଚାହିଁଥାଆନ୍ତୁ।
ଶ୍ରଦ୍ଧାଞ୍ଜଳି: ପୁତ୍ର: ପୁଲକ, ତାପସ, ପୀୟୂଷ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଶୋକସନ୍ତପ୍ତ ପରିବାର।
ଧ-୧୬୨୪

**ଆମ ଓଡ଼ିଶା ନବୀନ ଓଡ଼ିଶା**

# ଦେଶ ପାଇଁ ପଥପ୍ରଦର୍ଶକ ହେବ ନବୀନ ଓଡ଼ିଶା: ମୁଖ୍ୟମନ୍ତ୍ରୀ

■ ମୟୂରଭଞ୍ଜକୁ ୯୦.୫୦, ସମ୍ବଲପୁର ୬୯, ମାଲକାନଗିରି ପାଇଁ ୫୫.୫୦ କୋଟି ମଞ୍ଜୁର

■ ମାଲକାନଗିରିରୁ ଆରମ୍ଭ ହେଉଛି ଜନକଲ୍ୟାଣର ଅଭିଯାନ: ପାଣ୍ଡିଆନ



ଭୁବନେଶ୍ୱର,୪।୧୧(ଅନିଲ ଦାସ)

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ୧୦ମ ଦିବସରେ ମୟୂରଭଞ୍ଜ, ସମ୍ବଲପୁର ଓ ମାଲକାନଗିରି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଯୋଜନାରେ ମୟୂରଭଞ୍ଜ ଜିଲାର ଯଶୀପୁର, କରଞ୍ଜିଆ, ସାରସକଣା ଏବଂ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀକୁ ୯୦.୫୦ କୋଟି ଟଙ୍କା ମିଳିଥିବାବେଳେ ସମ୍ବଲପୁର ଜିଲାର ରେଢ଼ାଖୋଲ, ରେଙ୍ଗାଲି ଓ କୁଚିଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ୬୯ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଓ ମାଲକାନଗିର ନିର୍ବାଚନମଣ୍ଡଳୀକୁ ୫୫.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଗ୍ରାମ ବିକାଶ କ୍ଷେତ୍ରରେ ସାରା ଭାରତବର୍ଷ ପାଇଁ ପଥପ୍ରଦର୍ଶକ ହେବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡ଼ିଶାର ପରିଚୟ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ଓ ଦକ୍ଷତା ବିକାଶ କେନ୍ଦ୍ର ହେବ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ସମସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆଗକୁ ବଢ଼ିବାର ବାଟ ଖୋଲିଛନ୍ତି। ସମସ୍ତଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀଙ୍କର ଏହା ହେଉଛି ୫ମ ପାଳି। ଏଥିରେ ସେ ମା'ମାନଙ୍କ ପାଇଁ ୫ଟି ଉପହାର ଦେଇଛନ୍ତି। ୫ ଟଙ୍କାରେ ଆହାର, ୫ ଟଙ୍କାରେ ଲକ୍ଷ୍ମୀ ବସ୍, ମମତାରେ ୫ ହଜାର ଟଙ୍କା, ମିଶନ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ, ମା'ମାନଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କା ଦିଆଯାଉଛି ବୋଲି ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ମୟୂରଭଞ୍ଜ ଜିଲାର ଯଶୀପୁର ନିର୍ବାଚନମଣ୍ଡଳୀରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୦.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ରହିଛି ଖିଚିଙ୍ଗର ପ୍ରସିଦ୍ଧ ମା' କୀଚକେଶ୍ୱରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ। ଏହାର ମ୍ୟୁଜିୟମର ପୁନରୁଦ୍ଧାର ପାଇଁ ୯.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ସାରସକଣା ନିର୍ବାଚନମଣ୍ଡଳୀରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୭୬.୪୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ଚନ୍ଦନପୁରରୁ ଶଙ୍ଖଭାଙ୍ଗ ପର୍ଯ୍ୟନ୍ତ ୧୮.୬୬ କି.ମି. ଦୀର୍ଘ ବିକଳ୍ପ ଘାଟି ରାସ୍ତା ପାଇଁ ୪୬.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୩.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। କରଞ୍ଜିଆ ନିର୍ବାଚନମଣ୍ଡଳୀରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୪୦.୪୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ମୟୂରଭଞ୍ଜ ଜିଲାର ୪ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬୦.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ସେହିପରି ସମ୍ବଲପୁର ଜିଲାର ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୫.୫୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୫୮ କୋଟି ଓ କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୪୮.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ସମ୍ବଲପୁର ଜିଲାର ୩ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୨୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୩୧.୮୪ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ୨୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮୮.୩୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ମାଲକାନଗିରି ନିର୍ବାଚନମଣ୍ଡଳୀରେ ୨୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୭୬.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ମାଲକାନଗିରି ଜିଲାର ୨ଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୪୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୬୪.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ଏଥିସହିତ ପାଣ୍ଡିଆନ କହିଛନ୍ତି ଯେ ମାଲକାନଗିରି ମୁଖ୍ୟମନ୍ତ୍ରୀଙ୍କର ସବୁଠାରୁ ପ୍ରିୟ। ଲକ୍ଷ୍ମୀ ବସ୍, ଟଙ୍କିକିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ପରି ଅନେକ ଜନକଲ୍ୟାଣକାରୀ ଯୋଜନା ମାଲକାନଗିରିରୁ ହିଁ ଆରମ୍ଭ ହୋଇଛି। ମା' ମାନଙ୍କ ପାଇଁ ଅଧିକ ୫ ଲକ୍ଷ ମାଲକାନଗିରିରୁ ହିଁ ଆରମ୍ଭ ହୋଇଥିଲା। ଏହିପରି ୩ଟି ଜିଲାରେ ସମୁଦାୟ ୯୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୪୫୬.୮୧ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବାସନ୍ତୀ ହେମ୍ବ୍ରମ, ବିଧାୟକ ରୋହିତ ପୂଜାରୀ, ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସମେତ ଜିଲା ପରିଷଦ ସଭାପତି ଓ ଜନପ୍ରତିନିଧି ଆଭାସି ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ୩ଟି ଜିଲାର ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା

ଧରାକୋଟ,୪।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଅନ୍ତର୍ଗତ ରୁଗୁମୁ ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଲିଲି ସ୍ୱାଇଁ। ଅଭିଯୁକ୍ତ ସ୍ୱାମୀ ମିଥୁନ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି।

ରୁଗୁମୁ ଗ୍ରାମର ମିଥୁନ ଅଧିକାଂଶ ସମୟ ନିଶାସକ୍ତ ହୋଇ ସ୍ତ୍ରୀ ଲିଲିଙ୍କ ସହ ଝଗଡ଼ା କରିଥାନ୍ତି। ଶନିବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମିଥୁନ ହଠାତ୍ ଏକ ଧାରୁଆ ଅସ୍ତ୍ରରେ ଲିଲିଙ୍କ ବେକ ଓ ମୁଣ୍ଡକୁ ହାଣି ଦେଇଥିଲେ। ଲିଲିଙ୍କ ଚିତ୍କାର ଶୁଣି ପରିବାରର ଅନ୍ୟ ସଦସ୍ୟମାନେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ସେଠାରେ ଲିଲିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଆସିକା ଏସ୍‌ଡିପିଓ ଉମା ଶଙ୍କର ସିଂ, ବଡ଼ଗଡ ଥାନା ଏସ୍ଆଇ ଅମରକାନ୍ତ ଷଡ଼ଙ୍ଗୀ ପ୍ରମୁଖ ମେଡିକାଲରେ ପହଞ୍ଚିଥିଲେ। ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଲେଇଙ୍କ ଉପସ୍ଥିତିରେ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଲିଲିଙ୍କ ବାପା କୁଲଗଡ଼ ଗ୍ରାମର ଖାଲି ବିଷୋୟୀଙ୍କ ଏତଲାକ୍ରମେ ବଡ଼ଗଡ ଥାନାରେ ମାମଲା (୫୦୦/୨୩) ରୁଜୁ ହୋଇଛି।

# ଗୋପାଳପୁର ବିଧାୟକ, ପାଠକ ବାପା-ପୁଅ କୋର୍ଟରେ ହାଜର

**ଟାଟା କମ୍ପାନୀରେ ଚାକିରି ବାହାନାରେ ଠକେଇ ମାମଲା**

ବ୍ରହ୍ମପୁର,୪।୧୧
(ସୁବାସ ଚନ୍ଦ୍ର ପାଢ଼ୀ)

ଟାଟା କମ୍ପାନୀରେ ନିଯୁକ୍ତି ବାହାନାରେ ଠକେଇ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପୂର୍ବତନ ଆଇଏଫଏସ୍ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ପାଠକ ଶନିବାର ବ୍ରହ୍ମପୁର ଜେଏମ୍ଏଫସି ଶିବାନୀ ମିଶ୍ରଙ୍କ କୋର୍ଟରେ ହାଜର ହୋଇଥିଲେ। ମାଜିଷ୍ଟ୍ରେଟ ସେମାନଙ୍କ ବିରୋଧରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିବା କହିଥିଲେ। ପୂର୍ବରୁ ଏହି ମାମଲାରେ ଅଭିଯୁକ୍ତଙ୍କ ପକ୍ଷରୁ କୋର୍ଟରେ ଡିସଚାର୍ଜ ପିଟିସନ୍ ଫାଇଲ୍ କରାଯାଇଥିଲା। କୋର୍ଟ ଏହାକୁ ଖାରଜ କରିଥିଲେ।

ପ୍ରକାଶ ଯେ, ଟାଟା କମ୍ପାନୀରେ ଚାକିରି କରାଇଦେବା ନାଁରେ ବିଧାୟକ ପ୍ରଦୀପ ଓ ପାଠକ ବାପା-ପୁଅଙ୍କ ନାମରେ ଗୋଳନ୍ଥରା ଥାନାରେ ୩ଟି ଏବଂ ବୈଦ୍ୟନାଥପୁର ଥାନାରେ ଗୋଟିଏ ଏପରି ମୋଟ ୪ଟି ମାମଲା ରୁଜୁ ହୋଇଥିଲା। ସେଥିରୁ ଗୋଳନ୍ଥରା ଥାନାରେ ରୁଜୁ ଏକ ମାମଲା ଜିଆର ୨୨୨୫/୨୦ରେ ଶନିବାର ୩ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଅନ୍ୟ ୩ଟି ମାମଲାରେ ମଧ୍ୟ ଅଭିଯୁକ୍ତମାନଙ୍କ ପକ୍ଷରୁ କୋର୍ଟରେ ଡିସଚାର୍ଜ ପିଟିସନ୍ ଫାଇଲ୍ ହୋଇଛି। ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୮ ତାରିଖକୁ ଦିନ ଧାର୍ଯ୍ୟ ହୋଇଥିବା ସ୍ୱତନ୍ତ୍ର ପିପି ମାଗୁଣୀ ଚରଣ ପଲାଇ ସୂଚନା ଦେଇଛନ୍ତି। ସେହିପରି ଚାର୍ଜଫ୍ରେମ ହୋଇଥିବା ମାମଲାର ଖୁବଶୀଘ୍ର ବିଚାର ହେବ ବୋଲି ମଧ୍ୟ ସେ କହିଛନ୍ତି।

**Classified Everyday**
0674-2580101, 2549949




REAL ESTATE
**SALE**

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

Few Office space left for immediate sale in a prime locality. For details Plz Contact- 7605932509. D-1713

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

Triplex for sale in a posh locality near AIIMS for details Plz contact. Mob- 7605932509. D-1714

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

2400 Sqft. Gharabari Land for Sale Samanta Sahi, Cuttack. Contact. 8114860043. D-71568

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି। 8249693292. D-75162

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75259

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘର କରି ରହିବା ପାଇଁ low cost plot ମିଳୁଛି। 9692213354. D-75055

ମୋର ନିଜସ୍ୱ plot ଖଣ୍ଡଗିରି AMRI Hospital ପାଖରେ ଏବଂ ଘାଟିକିଆରେ ବିକ୍ରୟ କରାଯିବା। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-1723

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

Book 3BHK, 4BHK flat at Soubhagyanagar, OUAT Square, Near Khimji & Narula Sweets. Rs.6000/- Per sqft with double parking. Handover June-24. Contact: 7978584549. D-74596

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75243

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Well furnished House on ground floor near Gosagoreswar Temple, Ratha Road, Old Town Bhubaneswar. Rent- 9000/-. Contact- 9437404185. D-1654




Newly open SPA positively health benefit with expert. Contact: 7749976301. D-1681

Relax, Refresh your body, Mind at Saikrupa Spa with best therapies. 8984068077. D-1696

Newly open health benefits SPA special offer @999. Contact: 7749034655. D-75168

Full body massage by expert therapist positively health benefits. 7381172169. D-75165

Newly open Spa positively health benefits with expert therapist. 9938843929. D-75167

Full body massage in homely atmosphere in all therapy. Mob: 8114881641. D-73446

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75054

**LOST**

ସନ୍ତୋଷ କୁମାର ହୋତା, ପିତା: ହରିବନ୍ଧୁ ହୋତା, ଏନ୍.ଏ.ସି. ୱାର୍ଡ ନମ୍ବର ୧୦, ଆଠମଲ୍ଲିକ, ଜିଲ୍ଲା ଅନୁଗୋଳ ତା।୦୧।୧୧।୨୩ରିଖରେ ଅନୁଗୋଳରୁ ଆଠମଲ୍ଲିକ ଆସିବା ସମୟରେ ବ୍ୟାଗଟି ହଜିଗଲା। ଉକ୍ତ ବ୍ୟାଗରେ କବଲାଟିଏ ଥିଲା (କବଲା ନମ୍ବର- 10021000329) କିଏ ପାଇଥିଲେ ଫୋନ ନମ୍ବର 9439121527ରେ ଯୋଗାଯୋଗ କରିପାରିବେ। ଧ-୧୬୨୯

**ନିରୁଦ୍ଦିଷ୍ଟ**



ଜୟନ୍ତ କୁମାର ଦାସ, ପିତା- କରୁଣାକର ଦାସ, ବୟସ- ୪୪ବର୍ଷ, ଉଚ୍ଚତା- ୫ଫୁଟ ୭ଇଞ୍ଚ, ଦେହର ରଙ୍ଗ କଳା, ସେ ଭୁବନେଶ୍ୱର ଜୟଦେବ ବିହାରରୁ ତା ୦୨।୧୧।୨୦୨୧ରିଖ ଠାରୁ କେଉଁଆଡ଼େ ପଳାଇ ଯାଇଛନ୍ତି। ଗଲାବେଳେ Sky Blue ରଙ୍ଗର ଟି' ଶାର୍ଟ ଓ ଛିଟ ଲୁଙ୍ଗି ପିନ୍ଧିଥିଲେ। ତାଙ୍କର ମୁଣ୍ଡ ଅପରେସନ୍ ପରେ ସେ ଭଲ ଭାବରେ କଥା କହିପାରନ୍ତି ନାହିଁ ଏବଂ ତାଙ୍କର ବାତ ଦୋଷ ମଧ୍ୟ ରହିଛି। ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କ ପାଖରେ ଏହିଭଳି ଲୋକର ଖବର ପାଆନ୍ତି, ତେବେ 9438185989 କିମ୍ବା 7735803755 ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୧୬୨୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ପାକିସ୍ତାନର ସେମିଫାଇନାଲ ଆଶା ଉଜ୍ଜୀବିତ

**ବେଙ୍ଗାଲୁରୁ, ୪।୧୧ (ପି.ଟି.) :** ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଏକ ମ୍ୟାଚରେ ପାକିସ୍ତାନ ଡିଏଲ୍‌ଏସ୍ ପଦ୍ଧତିରେ ୨୧ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଏହାର ସେମିଫାଇନାଲ ଖେଳିବା ଆଶାକୁ ଉଜ୍ଜୀବିତ ରଖିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ରାଚିନ ରବୀନ୍ଦ୍ରଙ୍କ ୧୦୮ରନ (୯୪ ବଲ୍, ୧୫ ଚୌକା ଓ ୧ଛକା) ଏବଂ ଅଧିନାୟକ କେନ୍ ୱିଲିୟମସନଙ୍କ ଆକର୍ଷଣୀୟ ୯୫ରନ (୭୯ବଲ୍, ୧୦ ଚୌକା ଓ ୨ ଛକା) ବଳରେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ବିଶାଳ ୪୦୧ ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ପାକିସ୍ତାନ ପାଇଁ ପ୍ରଥମେ ୪୧ ଓଭରରେ ୩୪୨ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପାକିସ୍ତାନ ଏକଦା ୨୬ ଓଭରରେ ୧ ଉଇକେଟ ବିନିମୟରେ ୨୦୦ ରନ କରିଥିବା ବେଳେ ପୁଣି ବର୍ଷା ହେବାରୁ ଆଉ ଖେଳ ସମ୍ଭବପର ହୋଇ ନ ଥିଲା। ଫଳରେ ଡିଏଲ୍‌ଏସ୍ ପଦ୍ଧତିରେ ପାକିସ୍ତାନକୁ ୨୧ ରନରେ ବିଜୟୀ ଘୋଷଣା କରାଯାଇଥିଲା। ଫଖର ଜମାନ ୧୨୬ ରନ ଏବଂ ଅଧିନାୟକ ବାବର ଆଜାମ ୬୬ ରନ କରି ଅପରାଜିତ ରହିଥିଲେ। ଅବଦୁଲ୍ଲା ଶାଫିକ୍ ମାତ୍ର ୪ ରନ କରି ଟିମ୍ ସୌଦିଙ୍କ ବଲ୍‌ରେ ୱିଲିୟମସନଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଏହି ବିଜୟ ଦ୍ୱାରା ପାକିସ୍ତାନ ୨ ପଏଣ୍ଟ ହାସଲ କରିବା ସହ ସେମିଫାଇନାଲ ଆଶାକୁ ଉଜ୍ଜୀବିତ ରଖିଛି। ବିଶାଳ ସ୍କୋର କରିଥିଲେ ହେଁ ନ୍ୟୁଜିଲାଣ୍ଡର ଏହା ହେଉଛି କ୍ରମାଗତ ଚତୁର୍ଥ ପରାଜୟ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୫୦ ଓଭରରେ ୪୦୧/୬ (ରାଚିନ ରବୀନ୍ଦ୍ର-୧୦୮, କେନ୍ ୱିଲିୟମସନ-୯୫ ; ମହମ୍ମଦ ୱାସିମ-୩/୬୦।
ପାକିସ୍ତାନ : ୨୫.୩ ଓଭରରେ ୨୦୦/୧ (ଫଖର ଜମାନ ୧୨୬*, ବାବର ଆଜାମ-୬୬*)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୭ | ୭ | ୦ | ୧୪ | +୨.୧୦୨ |
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୭ | ୪ | ୩ | ୮ | -୦.୩୩୦ |
| ଶ୍ରୀଲଙ୍କା | ୭ | ୨ | ୫ | ୪ | -୧.୧୬୨ |
| ନେଦରଲାଣ୍ଡ୍ସ | ୭ | ୨ | ୫ | ୪ | -୧.୩୯୮ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |


ଫଖର ଜମାନ

# ଶାମିଙ୍କ ଶୋ'

**ଗୌତମ ଗମ୍ଭୀର**

ଆମେ ପଛକୁ ଯିବା ଯେତେବେଳେ ମହମ୍ମଦ ଶାମି କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଥିଲେ। ସେତେବେଳେ ସେ ଚନ୍ଦା ନ ଥିଲେ। ମୁଣ୍ଡରେ ଅଧିକ ବୁଟିଥିଲା। ତାଙ୍କ ଆଖପାଖରେ ସିନିୟରମାନେ ଯେତେବେଳେ ତାଙ୍କ ଜୁନିୟର ସାଥୀ ଖେଳାଳିମାନଙ୍କ ସହ ଖୁସି ଓ ଥଟ୍ଟାମଜା ହେଉଥିଲେ ସେ ଚୁପ୍‌ଚାପ୍ ତାହାକୁ ଉପଭୋଗ କରୁଥିଲେ। ତାଙ୍କ ବ୍ୟକ୍ତିତ୍ୱ ମୋତେ ମୁନାଫ ପଟେଲଙ୍କ କଥା ମନେପକାଇ ଦେଉଛି। ଆମରୋହାଠାରୁ ଆସିଥିବା ଶାମି ମଧ୍ୟ ଜଣେ ସରଳ ବ୍ୟକ୍ତି। ସେଠାରେ ସେ ଏକ ଫାର୍ମରେ ବସବାସ କରୁଥିଲେ। ସେ ଆମ୍ବ ଖାଇବାକୁ ଖୁବ୍ ଭଲ ପାଉଥିଲେ। କିନ୍ତୁ ତାଙ୍କ ପାଖରେ ବହୁ ସପୋର୍ଟ ଷ୍ଟାଫ୍ ଅଛନ୍ତି। ସେ ତାଙ୍କର ପୂରା କୋଟା ଆମ୍ବ ପାଉଛନ୍ତି କି ନା ତାହା ମୁଁ କହିପାରିବି ନାହିଁ। କିନ୍ତୁ ମୁଁ ଦୃଢ ନିଶ୍ଚିତ ସେ ତାଙ୍କ ପୂରା କୋଟା ଉଇକେଟ ପାଉଥିବାରୁ ଖୁସି ଥିବେ। ଶ୍ରୀଲଙ୍କା ବିପକ୍ଷ ଶାମିଙ୍କ ଶୋ' ବିଷୟରେ କହିବା ପୂର୍ବରୁ ଗତ ରବିବାର ଇଂଲଣ୍ଡ ବନାମ ଭାରତ ମ୍ୟାଚ ସମୟର ଏକ କଥା ମନେପକାଇ ଦେବାକୁ ଚାହିଁବି। ମ୍ୟାଚରେ ଇଂଲଣ୍ଡ ପାଇଁ ଟାର୍ଗେଟ ୨୩୦ ଖୁବ୍ ସହଜ ଥିଲା। ଇଂଲଣ୍ଡ ମାତ୍ର ୩୦ ରନ କରି ୨ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଲକ୍ଷ୍ନୌ ଷ୍ଟାଡିୟମର ଆଉଟ ଫିଲ୍ଡରେ କାକର ଯୋଗୁ ବଲ ଆଉଟସୁଇଙ୍ଗ କିମ୍ବା ସିମିଂ ହେଉ ନ ଥିଲା। ଏଭଳି ପରିସ୍ଥିତିରେ ବେନ୍ ଷ୍ଟୋକ୍ସଙ୍କ ଭଳି ଖେଳାଳିଙ୍କୁ ଚତୁର ଶାମି ତାଙ୍କୁ ଚୁପ୍ ରଖିଥିଲେ। ଶେଷରେ ଇଂଲଣ୍ଡର ଏହି ଷ୍ଟାର ବ୍ୟାଟର ୧୦ଟି ବଲ୍‌ର ସାମ୍ନା କରିଥିଲେ ମଧ୍ୟ ବିନା କୌଣସି ରନରେ ବୋଲ୍ଡ ହୋଇ ପ୍ୟାଭିଲିଅନ ଫେରିଥିଲେ। ଶାମି ୱାଙ୍ଖଡେ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ତାଙ୍କ ଚମତ୍କାର ବୋଲିଂ ଜରିଆରେ ବିଶ୍ୱ କ୍ରିକେଟରେ ପୁଣି ଥରେ ତାଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି। ରବିବାର ଇଡେନଗାର୍ଡେନ୍ସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଶାମିଙ୍କ ବୋଲିଂ କମାଲ ଦେଖିବାକୁ ଖେଳପ୍ରେମୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏହି ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା। ମୋ ଦୃଷ୍ଟିରେ ଅହମଦାବାଦରେ ଏହି ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଚଳିତ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ଚ୍ୟାଲେଞ୍ଜ ଦେଇପାରିବ ବୋଲି ମନେହୁଏ। ମାତ୍ର ଅସ୍ଥିରତା ପ୍ରଦର୍ଶନ ସେମାନଙ୍କ ପାଇଁ ଚିନ୍ତାର ବିଷୟ। ସେ ତୁଳନାରେ ଭାରତର ପ୍ରଦର୍ଶନ କିନ୍ତୁ ଜବରଦସ୍ତ ରହିଛି। ସେମାନେ ନେଦରଲାଣ୍ଡ୍ସଠାରୁ ହାରିଛନ୍ତି। ପାକିସ୍ତାନ ବିପକ୍ଷରେ ୧ ଉଇକେଟରେ ସଂଘର୍ଷ ପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଦକ୍ଷିଣ ଆଫ୍ରିକାର ମାର୍କୋ ଜାନ୍‌ସେନ ଭବିଷ୍ୟତରେ ଜଣେ ବଡ଼ ଅଲରାଉଣ୍ଡର ହୋଇ ଉଭା ହେବେ। ବଲ୍‌କୁ ବାଉନ୍ସ କରିବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଛି। ସେ ଜଣେ ଚମତ୍କାର ଫିଲ୍ଡର ମଧ୍ୟ। ଜାନସେନଙ୍କ ସହ ପ୍ରତିଭାସମ୍ପନ୍ନ ସାଥୀ ଖେଳାଳି କିଗସୋ ରାବାଡା ଓ ଲୁନ୍‌ଗି ଏନ୍‌ଗିଡି ଅଛନ୍ତି। ସେମାନଙ୍କର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସହ ଲଢେଇ ହେବ ବୋଲି ଜଣାପଡୁଛି।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai



# ୩୫ ବର୍ଷରେ ପାଦ ଦେବେ କୋହଲି

କୋଲକାତା,୪।୧୧(ପି.ଟି.)

ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ରବିବାର ୩୫ ବର୍ଷରେ ପାଦ ଦେବେ। ଭାରତୀୟ କ୍ରିକେଟର ଏହି ମାଇଲଷ୍ଟୋନ୍ ମ୍ୟାନ ରବିବାର କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ୪୯ ତମ ଶତକ ରେକର୍ଡର ସମକକ୍ଷ ହେବାର ସୁଯୋଗ ରହିଛି। ତେବେ କୋଲକାତାର ଇଡେନ୍ ଗାର୍ଡେନ୍ ବିରାଟ କୋହଲିଙ୍କ କ୍ୟାରିୟରର ଏକ ବଡ ଇଭେଣ୍ଟ ଭାବରେ ସାମିଲ। ଏହି ଗ୍ରାଉଣ୍ଡରୁ ହିଁ ବିରାଟ କୋହଲିରୁ କିଙ୍ଗ କୋହଲିଙ୍କ ଯାତ୍ରାର ଆରମ୍ଭ ହୋଇଥିଲା। ୧୯ ବର୍ଷରୁ କମ୍ ବିଶ୍ୱକପ ଦଳର ବିଜେତା ଭାବରେ କୋହଲି ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସେ ସମୟରେ କୋହଲିଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ ଭାବରେ ବିବେଚନା ମଧ୍ୟ କରାଯାଉଥିଲା। ତେବେ ୫ଟି ଦିନିକିଆ ଖେଳି ସାରିବା ପରେ କୋହଲି ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ୨୦୦୯ରେ କୋଲକାତାର ଇଡେନ ଗାର୍ଡେନରେ ଖେଳିଥିଲେ ଏକ ଅଭୂତପୂର୍ବ ଇନିଂସ। ଏହି ସମୟରେ କୋଲକାତାର ଏକ କ୍ଲବ ମ୍ୟାଚ୍‌ରେ ଟାଉନ୍ କ୍ଲବ୍ ବିପକ୍ଷରେ ସେ ସ୍କୋର କରିଥିଲ ୧୮୪ ରନ୍। କୋଲକାତାର ପ୍ରଚଣ୍ଡ ଖରା ଓ ଗୁଳୁଗୁଳିଆ ପରିସ୍ଥିତିରେ କୋହଲିଙ୍କ ଏହି ଇନିଂସ ତାଙ୍କୁ ଭବିଷ୍ୟତର ସୁପରଷ୍ଟାର ଭାବରେ ଦର୍ଶାଇଥିଲା। ଏହାର ୬ ମାସ ପରେ ସମାନ ଗ୍ରାଉଣ୍ଡରେ ଶ୍ରୀଲଙ୍କା ବିପକ୍ଷରେ ନିଜର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲେ କୋହଲି। ୧୦୭ ରନ୍‌ର ଇନିଂସ ଖେଳିଥିବା ବେଳେ ଗୌତମ ଗମ୍ଭୀର ତାଙ୍କୁ ନିଜର ପ୍ଲେୟର ଅଫ୍ ଦ ମ୍ୟାଚ୍ ଆୱାର୍ଡ ମଧ୍ୟ ପ୍ରଦାନ କରିଥିଲେ। ସେ ସମୟରେ କୋହଲି ମଧ୍ୟ ନିଜର ୪୯ ତମ ଶତକ ବିଷୟରେ ଚିନ୍ତା କରି ନଥିବେ। ତେବେ ୧୪ ବର୍ଷ ମଧ୍ୟରେ ଅସୀମିତ ରେକର୍ଡର ଅଧିକାରୀ ହୋଇଥିବା କୋହଲି ରବିବାର ଆଉ ଏକ ମାଇଲଖୁଣ୍ଟରୁ ଗୋଟିଏ ପାଦ ଦୂରରେ। ଇଡେନ୍ ଗାର୍ଡେନ୍ସର ୭୦ ହଜାର ଦର୍ଶକଙ୍କ ସମ୍ମୁଖରେ ସେ ଏହି ମାଇଲଖୁଣ୍ଟ ହାସଲ କରିବାର ସମ୍ଭାବନା ଅଧିକ। ଚଳିତ ବିଶ୍ୱକପରେ ସେ ଅଦ୍ୟାବଧି ଗୋଟିଏ ଶତକ ଓ ୩ ଅର୍ଦ୍ଧଶତକ ହାସଲ କରି ସାରିଛନ୍ତି। କ୍ରିକେଟ ଆସୋସିଏସନ୍ ଅଫ୍ ବେଙ୍ଗଲ କୋହଲିଙ୍କ ଜନ୍ମଦିନକୁ ପାଳନ କରିବା ପାଇଁ ଅନୁମତି ଚାହୁଁଥିଲେ ମଧ୍ୟ ବିସିସିଆଇ ପକ୍ଷରୁ ଏହାକୁ ଅନୁମତି ମିଳି ନ ଥିଲା।



ବିରାଟ କୋହଲିଙ୍କ ୩୫ତମ ଜନ୍ମ ଦିବସ ପୂର୍ବରୁ ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା।

## ଜୋକୋଭିଚ୍ ସେମିଫାଇନାଲରେ

**ପ୍ୟାରିସ,୪।୧୧ (ଏପି):** ଗତଥରର ଚାମ୍ପିୟନ ହୋଲ୍‌ଗର ରୁନିଙ୍କୁ ପରାସ୍ତ କରି ନୋଭାକ୍ ଜୋକୋଭିଚ୍ ତାଙ୍କ ପ୍ରତିଶୋଧ ନେଇଥିବା ବେଳେ ଏଠାରେ ଚାଲିଥିବା ପ୍ୟାରିସ ମାଷ୍ଟର୍ସ ଟେନିସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୀର୍ଘ ୩ ଘଣ୍ଟା ଧରି ଅନୁଷ୍ଠିତ ଏହି କ୍ୱାର୍ଟରଫାଇନାଲ ମ୍ୟାଚକୁ ଜୋକୋଭିଚ୍ ୭-୫, ୬-୭(୩), ୬-୪ରେ ଜିତି ନେଇଥିଲେ।

## ପାଣ୍ଡ୍ୟା ବିଶ୍ୱକପ୍‌ରୁ ବାଦ୍

# ପ୍ରସିଦ୍ଧ କ୍ରିଷ୍ଣା ବଦଳ ଖେଳାଳି

କୋଲକାତା,୪।୧୧(ପି.ଟି.)

ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତକୁ ଲାଗିଛି ଝଟକା। ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡିଛନ୍ତି। ଏହା ସହିତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବଦଳ ଖେଳାଳି ଭାବରେ ଭାରତୀୟ ଦଳରେ ସାମିଲ କରାଯାଇଛି। ପାଣ୍ଡ୍ୟାଙ୍କ ଗୋଇଠି ମକଚି ହୋଇ ଯାଇଥିବା ବେଳେ ସେ ଭାରତର ପଞ୍ଚମ ମ୍ୟାଚରୁ ବାଦ୍ ପଡିଥିଲେ। ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ରିହାବ କରୁଥିଲେ ମଧ୍ୟ ତାଙ୍କର ସୁସ୍ଥ ହେବାର ସମ୍ଭାବନା କମ୍ ଥିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ବାଂଲାଦେଶ ବିପକ୍ଷ ମ୍ୟାଚରେ ବୋଲିଂ କରୁଥିବା ସମୟରେ ପାଣ୍ଡ୍ୟା ଫଲୋ ଥ୍ରୁରେ ଏକ ବଲ୍ ରୋକିବାକୁ ପ୍ରୟାସ କରିଥିବା ବେଳେ ତାଙ୍କ ବାମ ଗୋଡରେ ଆଘାତ ଲାଗିଥିଲା। ଏହାପରେ ସେ ଏନ୍‌ସିଏରେ ରିହାବ କରିବା ସହିତ ଟ୍ରେନିଂ ମଧ୍ୟ ଆରମ୍ଭ କରିଥିଲେ। ତେବେ ଗୋଇଠି ପୁଣି ଥରେ ଫୁଲିବା ଆରମ୍ଭ ହେବା ପରେ ପାଣ୍ଡ୍ୟାଙ୍କ ଖେଳିବାର ସମ୍ଭାବନା ଶେଷ ହୋଇଥିଲା। ନିଜେ ପାଣ୍ଡ୍ୟା ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ବାକି ଟୁର୍ନାମେଣ୍ଟରୁ ସେ ବାଦ୍ ପଡିଥିବା ନେଇ ଘୋଷଣା କରିଛନ୍ତି।

"ଭାରତୀୟ ଦଳରୁ ବାଦ୍ ପଡିବା ଅତ୍ୟନ୍ତ କଷ୍ଟକର। ବିଶ୍ୱକପ୍‌ର ଆଗାମୀ ମ୍ୟାଚ୍‌ଗୁଡିକରୁ ମୁଁ ବାଦ୍ ପଡୁଛି। ମାତ୍ର ଦଳ ସହିତ ରହି ପ୍ରତି ମ୍ୟାଚରେ ମୁଁ ଦଳକୁ ଉତ୍ସାହିତ କରିବି। ଆହତ ଥିବା ସମୟରେ ମୋ ପାଇଁ ଚିନ୍ତା ପ୍ରକଟ କରିଥିବା ସମସ୍ତ ଫ୍ୟାନ୍‌ଙ୍କ ନିକଟରେ ମୁଁ କୃତଜ୍ଞ" ବୋଲି ପାଣ୍ଡ୍ୟା ନିଜ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ବିସିସିଆଇ ପକ୍ଷରୁ ସଞ୍ଜୁ ସାମସନ, ତିଳକ ବର୍ମା ଓ ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ରିଜର୍ଭ ଖେଳାଳି ଭାବରେ ରଖାଯାଇଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପାଣ୍ଡ୍ୟାଙ୍କ ବଦଳ ଖେଳାଳି ଭାବରେ ଦଳରେ ସାମିଲ କରାଯାଇଛି। ତେବେ ପ୍ରସିଦ୍ଧ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା କ୍ଷୀଣ। ସେ ଭାରତ ପାଇଁ ୧୭ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।





Fill your festive season with happiness and a bright glow. Buy a Kia between 1st Nov to 30th Nov, 2023 to level up your celebration with exclusive ownership privileges, and add more inspiration to this auspicious time.

Exclusive ownership privileges for the Sonet*

Free Maintenance for 3 years** | Extended Warranty Up to 5 years# | Zero Down Payment Up to 100% processing fee waiver^ | Additional Benefits for select corporates

Exclusive ownership privileges for the Carens*

Special Accessories Package~ | Zero Down Payment Up to 100% processing fee waiver^ | Additional Benefits for select corporates | Competitive Interest Rate 8.75% onwards^

Kia cars now available through Canteen Stores Department (CSD).

*T&C Apply. **Service inclusion as per periodic maintenance schedule defined in the owner's manual under normal driving conditions and applicable up to 3 years/30 000 km whichever is earlier. #Limited Period Offer. 3 year standard warranty & 2 year extended warranty. ^With select partners banks only. ~Special accessory package is applicable on all trims (chrome kit). The product shown is for representation purposes only. Actual features, colors and specifications may not be part of standard fitment and may vary. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. For more details, visit your nearest Kia dealership. Kia urges you to follow traffic rules. These are meant to keep you safe on roads.

For more information, visit our dealership or contact:
1800 108 5000 | 093195 91407 | www.kia.com/in | Book Kia | kiacare@kiaindia.net | Look for "Kia India" @

**Central Kia :** Pahal, Bhubaneswar, Tel: 7440004288 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Central Kia :** Sambalpur, Tel: 7440004263 **Central Kia :** Angul, Tel: 7440002918 **Basanti Kia :** Balasore, Tel: 7077732182 **Krishna Kia :** Kalunga Industrial Estate, Rourkela, Tel: 7852941115




ପ୍ରେଷ୍ଟିଜ୍ ରେଞ୍ଜ ଉତ୍ପାଦ ଦ୍ୱାରା ଜଜ୍ ପାଇଁ ଦର୍ଶାଯାଇଥିବା ମୂଲ୍ୟ ଉତ୍ପାଦର ଅଫର୍ ମୂଲ୍ୟକୁ ପ୍ରତିନିଧିତ୍ୱ କରେ (ସକଳ କର ସହିତ)।

CUSTOMER CARE NO* 080-6000 4411 | Follow 'TTK Prestige' on | PRESTIGE XPERT 97423 34411 | Shop Online on shop.ttkprestige.com | Prestige

For Franchisee Enquiry:- Call +91 7077721612

Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort, Mob: 7750925223; **Bapuji Nagar**: 105 Bapuji Nagar, Behind Yes Bank (Old Post Office Lane) Lane No 08, 0674-2597141/9937138998; **Bapuji Nagar**: 237, Pani Tanki Lane, Ph: 0674 2597685 Mob: 9777744071, **Satyangar:** 10, Janpath, Mob: 8280056821, **ID Market:** Shop No FG 3, Near Reliance Fresh, Mob: 9861404879, **Damana:** 248, Sailashree Vihar Road, Mob : 7327902258, **Baramunda:** A/37, Ruchika Market, Mob : 9937073674, **Raghunathpur:** Shop no - S5, Manson Green, Nandankanan Road, Mob: 8895390144; **CUTTACK, Dolmundai:** Hotel Akbari Complex, Haripur Road, Ph: 0671 2910337; Mob: 9348222581, **Baxi Bazar:** Manisahoo Chhak, Mob: 6371736954; **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance Trend, Mob: 9777457774; **BALUGAON**: Chilika Road, Mob: 8984858783; **KENDRAPARA**: Kakat Chhak, Ph: 06727 221241; Mob: 9040562233; **DHENKANAL:** I.G. Super Market, near SBI ATM; Mob: 9337477279/ 9348178750; **BOLANGIR:** A.B.S.S. Road, Near Samaleswari Temple, Ph: 06652232419; Mob : 9437331171, 9437241863; **SEMILIGUDA:** Infront of RAM Mandir Gate, Main Road, Mob: 8328800974; **BARGARH:** C/o: New Patra Needs, Infront of Gopal Goshala, NH-6, Main Road, Mob: 9776323188; **SAMBALPUR, Golbazaar**: Near Durga Temple Mob: 9338194750, **JAGATSINGHAPUR:** C/o: Orchid Mart, Central Market Ph: 06724221090/ 06724221080, **ANGUL:** Near Havells Galaxy Store, Shankar Cinema Rd, Mob: 7608885430.

**AUTHORISED DEALERS:- BHUBANESWAR:** Reeta-06742597111, Crockery Plaza-9938399889, Lingaraj Store-7978209549, Sulochana Enterprises-9338067682, Spectra Vision, Ph: 9937722277, Pratap Sweing Machine-9937138544, Utkal Light House-9937019272, Utkal Sales-9853150619, Palace-9348652955 -Bhubaneswar, Balaji Electonics-9938469841, **Jatni:-** D B Enterprises-9078919100, **Khordha-** Mahorana Enterprises-7978018288, Kitchen Plaza-9337756820, Sai Traders-7008298692 -Bhubaneswar, Sarakar Electro Digital-9776457173 -Bhubaneswar, P D Marketing, Ph-7377735345, B S Enterprises-9437310480, Anu Agency-9437134266, Tarini Aluminium Stores-9438568797, SB Enterprises, Ph-9861155551, Kitchen King-9938475819, Prasad Kitchen-9437041063, Sivam Enterprises-7008565807, Shree Traders-9937131901, Sai Associate-9937065641, Tamana Trading-7004248554, **CUTTACK:** Union Sales Emporium-9338461472, Janata General Store, Ph-2419948, Aurobinda Plastic, Ph 8763923528, Friends Electrical-9438510061, Arbinda Home Appliances-9438480346, Puspak Agency-7205016581, Balaji Distributor-8763153928, Patra Electronics (CDA)-9348863657, Sanjaya Electronics-9777777529 **-Salepur**, Maapadmavati Bastralaya-8908194534- **Rahama-** Patra Electronics (Chauliganja)-9938941317, Chowdar-Prince Electonics-9861101122 **KENDRAPARA:** Purnamasi Electrical, Ph. 9937070448. **PARADEEP:** Krishna Enterprise, Satapathy Enterprises-9437088525-Kujanga, **ROURKELA:** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph 9437046546; Kitchen Accessories-9437837833, **RAJGANGPUR:** Pradeep Store, Ph-9437244015 **SUNDARGARH:** Laxmi Steel, Ph-9776164771; **BALASORE:** United Sales Agency-9853519516, Rohit Sales-7978204587, Khandelwal Brothers-8984117316, **Sambalpur-** Bhatia Home Appliances-9556053558, Samuka Steel Center-9437331074, Laxmi Steel-8917393494, Shree Durga Steel-8018141782, Bankeswari Bartan Bhandar-6370188891, **Bolangir-** Bapi Steel-9556324328, Ghar Sansar-7008758771, Akash Steel-9437331491, Suraj Steel-9437151437, **Bhadrak-** Mahalaxmi Home Appliances-7381628318, Radhika Furniture-9437991876, **Baripada-** Aerovision-9861828643, Gajapati-Panda General Store-8249162067, Baripada Bazar-9439298333, Dream Home-9437435010 **-Jaypore**, Uma Electronics-9937076299 **-Chandenswar**, Beauty Place-9777456655, **Talcher**, Bulu Electronics-9556209149 **-Dasapala, Angul-** Saralia Trading-9439471222, Kanha Enetrprises-9437334629 **-Pallhada, Pipili-** Pradhan Store-993813724, Sahoo Electronics-9861662700, Puri-Ghar Sansar Mart-9861313913, **Berhumpur-** Ria Marketing-9040147776, Ashok Enterprises-9338491716, **Bhanjanagar-** Patra Enterprises-8837077719, **Jaypur-** Home Needs-8637259595, **Angul-** Omm Gift & Veriety Store-9348230554.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ମହିଳାଙ୍କୁ ଖାଇଗଲା ବାଘ

## ନୂଆପଡ଼ାରେ ଆତଙ୍କ ବଢ଼ିଲା

- ଶିଶୁକୁ ଝାମ୍ପିନେବାବେଳେ ଉଦ୍ଧାର କଲେ ଗାଁ ଲୋକେ
- ଗୁରୁତର ଅବସ୍ଥାରେ ନୂଆପଡ଼ା ହସ୍‌ପିଟାଲରେ ଭର୍ତ୍ତି
- ୬ ଦିନ ପୂର୍ବେ ୭ ବର୍ଷର ବାଳକଙ୍କୁ ମାରିଥିଲା

ନୂଆପଡ଼ା,୪।୧୧(ମକାରୁ ବେମାଲ)



ଏହି ଜଙ୍ଗଲରେ ମହିଳାଙ୍କୁ ବାଘ ଖାଇଦେଇଛି।

ନୂଆପଡ଼ା ଜିଲା ସଦର ରେଞ୍ଜ୍ ଧରମବନ୍ଧା ଥାନା ସିଲିଆରିବାହାରା ଗାଁରେ ଶନିବାର ଜଣେ ମହିଳାଙ୍କୁ ମାରି ଖାଇଛି କଲରାପତରିଆ ବାଘ। ମୃତା ହେଲେ ସିଲିଆରିବାହାରା ଗାଁର ପୂର୍ବତନ ୱାର୍ଡମେମ୍ବର ରାମେଶ୍ୱରୀ ମାଝି (୫୦)। ସେହିପରି ଏହି ଗାଁଠାରୁ କିଛି ଦୂର କୋଦପାଲିରେ ଜଣେ ଶିଶୁକୁ ବାଘ ଝାମ୍ପିନେବାବେଳେ ଗାଁ ଲୋକେ ଉଦ୍ଧାର କରିଛନ୍ତି। ଗୁରୁତର ଅବସ୍ଥାରେ ଶିଶୁଟିକୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଶୁକ୍ରବାର ସନ୍ଧ୍ୟାରେ ରାମେଶ୍ୱରୀ ଗାଁମୁଣ୍ଡକୁ ଶୌଚ ପାଇଁ ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ। ରାତିରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ଶନିବାର ସକାଳୁ ଗାଁମୁଣ୍ଡରେ ମହିଳାଙ୍କୁ କଲରାପତରିଆ ବାଘ ଖାଉଥିବା ଲୋକେ ଦେଖିବାକୁ ପାଇଥିଲେ। ଗାଁ ଲୋକେ ବାଘକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଦୀର୍ଘ ସମୟ ଧରି ବାଘ ଓ ଲୋକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ହେଲେ ଘଉଡ଼ାଇବା ପାଇଁ ଯାଇଥିବା ଲୋକଙ୍କୁ ବାଘ ଗୋଡ଼ାଉଥିଲା। ମଧ୍ୟାହ୍ନରେ ଗାଁ ଲୋକେ ସଂଘବଦ୍ଧ ଭାବେ ଠେଙ୍ଗାବାଡ଼ି ଧରି ବାଘକୁ ଘଉଡ଼ାଇଥିଲେ। ସେଠାରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ବାଘ ମହିଳାଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରିଦେଇଥିବାବେଳେ ଦେହର ମାଂସକୁ ପୁଳା ପୁଳା ଖାଇଯାଇଥିଲା। ସନ୍ଧ୍ୟା ସମୟରେ କୋଦପାଲି ଗାଁର ବାଳକରାମ ଧରୁଆଙ୍କ ୫ବର୍ଷର ପୁଅ ନୀଳକଣ୍ଠ ଖେଳୁଥିବାବେଳେ ବାଘ ଝାମ୍ପି ନେଇଥିଲା। ଗାଁ ଲୋକେ ଘଉଡ଼ାଇବାରୁ ବାଘ ଛାଡ଼ିପଳାଇଥିଲା। ଗୋଟିଏ ଦିନରେ ୨ଟି ଘଟଣା ଘଟିବାରୁ ବାଘ ଭୟରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟାରେ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ମୃତଦେହ ଉଠାଇବାକୁ ଦେଇନାହାନ୍ତି। ଏବେ ଗାଁରେ ଉତ୍ତେଜନା ଦେଖାଦେଇଛି।

ଉଲ୍ଲେଖଯୋଗ୍ୟ, ଗତ ୩୦ ତାରିଖ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁର ଗୌଧସ ପଡ଼ାର ହୁମନ ଧରୁଆଙ୍କ ପୁଅ ଡମ୍ବରୁ (୭) ସାଙ୍ଗଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ପାଖ ସୁନାବେଡ଼ା ଅଭୟାରଣ୍ୟରୁ କଲରାପତରିଆ ବାଘ ଆସି ଟାଣି ନେଇଥିଲା। ଗ୍ରାମବାସୀ ଡମ୍ବରୁଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କ ଜୀବନ ଚାଲିଯାଇଥିଲା। ୬ ଦିନ ବ୍ୟବଧାନରେ ପୁଣି ଜଣେ ମହିଳାଙ୍କୁ ମାରି ଖାଇଲା। ଗୋଟିଏ ସପ୍ତାହ ନ ପୂରୁଣୁ ବାଘ ଆକ୍ରମଣରେ ଦୁଇଟି ଜୀବନ ଚାଲିଯାଇଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବାଘକୁ ଶୀଘ୍ର ଧରି ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ବାୟୁ ପ୍ରଦୂଷଣ ଭାରତରେ ନେଉଛି ଅଧିକ ଜୀବନ

- ୨୦୧୯ରେ ଏହି କାରଣରୁ ୧୬.୭ ଲକ୍ଷ ମୃତ

ନୂଆଦିଲ୍ଲୀ,୪।୧୧



ରାଜଧାନୀ ଦିଲ୍ଲୀ ସମେତ ଭାରତର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ନେଇଛି। ଏହି ବିଷାକ୍ତ ବାୟୁ ଏକ ‘ଧିମା ବିଷ’ରେ ପରିଣତ ହୋଇଛି, ଯାହା ଭାରତରେ ମୃତ୍ୟୁ ଓ ରୋଗ ବଢ଼ାଉଛି। କମ୍ ଓଜନର ପିଲା ଜନ୍ମ ହେବାଠାରୁ ଆରମ୍ଭ କରି ଲୋକଙ୍କ ଆଖି, ଫୁସ୍‌ଫୁସ୍, ତ୍ୱଚା, ହୃତ୍‌ପିଣ୍ଡ ଆଦି ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ପ୍ରଭାବିତ ହେବା ଓ କ୍ଷତିଗ୍ରସ୍ତ ହେବା ଏପରିକି ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେବା ପଛର କାରଣ ବାୟୁ ପ୍ରଦୂଷଣ ବୋଲି କୁହାଯାଉଛି। ୨୦୨୦ରେ ଲାନ୍‌ସେଟ୍ ପ୍ଲାନେଟାରି ହେଲ୍‌ଥ ପଲ୍ୟୁଶନ ପତ୍ରିକାରେ ପ୍ରକାଶିତ ଏକ ବଡ଼ ଅଧ୍ୟୟନ ଅନୁଯାୟୀ ମାନବ ଜାତି ପାଇଁ ପ୍ରଦୂଷଣ ସବୁଠୁ ବଡ଼ ବିପଦ। ପ୍ରଦୂଷଣ ଯୋଗୁ ସାରା ବିଶ୍ୱରେ ବର୍ଷକୁ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ତେବେ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ଭାରତରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଥିଲା।

ଏହି ରିପୋର୍ଟ ଅନୁଯାୟୀ ୨୦୧୯ରେ ଭାରତରେ ବାୟୁ ପ୍ରଦୂଷଣ ଯୋଗୁ ୧୬.୭ ଲକ୍ଷ ଲୋକ ପ୍ରାଣ ହରାଇଥିଲେ, ଯାହା କି ସେହି ବର୍ଷ ସାରା ବିଶ୍ୱରେ ବାୟୁ ପ୍ରଦୂଷଣଜନିତ ମୃତ୍ୟୁର ୧୭.୮ ପ୍ରତିଶତ ଥିଲା। ୨୦୧୯ରେ ଭାରତରେ ହାରାହାରି କଣିକା ଉପାଦାନର ଘନତା ଘନମିଟର ପ୍ରତି ୭୦.୩ ମାଇକ୍ରୋଗ୍ରାମ ଥିଲା, ଯାହାକି ବିଶ୍ୱରେ ସର୍ବାଧିକ। ଶୁକ୍ରବାର ସକାଳେ ଦିଲ୍ଲୀରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦୦ ଅତିକ୍ରମ କରିଥିଲା, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ବିବେଚିତ ସୀମାଠାରୁ ୧୦୦ ଗୁଣ ଅଧିକ। ଶୁକ୍ରବାର ବିଭିନ୍ନ ସମୟରେ ଦିଲ୍ଲୀର ବାୟୁ ଏକ୍ୟୁଆଇ ପିଏମ୍୨.୫ ଏବଂ ପିଏମ୍୧୦ ବିପଜ୍ଜନକ ସ୍ତର ସହ ହାରାହାରି ୫୫୦ ରହିଥିଲା। ଧୂଳି ଧୂଆଁର ଘନ ଆସ୍ତରଣ ଯୋଗୁ କେତେକ ସ୍ଥାନରେ ୫୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉ ନ ଥିଲା। ଭାରତରେ ବାୟୁ ପ୍ରଦୂଷଣ ସ୍ତର ବଢ଼ିବା ସହ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ବିଶେଷକରି ଗାଙ୍ଗେୟ ସମତଳ ଅଞ୍ଚଳରେ ଏହା ଦେଖିବାକୁ ମିଳିଛି ବୋଲି ସାକେତ୍‌ସ୍ଥିତ ମାକ୍ସ ସୁପରସ୍ପେଶିଆଲିଟି ହସ୍ପିଟାଲର ପଲ୍‌ମୋନୋଲୋଜି ବିଭାଗ ମୁଖ୍ୟ ତଥା ପ୍ରିନ୍ସିପାଲ ଡାଇରେକ୍ଟର ଡ. ବିବେକ ନଙ୍ଗିଆ କହିଛନ୍ତି।

ଶିକାଗୋ ୟୁନିଭର୍ସିଟି ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ଗତ ଅଗଷ୍ଟରେ ପ୍ରକାଶିତ ବାୟୁ ମାନ ଜୀବନ ସୂଚକାଙ୍କ (ଏକ୍ୟୁଏଲ୍‌ଆଇ) ଅନୁଯାୟୀ ବାୟୁ ପ୍ରଦୂଷଣ ଦିଲ୍ଲୀର ଜାତୀୟ ରାଜଧାନୀ ଅଞ୍ଚଳର ଲୋକଙ୍କ ଆୟୁଷ ହ୍ରାସ କରୁଛି। ପାଖାପାଖି ୧୨ ବର୍ଷ ହେଲା ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହର ବିବେଚିତ ହୋଇଆସୁଛି। ପିଏମ୍୨.୫ ଭାରତରେ ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ। ଏହା ଭାରତୀୟଙ୍କ ହାରାହାରି ଆୟୁଷକୁ ୫.୩ ବର୍ଷ କମାଇ ଦେଉଛି। ହୃଦ୍‌ରୋଗ ହାରାହାରି ଆୟୁଷ ୪.୫ ବର୍ଷ କମାଉଥିବାବେଳେ ଶିଶୁ ଓ ମାତୃ ଅପପୁଷ୍ଟି ୧.୮ ବର୍ଷ କମାଇଥାଏ। ପ୍ରଦୂଷିତ ବାୟୁ ‘ଧିମା ବିଷ’ ବୋଲି ଶ୍ରୀ ଗଙ୍ଗାରାମ ହସ୍ପିଟାଲର ଶିଶୁରୋଗ ବିଭାଗର ବରିଷ୍ଠ କନ୍‌ସଲ୍ଟାଣ୍ଟ ଡ. ଧୀରେନ୍ ଗୁପ୍ତା କହିଛନ୍ତି।



## ବାଇକ୍ ସହ ବ୍ରାଉନସୁଗାର ଜବତ

**ବାରଙ୍ଗ,(ଲିଙ୍ଗରାଜ ରାଉତ):** ମେଣ୍ଢାଶାଳ ଛକ ଉପରୁ ଭୁବନେଶ୍ୱର ଅବକାରୀ ଥାନା ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ମେଣ୍ଢାଶାଳ ଗ୍ରାମର ଏସ୍‌କେ ରଜକ୍ ଅଲ୍ଲୀ। ପୋଲିସ ତାଙ୍କ ପାଖରୁ ୫୫ ଗ୍ରାମ୍ ବ୍ରାଉନସୁଗାର ସହ ଏକ ବାଇକ୍ ଜବତ କରିଛି। ଏନେଇ ଅବକାରୀ ଥାନାରେ ମାମଲା ନଂ.୯୯/୨୩ ରୁଜୁ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସକାଳୁ ମେଣ୍ଢାଶାଳ ବଜାରରେ ଜଗି ରହିଥିଲା। ଏହି ସମୟରେ ରଜକ୍ ଏକ ବାଇକ୍ (ଓଡି ୩୩ ଏକେ-୩୭୦୩)ରେ ଆସିକ ବଜାରରେ ପହଞ୍ଚି ନିକଟସ୍ଥ ଗ୍ରାମର ଜଣେ ସହଯୋଗୀଙ୍କ ସହ କଥା ହେଉଥିବାବେଳେ ଅବକାରୀ ପୋଲିସ ସେମାନଙ୍କୁ କାବୁ କରିଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଦି ସ୍ମାର୍ଟ ଭିଜନ ଲର୍ନିଂ ସିଷ୍ଟମ ପକ୍ଷରୁ ଷ୍ଟେଟ୍ ଲେଭଲ ମେଣ୍ଟାଲ ଏରିଥିମେଟିକ୍ କମ୍ପିଟିଶନ, ସରସ୍ୱତୀ ଇଣ୍ଟରନ୍ୟାଶନାଲ ସ୍କୁଲ, ଅପରାହ୍ନ ୩ଟା ୩୦ ।
- ଭାଗବତ ସପ୍ତାହ ପାଳନ, ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ଭିଏସ୍‌ଏସ୍ ନଗର, ସନ୍ଧ୍ୟା ୬ଟା ୩୦ ।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ୧୧ତମ ଓଡ଼ିଶୀ ରାଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦ ।

# ପ୍ରଯୋଜକ ଟୁଟୁ ନାୟକ ଜେଲ ଗଲେ

ଭୁବନେଶ୍ୱର,୪।୧୧
(ସୂର୍ଯ୍ୟକାନ୍ତ ବେହେରା)



ଗିରଫ ପରେ ଟୁଟୁ ନାୟକଙ୍କୁ ପୋଲିସ କୋର୍ଟକୁ ନେଉଛି।

କାର୍ଯ୍ୟରତ ମହିଳା ଖବରଦାତା ଦେବସ୍ମିତା ରାଉତଙ୍କୁ ମାଡ଼ ମାରିବା ସହ ଅସଦାଚରଣ ମାମଲାରେ ଫିଲ୍ମ ପ୍ରଯୋଜକ ଟୁଟୁ ନାୟକ ଓରଫ ସଞ୍ଜୟଙ୍କୁ ଖାରବେଳ ନଗର ଥାନା ପୋଲିସ ଶନିବାର ଗିରଫ କରିଛି। ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଟୁଟୁଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୧୬୧ରେ ଅଭିଯୋଗକାରିଣୀ ଖବରଦାତାଙ୍କ ବୟାନ ରେକର୍ଡ ସହ ସିସିଟିଭି ଫୁଟେଜ୍ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ଅଭିଯୋଗ ପରେ ପୋଲିସ ପ୍ରଥମେ ପ୍ରଯୋଜକ ଟୁଟୁ ନାୟକଙ୍କ ନାଁରେ ଆଇପିସି ଦଫା ୩୪୧, ୩୨୩, ୩୫୪ ଓ ୨୯୪ରେ ମାମଲା (ନଂ. ୫୫୩/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ଏପଟେ ମହିଳା କମିଶନ ହସ୍ତକ୍ଷେପ କରିବା ସହ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏହାସହ ୧୫ଦିନ ଭିତରେ ମାମଲାର ତଦନ୍ତ ରିପୋର୍ଟ ଦେବାକୁ ଭୁବନେଶ୍ୱର ଡିସିପିଙ୍କୁ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ଘଟଣା ପରେ ସହରରେ ମହିଳା ଖବରଦାତାଙ୍କ ସୁରକ୍ଷା ପାଇଁ ମହିଳା ସାମ୍ବାଦିକା ସଂଘ ଡିସିପିଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ସେହିପରି ଭାଜପା ଓ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏପରିକି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ। ଚାରିଆଡୁ ଚାପ ପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିବାକୁ ତତ୍ପରତା ଦେଖାଇଥିବା କୁହାଯାଉଛି।

ଦେବସ୍ମିତା ହେଉଛନ୍ତି ଇଟିଭି ଭାରତର ଭୁବନେଶ୍ୱର ଖବରଦାତା। ତାଙ୍କ ଅଭିଯୋଗ ଅନୁଯାୟୀ, ନୂଆ ଓଡ଼ିଆ ସିନେମା 'ପ୍ରଥା'ର ପ୍ରିମିୟର ଶୋ' ଖବର ସଂଗ୍ରହ କରିବାକୁ ଶୁକ୍ରବାର ଦିନ ପ୍ରାୟ ୧୨ଟା ୪୫ରେ ସ୍ୱାତୀ ସିନେମା ହଲ୍‌କୁ ଯାଇଥିଲେ। ହଲ୍ ଗେଟ ନିକଟରେ ସେ ଅନ୍ୟ ସହଯୋଗୀଙ୍କ ସହ ଠିଆ ହୋଇଥିବା ସମୟରେ ଟୁଟୁ ହଠାତ୍ ତାଙ୍କ ବାମପଟ ଗାଲକୁ ଏକ ଚାପୁଡ଼ା ମାରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ମାଡ଼ ମାରିବା ଫଳରେ ଦେବସ୍ମିତାଙ୍କ ହାତରୁ ବୁମ୍ ଓ ଫୋନ୍ ଖସି ତଳେ ପଡ଼ିଯାଇଥିଲା। ଏହାକୁ ସେ ଉଠାଉଥିବା ସମୟରେ ପୁଣିଥରେ ତାଙ୍କ ପିଠିକୁ ଟୁଟୁ ମାଡ଼ ମାରିଥିଲେ। ଟୁଟୁଙ୍କ ଏଭଳି ବ୍ୟବହାର ସର୍ବସମ୍ମୁଖରେ ମର୍ଯ୍ୟାଦା ହାନି ହେବା ସହ ତାଙ୍କୁ ଗଭୀର ଆଘାତ ଦେଇଛି। ଆଇନ ଅନୁଯାୟୀ ଟୁଟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେବସ୍ମିତା ତାଙ୍କ ଏତଲାରେ ଉଲ୍ଲେଖ କରିଥିଲେ।

### ମହିଳା ଖବରଦାତାଙ୍କୁ ମାଡ଼, ଅସଦାଚରଣ ମାମଲା

- ନିଜ ଆଡୁ ମାମଲା ରୁଜୁ କଲେ ମହିଳା କମିଶନ
- ମହିଳା ସାମ୍ବାଦିକା ସଂଘ ପକ୍ଷରୁ ଡିସିପିଙ୍କୁ ଦାବିପତ୍ର

## ୬ରୁ ଭୁବନେଶ୍ୱରରୁ ଜୟପୁରକୁ ଦ୍ୱିତୀୟ ବିମାନ ଉଡ଼ିବ

**ଭୁବନେଶ୍ୱର, (ଅସମାପିକା ସାହୁ)/ଜୟପୁର, ୪।୧୧ (ପବନ ପାଣିଗ୍ରାହୀ):** ଭୁବନେଶ୍ୱରରୁ କୋରାପୁଟ ଜିଲା ଜୟପୁରକୁ ଦ୍ୱିତୀୟ ବିମାନ ଚଳାଚଳ କରିବ। ଆସନ୍ତା ୬ ତାରିଖରୁ 'ଇଣ୍ଡିଆ ୱାନ୍ ଏୟାର' ସଂସ୍ଥା ପକ୍ଷରୁ ଏହି ଦ୍ୱିତୀୟ ବିମାନ ଉଡ଼ିବ। ସପ୍ତାହକୁ ୨ଦିନ ସୋମବାର ଓ ଶୁକ୍ରବାର ୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ। ବିମାନଟି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ସକାଳ ୭ଟା ୧୦ରେ ବାହାରି ଜୟପୁର ବିମାନ ବନ୍ଦରରେ ୮ଟା ୪୫ରେ ପହଞ୍ଚିବ। ସେହିପରି ଜୟପୁରରୁ ସକାଳ ୯ଟାରେ ବାହାରି ଭୁବନେଶ୍ୱରରେ ୧୦ଟା ୩୫ରେ ପହଞ୍ଚିବା ପାଇଁ ସ୍ଥିରୀକୃତ ହୋଇଛି। ତେବେ ପ୍ରାରମ୍ଭିକ ଅଫର ରୂପେ ସଂସ୍ଥା ପକ୍ଷରୁ ଯାତ୍ରୀଭଡ଼ା ୨୯୯୯ ଟଙ୍କା ରହିଛି। ରାଜ୍ୟ ସରକାରଙ୍କ ଆର୍ଥିକ ଏହି ବିମାନ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଗତବର୍ଷ ଅକ୍ଟୋବର ୩୧ରେ ଭୁବନେଶ୍ୱର–ଜୟପୁର–ବିଶାଖାପାଟନମ୍ ଏବଂ ବିଶାଖାପାଟନମ୍–ଜୟପୁର–ଭୁବନେଶ୍ୱର ବିମାନ ସେବା ଆରମ୍ଭ ହୋଇଥିଲା। ଭୁବନେଶ୍ୱରରୁ ଜୟପୁରକୁ ଇଣ୍ଡିଆୱାନ୍ ଏୟାର ବିମାନ ଉଡ଼ିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ।

# ଓଡ଼ିଶୀ ସଙ୍ଗୀତର ଲୋକପ୍ରିୟତା କମିଯାଉଛି




ଓଡ଼ିଶୀ ରାଗ ରତ୍ନାବଳୀ ସିଡିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୪।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

### ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ

**ଓଡ଼ିଶୀ ରାଗ ରତ୍ନାବଳୀ ସିଡି ଉନ୍ମୋଚିତ**

ଓଡ଼ିଶୀ ସଙ୍ଗୀତର ଲୋକପ୍ରିୟତା କମି କମି ଯାଉଛି। ଓଡ଼ିଶୀ କାର୍ଯ୍ୟକ୍ରମ ହେଲେ ଦର୍ଶକଙ୍କ ସଂଖ୍ୟା ହାତରେ ଗଣି ହେବା ଭଳି ଲାଗୁଛି। ଏଥିପାଇଁ ସାଂସ୍କୃତିକ ବିପ୍ଳବ ହେବା ଦରକାର। ଏଥିସହ ସରକାରୀ ତଥା ବ୍ୟକ୍ତିଗତ ସ୍ତରରେ ପ୍ରୟାସର ମଧ୍ୟ ଅଧିକ ଆବଶ୍ୟକ ରହିଛି ବୋଲି ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ କହିଛନ୍ତି। ଶନିବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ 'ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡ଼େମୀ'ର ୧୧ତମ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବରେ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଉଦ୍‌ଘାଟନୀ ସନ୍ଧ୍ୟାରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ ରଥ, ଓଡ଼ିଶୀ ସଙ୍ଗୀତ ଗବେଷକ କୀର୍ତ୍ତନ ନାରାୟଣ ପାଢୀ, ଗୁରୁ ଗୋପାଳ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ବିଗତ ବର୍ଷଗୁଡ଼ିକ ଭଳି ଗୁରୁ ଗୋପାଳ ପଣ୍ଡାଙ୍କ ଗବେଷଣାତ୍ମକ ଓଡ଼ିଶୀ ସଙ୍ଗୀତର ଆଉ ଗୋଟିଏ ମୌଳିକ ନିଜସ୍ୱ ରାଗକୁ ନେଇ ପ୍ରସ୍ତୁତ ଓଡ଼ିଶୀ ରାଗ ରତ୍ନାବଳୀ ସିଡି ଉନ୍ମୋଚିତ ହୋଇଥିଲା। ଏକାଡ଼େମୀର ବରିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ବୃନ୍ଦ ଗାୟନ ରାଗ 'ମଧୁ ମଞ୍ଜରୀ' ପରିବେଷିତ ହୋଇଥିଲା। ଏହି ରାଗ ସଙ୍ଗୀତର ମୂଳ ସଙ୍ଗୀତ ଗୁରୁ ପଣ୍ଡାଙ୍କର ହୋଇଥିବାବେଳେ ଏହାକୁ ପରିଚାଳନା କରିଥିଲେ ସଙ୍ଗୀତା ପଣ୍ଡା। ପରବର୍ତ୍ତୀ ପ୍ରସ୍ତୁତି ଥିଲା 'ଶ୍ରୀ ଗୀତଗୋବିନ୍ଦ' ଆଧାରିତ ଅଷ୍ଟନାୟିକା। ମୃତ୍ୟୁଞ୍ଜୟ ରଥଙ୍କର ଲିପି ନିର୍ଦ୍ଦେଶିତ ଏହି ସଙ୍ଗୀତଭିତ୍ତିକ ପ୍ରସ୍ତୁତି ଥିଲା ସମ୍ପୂର୍ଣ୍ଣ ନୂତନ ସ୍ୱାଦର। ଶେଷ ପ୍ରସ୍ତୁତିରେ କବିତା ଦ୍ୱିବେଦୀଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ନୃତ୍ୟ ଦେଖିବାକୁ ମିଳିଥିଲା। ବାଦ୍ୟ ପରିଚାଳନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାଶ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଏହା ୨ଦିନ ଧରି ଚାଲିବ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲ ଛାତ୍ରୀଙ୍କୁ ମିଳିବ ମାଣ୍ଡିଆ ଲଡୁ

ଭୁବନେଶ୍ୱର, ୪।୧୧(ଅସମାପିକା ସାହୁ)

ରାଜ୍ୟରେ ୨୩ଟି ଜିଲାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ହଷ୍ଟେଲ ଅନ୍ତେବାସିନୀ ଛାତ୍ରୀଙ୍କୁ ପୁଷ୍ଟିକର ମାଣ୍ଡିଆ ଲଡୁ ମିଳିବ। ରାଜ୍ୟ ସରକାର ଆସନ୍ତା ୬ ତାରିଖରୁ ପାଇଲଟ୍ ଭିତ୍ତିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବେ। ପ୍ରତି ଛାତ୍ରୀଙ୍କୁ ଦୈନିକ ୨ଟି ଲେଖାଏ ମାଣ୍ଡିଆ ଲଡୁ ଦିଆଯିବ। ଏହାଦ୍ୱାରା ରାଜ୍ୟରେ ଥିବା ମୋଟ୍ ୨୭୭ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲର ୧୯,୬୬୯ ଛାତ୍ରୀ ଉପକୃତ ହେବେ। ଏହା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ପାଇଲଟ୍ କାର୍ଯ୍ୟକ୍ରମ। ପିଏମ୍ ପୋଷଣ ଯୋଜନାରେ ଏହି କାର୍ଯ୍ୟକ୍ରମ କରାଯିବ। ଏହି ଯୋଜନା ପାଇଁ ହଷ୍ଟେଲର ପାଚିକାମାନେ ମାଣ୍ଡିଆ ଲଡୁ ପ୍ରସ୍ତୁତ କରିବେ। ଏଥିନିମନ୍ତେ ପାଚିକାମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଗତ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଲଡୁ ପ୍ରସ୍ତୁତି ପାଇଁ ଆବଶ୍ୟକ ମାଣ୍ଡିଆ ଆଦି ସାମଗ୍ରୀ ସ୍ଥାନୀୟ ବଜାରରୁ କ୍ରୟ କରାଯ ବିଦ୍ୟାଳୟ ଚାଲୁଥିବା ଦିନଗୁଡ଼ିକରେ ପିଲାମାନଙ୍କୁ ଦିନକୁ ଦୁଇଟି ଲେଖାଏ ଲଡୁ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିବା ଶନିବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

**ଭୁବନେଶ୍ୱର,୪।୧୧(ସୂର୍ଯ୍ୟକାନ୍ତ ବେହେରା):** ବିବାହ ପ୍ରତିଶ୍ରୁତି ଦେଇ ଜଣେ ବିବାହିତା ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ବାରମ୍ବାର ବଳାତ୍କାର ସହ ଗର୍ଭ ନଷ୍ଟ କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲଣ କରିଛି। ସେ ହେଲେ ଚନ୍ଦକା ଥାନା ଅଞ୍ଚଳର ଲକ୍ଷ୍ମୀକାନ୍ତ ମହାନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡିତା ମହିଳା ପୂର୍ବରୁ ବିବାହିତା ହୋଇଥିବା ବେଳେ ବ୍ୟକ୍ତିଗତ କାରଣ ପାଇଁ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଥିଲେ। ଏହାପରେ ଏକମାତ୍ର ପୁଅକୁ ଧରି ଭୁବନେଶ୍ୱରରେ ରହିବା ସହ ଏକ ବେସରକାରୀ ସଂସ୍ଥାରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ ଚାକିରି କରିଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ସହିତ ତାଙ୍କର ଚିହ୍ନା ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଘନିଷ୍ଠ ବନ୍ଧୁ ହୋଇଯାଇଥିଲେ। ଏହା ଭିତରେ ପୀଡିତା ନିଜର ବୈବାହିକ ଜୀବନର ସମସ୍ୟା ସଂକ୍ରାନ୍ତରେ ଅଭିଯୁକ୍ତଙ୍କୁ କହିବା ପରେ ସେ ସୁଯୋଗ ନେଇ ପୀଡିତାଙ୍କୁ ବିବାହ ପ୍ରସ୍ତାବ ଦେଇ ବାରମ୍ବାର ବଳାତ୍କାର କରିବା ସହ ଗର୍ଭ ନଷ୍ଟ କରିଥିଲେ। ଏନେଇ ପୀଡିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୧୭୭/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ଆୟଠାରୁ ସମ୍ପତ୍ତି ୪୫୫% ଅଧିକ

### ଜେଲ ଗଲେ କୋଟିପତି ଯନ୍ତ୍ରୀ

ଭୁବନେଶ୍ୱର,୪।୧୧
(ସୂର୍ଯ୍ୟକାନ୍ତ ବେହେରା )



ଅର୍ଜୁନ କୁମାର ସାହୁ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କଟକ ଜିଲା ସାଲେପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ଆୟଠାରୁ ୪୫୫ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବାର ପ୍ରମାଣ ପାଇବା ପରେ ଏହି ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ( ନଂ.୩୧/୨୩) ରୁଜୁ ପରେ ତାଙ୍କୁ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅର୍ଜୁନ ସ୍ତ୍ରୀଙ୍କ ନାଁରେ ମଧ୍ୟ କିଛି ସମ୍ପତ୍ତି କରିଥିବା ଭିଜିଲାନ୍ସ ଜାଣିବା ପରେ ତାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରିଛି।

ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ଅର୍ଜୁନଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ା ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ୨ ଲକ୍ଷ ୮୩ ହଜାର ନଗଦ ଟଙ୍କା, ୨୧ଟି ପ୍ଲଟ, ଭୁବନେଶ୍ୱରରେ କୋଟିଏରୁ ଅଧିକ ଟଙ୍କା ମୂଲ୍ୟର ଘର, ୭୦ ଲକ୍ଷ ୯ ହଜାର ଟଙ୍କାର ବ୍ୟାଙ୍କ ଜମା, ୩ଟି ଚାରି ଚକିଆ ଗାଡି ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପତ୍ତି ଠାବ କରିଥିଲା। ଏହି ଯାଞ୍ଚରେ ଭିଜିଲାନ୍ସର ଟିମ୍‌ଗୁଡ଼ିକରେ ୮ ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର, ୭ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସୂର୍ଯ୍ୟକାନ୍ତ



@ ମହେନ୍ଦ୍ର



@ ସୁଜିତ୍



@ ବିଷ୍ଣୁଚରଣ



@ ଅଭିଜିତ୍


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ କଟକର ଏଚ୍‌ସିଜି ପଣ୍ଡା କ୍ୟାନସ୍‌ର ହସ୍ପିଟାଲ ପକ୍ଷରୁ ଶନିବାର ଆୟୋଜିତ ମେଗା ବାଇକାଥନରେ ହସ୍ପିଟାଲର କର୍ତ୍ତୃପକ୍ଷ ଓ କର୍ମଚାରୀମାନେ।

# ଗାଡ଼କଣରୁ ଡୁମୁଡୁମା ଗାଁକୁ ଗଡ଼ିଲା ମୋ ବସ୍

ଭୁବନେଶ୍ୱର, ୪।୧୧ (ବନ୍ଦନା ସେଠୀ)

### ପ୍ରତି ୧୫ ମିନିଟ୍‌ରେ ଚାଲିବ ୫ ଏସି ଓ ୮ ନନ୍ ଏସି



ଗାଡକଣ ଗାଁରୁ ଡୁମୁଡୁମା ଗାଁକୁ ୨୫ ନମ୍ବର ରୁଟ୍‌ରେ ଗଡ଼ିଲା ମୋ ବସ୍। ଶନିବାର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, କର୍ପୋରେଟର ସୁଷମା ସାହୁ ପ୍ରମୁଖ ପତାକା ଦେଖାଇ ଏହି ସେବାର ଶୁଭାରମ୍ଭ କରିଥିଲେ। ବିଏମ୍‌ସିର ବିକାଶ ସେବା ପ୍ରତି ୱାର୍ଡରେ ପହଞ୍ଚିବାକୁ ଉଦ୍ୟମ ଜାରି ରହିଥିବାବେଳେ ଗାଡକଣ ଗ୍ରାମ ଭିତରୁ ମୋ ବସ୍ ସେବା ଡୁମୁଡୁମା ଗ୍ରାମ ପର୍ଯ୍ୟନ୍ତ ଅର୍ଥାତ୍ ସହରର ଉତ୍ତରରୁ ଦକ୍ଷିଣ ଯାଏ ପରିବ୍ୟାପ୍ତ ହୋଇଛି। ପୂର୍ବରୁ ମୋ ବସ୍ ଗାଁଠାରୁ ବହୁ ଦୂରରେ ରହୁଥିବାରୁ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ଶିଶୁଙ୍କ ଯାତାୟାତରେ ଅସୁବିଧା ହେଉଥିଲା। ମାତ୍ର ଏବେଠାରୁ ଗାଡକଣ ଗ୍ରାମ ଭିତରୁ ୮ଟି ନନ୍ ଏସି ଏବଂ ୫ଟି ଏସି ବସ୍ ଭାୟା ମଞ୍ଚେଶ୍ୱର, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନ, ପୋଖରୀପୁଟ ଦେଇ ଡୁମୁଡୁମା ମଧ୍ୟରେ ଯାତାୟାତ କରିବ। ପ୍ରତି ୧୫ ମିନିଟ୍ ଅନ୍ତରରେ ଉଭୟ ପାର୍ଶ୍ୱରୁ ଏହି ସେବା ଉପଲବ୍ଧ ହେବ। କାର୍ଯ୍ୟକ୍ରମରେ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ପରିମଳ ଡ. ମନୋରଞ୍ଜନ ସାହୁ, ଜୁଟ ଅଧିକାରୀ ଅଭିମନ୍ୟୁ ସ୍ୱାଇଁ, ଗାଡକଣ ଗାଁ ମୁଖ୍ୟ ଈଶ୍ୱର ଜେନା, ସରୋଜ ଜେନା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ଝୁଲନ୍ତା ମୃତଦେହ ଜବତ

ଜଟଣୀ,୪।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ କୁଦିଆରୀ ଗ୍ରାମରୁ ଶନିବାର ପୋଲିସ ଜଣେ ବରିଷ୍ଠ ସାମାଜିକ କର୍ମୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ସରୋଜ ମହାନ୍ତି(୬୮)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଧ୍ୟାହ୍ନରେ ସରୋଜ ଘର ଫ୍ୟାନ୍‌ରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ସରୋଜ ନିଜ ଗ୍ରାମରୁ ଦେଶୀ ମଦଭାଟି ବନ୍ଦ କରିବା, ଜଟଣୀ ଓଭରବ୍ରିଜ୍ ନିର୍ମାଣ ସହିତ କଳାର ବିକାଶ ପାଇଁ ଅନେକ ପଦକ୍ଷେପ ନେଇ ସମଗ୍ର ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

### ମେଧାବୀ ଛାତ୍ର ଶୁଭମ ସ୍ୱରୂପଙ୍କୁ ଶ୍ରଦ୍ଧାଞ୍ଜଳି

ଜଟଣୀ,୪।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅଧୀନ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗତ ବୁଧବାର ବେଣାପଞ୍ଜରୀ ଗ୍ରାମ ଗଡ଼ସାହିର ଶୁଭମ୍ ସ୍ୱରୂପ ପାଲ୍‌ଟାସିଂହ ଘରେ ପାଠ ପଢୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିଲା। ସ୍ୱର୍ଗତ ଶୁଭମ୍ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଉକ୍ତ ବିଦ୍ୟାଳୟ ଓ ବିଦ୍ୟାଳୟ ଅଭିଭାବକ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଅଭିଭାବକ ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ହୃଷୀକେଶ ମହାପାତ୍ର, ଆଦିତ୍ୟ ବଳିୟାରସିଂହ, ନିରୁପମା ପ୍ରଧାନ, ସ୍ୱାଗତିକା ତରାଇ, ସୁକାନ୍ତ କୁମାର ପରିଡ଼ା, ସୁଧାଂଶୁ ଶେଖର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତଙ୍କ ପରଲୋକ

ଟାଙ୍ଗୀ,୪।୧୧(ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ତଥା ଜି.ଉଦୟଗିରିର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତିଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକଭାବେ କାର୍ଯ୍ୟ କରିବା ସହ ନିଜେ ପାଠ ପଢ଼ିଥିବା ବିଦ୍ୟାଳୟରେ ମଧ୍ୟ ଶିକ୍ଷକଭାବେ କାର୍ଯ୍ୟ କରିଥିଲେ। ତାଙ୍କର ମୃତ୍ୟୁ ଖବରପାଇ ବହୁ ପୁରୁତନ ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ ତଳସାହିସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ରବିବାର ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

# 'ପଡ଼ିରହିଥିବା ମାମଲା ଶୀଘ୍ର ଫଇସଲା କର'



ଜେଏମ୍‌ଏଫ୍‌ସି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

## ବେଗୁନିଆରେ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ

ବେଗୁନିଆ,୪।୧୧(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଶନିବାର ନୂତନ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟଟ୍ରାକ୍ କୋର୍ଟ(ଜେଏମ୍‌ଏଫ୍‌ସି) କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଚାରପତି ଦେବବ୍ରତ ଦାଶ ଏବଂ ବେଗୁନିଆ ଆଡ୍‌ଭୋକେଟ୍ ଆସୋସିଏଶନର ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଏହାର ଉଦ୍‌ଘାଟନ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବେଗୁନିଆ ତହସିଲ ଅଞ୍ଚଳର ଜନସାଧାରଣ ଆଗକୁ ଆଉ ଅସୁବିଧାର ସମ୍ମୁଖୀନ ହେବେନାହିଁ। ସେହିପରି ଏହି ଅଞ୍ଚଳରେ ୨୪୧ଟି କ୍ରିମିନାଲ ଏବଂ ୧୦୬ଟି ସିଭିଲ୍ କେସ୍ ପଡ଼ିରହିଛି। ତୁରନ୍ତ ଏହିସବୁ ମାମଲା ଫଇସଲା କରିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ଯୋଗାଇ ଦେବାକୁ ବିଚାରପତି ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ୨୦୧୮ରୁ ଏହି କୋର୍ଟ କାର୍ଯ୍ୟକ୍ଷମ ହେବାର ଥିଲା। ହେଲେ ବିଭିନ୍ନ କାରଣ ଯୋଗୁ ୫ ବର୍ଷ ବିଳମ୍ବ ହୋଇଥିଲେ ମଧ୍ୟ ବେଗୁନିଆ ଜନସାଧାରଣ ଏବଂ ପ୍ରଶାସନର ସହଯୋଗରେ ଏହା ସମ୍ଭବ ହୋଇପାରିଛି ବୋଲି ଷଡ଼ଙ୍ଗୀ କହିଛନ୍ତି। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଜିଲାଜଜ୍ ନିଶିଥ ନିଶଙ୍କ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, କୋର୍ଟ ମ୍ୟାନେଜର ଶଶିକାନ୍ତ ପ୍ରଧାନ, ସିଷ୍ଟମ୍ ଅଫିସର ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ଖୋର୍ଦ୍ଧା ସିଭିଲ୍ ଜଜ୍ ସିନିୟର ଡିଭିଜନ ସୁନିତା କୁମାରୀ ଖଣ୍ଡେଲୱାଲ, ଜେଏମ୍‌ଏଫ୍‌ସି ଜଟଣୀ ହିତାଶ୍ରୀ ବେହେରା, ଉଚ୍ଚ ନ୍ୟାୟାଳୟର ଭିଜିଲାନ୍ସ ରେଜିଷ୍ଟ୍ରାର ଅଖିଳ ପଶ୍ଚିମକବାଟ, ବେଗୁନିଆ ବିଚାରପତି ଆଦର୍ଶ କୁମାର ବେହେରା, ଖୋର୍ଦ୍ଧା ସ୍ପେଶାଲ ପିପି ରଜନୀକାନ୍ତ ପଟ୍ଟନାୟକଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଆଇନଜୀବୀମାନେ ଉପସ୍ଥିତ ଥିଲେ। ବେଗୁନିଆ ଆଡ୍‌ଭୋକେଟ୍ ଆସୋସିଏଶନ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚାରପତି ସୁନିତା କୁମାରୀ ଖଣ୍ଡେଲୱାଲ ଧନ୍ୟବାଦ ଦେଇଥିଲେ। ସୂଚନାଥାଉ କି, ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବେଗୁନିଆରେ ଜେଏମ୍‌ଏଫ୍‌ସି କୋର୍ଟ, ଏନ୍‌ଏସି ଏବଂ ବୃହତ୍ ମେଡିକାଲ ନିର୍ମାଣ ପାଇଁ ୩୦ ବର୍ଷ ହେବ ଦାବି ହୋଇଆସୁଥିଲା। ତେବେ ଦୁଇଟି ଦାବି ପୂରଣ ହୋଇଥିବାରୁ ବେଗୁନିଆବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟ, ପ୍ରଦୀପ କୁମାର ମଙ୍ଗରାଜ, ମୁନିରା ବେଗମ୍, ବିକାଶ ମଞ୍ଚର ଆବାହକ ଶିବ କୁମାର ମୁନି, ଇଂ. ଦେବାଶିଷ ସାହୁ, ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥ, ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ କୁମାର ରାୟ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# ବିକାଶର ମୁଖ୍ୟ ପ୍ରତିବନ୍ଧକ ଦୁର୍ନୀତି




## ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା

ଖୋର୍ଦ୍ଧା,୪।୧୧(ପ୍ରଭାତ ପାଣିଗ୍ରାହୀ)

ଗତ ଅକ୍ଟୋବର ୩୦ରୁ ଦୁର୍ନୀତି ନିବାରଣ ସପ୍ତାହ ଚାଲିଛି। ଏ ଦିଗରେ ଲୋକଙ୍କୁ ସଚେତନତା ଉଦ୍ଦେଶ୍ୟରେ ଦୁର୍ନୀତି ନିବାରଣ ସଂସ୍ଥା ସ୍ଥାନୀୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ମିଶନ ଶକ୍ତିର ବ୍ଲକ ଓ ଜିଲାସ୍ତରୀୟ ଫେଡେରେଶନ ଅନ୍ତର୍ଗତ ୩ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଦୁର୍ନୀତି ନିବାରଣ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଚଳିତବର୍ଷର ବିଷୟ ରହିଛି ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ର ପ୍ରତି ସମର୍ପିତ ରହିବା। ଭିଜିଲାନ୍ସ ଡିଏସ୍‌ପି ବ୍ରଜକିଶୋର ସାହୁ ଓ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗଦେଇ ଦୁର୍ନୀତିଠାରୁ ଦୂରେଇ ରହି ଏକ ସଶକ୍ତ ଭାରତ ଗଠନ ଦିଗରେ ସହାୟକ ହେବା ଲାଗି ସଚେତନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମହାନ୍ତି କହିଥିଲେ, ଦୁର୍ନୀତି ଦେଶର ବିକାଶରେ ବାଧକ। କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା, ସାଧୁତା ରହିବା ଜରୁରୀ। ଦୁର୍ନୀତି କରୁଥିବା ସରକାରୀ କର୍ମଚାରୀଙ୍କଠାରୁ ଏହାକୁ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତି ମଧ୍ୟ ଏଥିପାଇଁ ଉତ୍ତରଦାୟୀ। ଜନତା ସଚେତନ ହେବା ଉଚିତ୍। ଲୋକେ ସଚେତନ ହେଲେ ଦୁର୍ନୀତିକୁ ରୋକାଯାଇପାରିବ। ସରକାରୀ କର୍ମଚାରୀମାନେ କୌଣସି କାମ ପାଇଁ ଜନସାଧାରଣଙ୍କଠାରୁ ଲାଞ୍ଚ ନେବା ଉଚିତ ନୁହଁ। ଏଥିରୁ ନିବୃତ୍ତ ରହି ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଦୁର୍ନୀତି ସମାଜର ବିକାଶରେ ବାଧା ସୃଷ୍ଟି କରିଥାଏ। ନିଜର ଆବଶ୍ୟକତାଠାରୁ ଅଧିକ ଲାଳସା, ଭୋଗବିଳାସ ଦୁର୍ନୀତିକୁ ପ୍ରୋତ୍ସାହିତ କରିଥାଏ ବୋଲି ମତପ୍ରକାଶ ପାଇଥିଲା।

# ହତ୍ୟା ଅଭିଯୋଗ ଆଣିଲେ ପରିବାର

## ସ୍କୁଲ ହତାରୁ ହଷ୍ଟେଲ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା

ଖୋର୍ଦ୍ଧା,୪।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଚଣ୍ଡିରୁଆ ଛକ ନିକଟ ଏକ ଘରୋଇ ସ୍କୁଲ ପରିସର ଆମ୍ବଗଛରୁ ଶୁକ୍ରବାର ପୋଲିସ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ମୃତକ ହେଲେ ଗଜପତି ଜିଲା ହୁମା ଅଞ୍ଚଳର ପାବଲିଆସ କାର୍ଜି। ତେବେ ପାବଲିଆସଙ୍କୁ ହତ୍ୟା କରାଯାଇଛି ବୋଲି ଶନିବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାଥାଉ କି, ପାବଲିଆସ ହଷ୍ଟେଲରେ ରହି ପାଠ ପଢୁଥିଲେ। ପୂଜା ଛୁଟି ପରେ ଗତ ୩୦ତାରିଖ(ସୋମବାର)ରେ ବାପାଙ୍କ ସହ ସ୍କୁଲକୁ ଫେରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ହଷ୍ଟେଲ ୱାର୍ଡେନ ରୁମ୍ ଚେକିଂ କରିବା ସମୟରେ ପାବଲିଆସଙ୍କ ଶଯ୍ୟା ନିକଟରେ ମୋବାଇଲ ଚାର୍ଜରେ ଲାଗିଥିବା ଦେଖି ନେଇଯାଇଥିଲେ। ଏହାର କିଛି ସମୟ ପରେ ପାବଲିଆସଙ୍କ ନିଦ ଭାଙ୍ଗିଯିବାରୁ ସେ ମୋବାଇଲ ଖୋଜି ପାଇ ନ ଥିଲେ। ଶୁକ୍ରବାର ପାବଲିଆସ ଆମ୍ବଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଥିଲା। ତେବେ ପାବଲିଆସ ଆତ୍ମହତ୍ୟା କରିଛନ୍ତି ନା' ତାଙ୍କୁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଜିତ୍



@ ଅଭିଜିତ୍



@ ସୂର୍ଯ୍ୟକାନ୍ତ



@ ବିଷ୍ଣୁଚରଣ



@ ମହେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ବର୍ଷରେ ୧୯ଲକ୍ଷ ତାଳଗଛ ରୋପଣ ହେବ

**ଭୁବନେଶ୍ୱର, ୪।୧୧(ଅସମାପିକା ସାହୁ):** ଜଙ୍ଗଲ ପରିସୀମାରେ ବ୍ୟାପକ ତାଳଗଛ ରୋପଣ କରି ବଜ୍ରପାତଜନିତ କ୍ଷତି ରୋକିବା ସହ ଜଙ୍ଗଲ ପରିସୀମାକୁ ସୁରକ୍ଷା ଦିଆଯିବ। ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀରେ ନିଷ୍ପତ୍ତି ହୋଇଛି। ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ ପାଖାପାଖି ୭.୫କୋଟି ଟଙ୍କା ବ୍ୟୟ କରାଯାଇ ପ୍ରାୟ ୧୯ଲକ୍ଷ ତାଳଗଛ ରୋପଣ କରାଯିବ। ତାଳଗଛର ଅନେକ ଉପକାରିତା ରହିଛି।

# ୟୁଡାଇସ୍ ପ୍ଲସ୍ ଶିକ୍ଷକ ତାଲିମ ଶିବିର

ବେଗୁନିଆ,୪।୧୧(ହର ପ୍ରସନ୍ନ ପଣ୍ଡା)

## ବିଦ୍ୟାଳୟର ସମ୍ପୂର୍ଣ୍ଣ ତଥ୍ୟ ସରକାରଙ୍କୁ ହସ୍ତାନ୍ତର ଜରୁରୀ

ବେଗୁନିଆ ବ୍ଲକ ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଏକ ଦିବସୀୟ ୟୁଡାଇସ ପ୍ଲସ ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବରିଷ୍ଠ ଶିକ୍ଷକ ବଟକୃଷ୍ଣ ମଲ୍ଲିକ ଓ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ନାଥ ମହାପାତ୍ର ଅତିଥିଭାବେ ଉପସ୍ଥିତ ଥିଲେ। ପଙ୍ଗାରସିଂହ, ପୋଡାଡିହ ଏବଂ କଣ୍ଟାବାଡ କ୍ଲଷ୍ଟରର ୪୪ଜଣ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପ୍ରଶିକ୍ଷଣ ନେଇଥିଲେ। ଏବେ ଅନଲାଇନ ଶିକ୍ଷାର ମାନ ବୃଦ୍ଧି ପାଇଛି। ଫଳରେ ଅନଲାଇନ ଶିକ୍ଷାର ତଥ୍ୟ ଓ ପରିଚାଳନା ଏବଂ ୟୁଡାଇସ ପ୍ଲସ ଶିକ୍ଷାର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ସମସ୍ତ ବିଦ୍ୟାଳୟର ସମ୍ପୂର୍ଣ୍ଣ ତଥ୍ୟ ସରକାରଙ୍କ ନିକଟରେ ଜରୁରୀ ପହଞ୍ଚାଇବା ଆବଶ୍ୟକ। ଏହା ଦ୍ୱାରା ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କର ଉନ୍ନତି ହେବ ବୋଲି ଅତିଥି ନାୟକ କହିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ଶିବିର ପରିଚାଳନା କରିଥିଲେ। ଉକ୍ତ ୩ଟି କ୍ଲଷ୍ଟରର ସିଆର୍‌ସିସି ଦାଶରଥି ପ୍ରଧାନ, ବିଶ୍ୱରଞ୍ଜନ ବେହେରା, ହେମନ୍ତ କୁମାର ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ମୁଖ୍ୟ ପ୍ରଶିକ୍ଷକଭାବେ ଏମ୍‌ଆଇଏସ୍ ସଂଯୋଜକ ସବ୍ୟସାଚୀ ମହାନ୍ତି, ଡାଟା ଏଣ୍ଟ୍ରି ଅପରେଟର ମଧୁସ୍ମିତା ଦାଶ, ଟିସି ପ୍ରିୟବ୍ରତ ପରିଡା, ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ ଓ ରଞ୍ଜିତା ବେଉରା ପ୍ରଶିକ୍ଷଣ ଦେଇଥିଲେ।




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

# ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ

## ରାଜନୈତିକ ଦଳ ସହ ପ୍ରଶାସନର ଆଲୋଚନା

ଖୋର୍ଦ୍ଧା,୪।୧୧(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନସ୍ତରରେ ପ୍ରସ୍ତୁତି ଚାଲିଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ-୨୦୨୪ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ-୨୪ ସମ୍ପର୍କରେ ଆଲୋଚନା ହୋଇଥିଲା। ଗତ ଅକ୍ଟୋବର ୨୭ରୁ ଆରମ୍ଭ ହୋଇଥିବା ଏହି ସଂଶୋଧନ କାର୍ଯ୍ୟ ଆସନ୍ତା ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି। ମତଦାତା ବିଶେଷଭାବେ ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ୧.୧.୨୦୨୪କୁ ଯେଉଁମାନଙ୍କୁ ୧୮ବର୍ଷ ବା ତଦୂର୍ଦ୍ଧ୍ୱ ହେଉଛି, ସେମାନେ ତାଲିକାରେ ନାମ ପଞ୍ଜୀକରଣ କରିପାରିବେ। ଏଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଉପରେ ବିବରଣୀ ପ୍ରଦାନ କରିଥିଲେ। ଗୁଗଲ୍ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପଲାଇନ ଆପ୍ ଡାଉନଲୋଡ୍ କରି ନିଜେ ଆବେଦନ କରିପାରିବେ। ଏହି ସମୟ ମଧ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀ ଘର ଘର ବୁଲି ଭୋଟର ତାଲିକା ସଂଶୋଧନ କରାଇବେ। ପ୍ରବାସୀ ଭାରତୀୟମାନେ ନାମ ପଞ୍ଜୀକରଣ ପାଇଁ ଫର୍ମ-୬(କ), ଭୋଟର ତାଲିକା ସହ ଆଧାର ସଂଯୋଗ ପାଇଁ ଫର୍ମ ନଂ.୬(ଖ), ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ପାଇଁ ଫର୍ମ ନମ୍ବର-୬, ନାମ ବାଦ୍ ପାଇଁ ଫର୍ମ-୭ ଏବଂ ସଂଶୋଧନ ଲାଗି ଫର୍ମ ନମ୍ବର-୮ ରହିଛି। ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ନଭେମ୍ବର ୫ରୁ ୧୧ ତାରିଖ, ୧୯ରୁ ୨୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏହି ଦିନ ବୁଥ୍ ଅଧିକାରୀ ସମ୍ପୃକ୍ତ ବୁଥ୍‌ରେ ଉପସ୍ଥିତ ରହି ଭୋଟରମାନଙ୍କଠାରୁ ଆବେଦନପତ୍ର ଗ୍ରହଣ କରିବେ। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ କାର୍ଯ୍ୟକ୍ରମରେ ଭୋଟର ତାଲିକାରେ ନିର୍ଭୁଲ ସଂଶୋଧନ ଓ ଆସନ୍ତା ୨୦୨୪ ନିର୍ବାଚନରେ ଅଧିକରୁ ଅଧିକ ମତଦାନ ସଚେତନତା ପାଇଁ ସମସ୍ତ ରାଜନୈତିକ ଦଳର ସହଯୋଗ ପାଇଁ ଜିଲାପାଳ ଅନୁରୋଧ କରିଥିଲେ। ରାଜନୈତିକ ଦଳର ପ୍ରତିନିଧିମାନେ ନୂତନ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ ପାଇଁ ଅଧିକରୁ ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମ ପାଇଁ ନିବେଦନ କରିଥିଲେ। ଜିଲାସ୍ତରୀୟ ଅନ୍ୟ ଅଧିକାରୀଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକ ।

- ଯୋଗଦେବେ ଦେଶର ବହୁ ସାଧୁସନ୍ଥ
- ୭ଦିନ ବ୍ୟାପୀ କାର୍ଯ୍ୟକ୍ରମର ହେବ ଲାଇଭ୍ଷ୍ଟ୍ରିମିଂ

**ପୁରୀ, ୪।୧୧((ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ୨୦୨୪ ଜାନୁୟାରୀ ୧୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ନେଇ ପ୍ରସ୍ତାବ ରହିଛି। ସେହିପରି ବିଭିନ୍ନ ଧାର୍ମିକ ଅନୁଷ୍ଠାନ, ଧର୍ମଗୁରୁଙ୍କୁ ନିମନ୍ତ୍ରଣ କରାଯିବା ସହ କେନ୍ଦ୍ର ଓ ରାଜ୍ୟର ନେତୃମଣ୍ଡଳୀ, ସାଧୁସନ୍ଥ ଓ ପରିକ୍ରମା ପ୍ରକଳ୍ପ ପାଇଁ ଜମିଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏଥିରେ ନିମନ୍ତ୍ରଣ କରାଯିବ। ୭ଦିନବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଲାଇଭ୍ଷ୍ଟ୍ରିମିଂ କରାଯିବ ବୋଲି ଜଣାଯାଇଛି। ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ଶନିବାର ନୀଳାଦ୍ରି ଭକ୍ତନିବାସ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ ସହ ଯଜ୍ଞ, ସଙ୍କୀର୍ତ୍ତନ ଓ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରାଯିବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରତ୍ନଭଣ୍ଡାରର ଲେଜର୍ ସ୍କାନିଂ କରିବା ପାଇଁ ଏଏସ୍ଆଇକୁ ଅନୁମତି ଦେଇଛି ପରିଚାଳନା କମିଟି। ମହାପ୍ରଭୁଙ୍କ ରତ୍ନପଲଙ୍କ, ରାହୁରେଖା ଇତ୍ୟାଦି ଅଳଙ୍କାରରେ କ୍ଷତ ସୃଷ୍ଟି ହୋଇଥିବାରୁ ଏହାର ମଧ୍ୟ ମରାମତି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ଈଶାନ୍ୟ କୋଣରେ ଯଜ୍ଞ ଅନୁଷ୍ଠିତ ହେବାକୁ ଥିବାବେଳେ ଓଡ଼ିଶାର ପୁରପଲ୍ଲୀରେ ଉକ୍ତ ଦିନ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ପାଇଁ ପରିଚାଳନା କମିଟି ପରାମର୍ଶ ଦେଇଛି। ଲୋକାର୍ପଣ କାର୍ଯ୍ୟ ପୂର୍ବରୁ ଓବିସିସି ଓ ଟାଟା ପ୍ରୋଜେକ୍ଟର ଅଧିକାରୀମାନଙ୍କୁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଗନ୍ନାଥ ବଲ୍ଲଭ ମଠରୁ ଦୋଳବେଦୀ କୋଣ ପର୍ଯ୍ୟନ୍ତ ଏକ ଗ୍ରୀନ୍ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ ସେବାୟତ ଆବାସ ଯୋଜନା ଓ ପ୍ରତିଷ୍ଠା ହେବାକୁ ଥିବା ଆଦର୍ଶ ଗୁରୁକୁଳକୁ ନେଇ ଥିବା ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଆଲୋଚନା କରାଯାଇଛି। ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ସମୟରେ ସେବାୟତମାନଙ୍କୁ ମିଳୁଥିବା ଆର୍ଥିକ ସହାୟତାକୁ ବୃଦ୍ଧି କରାଯାଇଥିବା ବେଳେ ଶ୍ରୀମନ୍ଦିର କର୍ମଚାରୀଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ବର୍ଦ୍ଧିତ ରାଶି ଘୋଷଣା କରାଯାଇଛି। ସେହିପରି ବାଉଳି ମଠର ଉନ୍ନତିକରଣ ଓ ପୁନରୁଦ୍ଧାର କାର୍ଯ୍ୟ ନେଇ ଦେବୋତ୍ତର ବିଭାଗର ସହାୟତା ନିଆଯିବ ବୋଲି ସୂଚନା ମିଳିଛି। ପଞ୍ଜିକରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ବ୍ୟବସ୍ଥା କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ୧୭ତାରିଖ ଦିନ ଗୋଟାଏ ସମୟରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଏହି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଏସ୍ପି, ଓବିସିସି ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୧୧।୨୦୨୩

| | |
|---|---|
| ୪,୬୫,୧୬୭ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୪୯.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଜଳ ସମ୍ପଦ ବିଭାଗ କର୍ମଚାରୀଙ୍କ ପରଲୋକ

**ସାକ୍ଷୀଗୋପାଳ, ୪।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):**

କାର୍ଯ୍ୟରତ ଥିବା ଅବସ୍ଥାରେ ଜଳ ସମ୍ପଦ ବିଭାଗର ଜନୈକ କର୍ମଚାରୀ ଗୋବିନ୍ଦ ସାହୁ( ୫୫)ଙ୍କର ଶନିବାର ପରଲୋକ ହୋଇଯାଇଛି। ଜଳ ସମ୍ପଦ କାର୍ଯ୍ୟାଳୟ ବଳଙ୍ଗା ଉପଖଣ୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ଶନିବାର ଅପରାହ୍ନରେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ବ୍ରାଞ୍ଚ କେନାଲରେ ସେ ଜଳ ଯୋଗାଣ ତଦାରଖ ଓ କ୍ଷେତ୍ର ପରିଦର୍ଶନ କରିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ନିମନ୍ତେ ସ୍ଥାନୀୟ ଲୋକମାନେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଳଙ୍ଗା ପୋଲିସ ଶବଟିକୁ ଜବତ କରିଛି । ମୃତ କର୍ମଚାରୀ ସ୍ୱର୍ଗତ ସାହୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ବୋଲି ଜଣାପଡିଛି।

### ତାଲୁକ ସେବା କମିଟିର ସଚେତନତା ଶିବିର

**ନିମାପଡ଼ା,୪।୧୧(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା କୋର୍ଟ ତାଲୁକ ଆଇନସେବା କମିଟି ପକ୍ଷରୁ ଏକ ସଚେତନତା ଶିବିର ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍ସି)ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥି ଭାବେ ତାଲୁକ ସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ, ସିଭିଲ ଜଜ୍ ସୌମ୍ୟା ରଏ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍ଏଫ୍ସି –୨) ବ୍ରଜେଶ ମିଶ୍ର, ନିମାପଡ଼ା ମେଡିକାଲର ଡାକ୍ତର ମିନୁଶ୍ରୀ ପଶାୟତ, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନାକୁ ଦୃଢ ଭାବେ ପ୍ରତିହତ କରାଯିବା, ଯୌନ ଉତ୍ପୀଡ଼ନର ସୁରକ୍ଷା, ଯୌନ ନିର୍ଯାତନା ନିରାକରଣ, ପୋକ୍ସୋ ଆକ୍ଟ, ପୋକ୍ସୋ ଆକ୍ଟର ବିଭିନ୍ନ ଦିଗ ସମ୍ପର୍କରେ ବିଚାରପତିମାନେ ଗୁରୁତ୍ୱାରୋପ କରିଥିବାବେଳେ ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସଚେତନ କରିଥିଲେ। ଏହି ଶିବିରରେ ଡାକ୍ତର, ନର୍ସ, ଏଏନ୍ଏମ୍, ସ୍ୱାସ୍ଥ୍ୟ କର୍ମୀ, ଲାବରେଟୋରି ଟେକ୍ନିସିଆନ୍, ଏକ୍ସରେ ଟେକ୍ନିସିଆନ ପ୍ରମୁଖ ଯୋଗଦେଇଥିଲେ।

# ପିପିଡବ୍ଲ୍ୟୁଓ ପକ୍ଷରୁ କେୟାରଗିଭର ତାଲିମ ଶିବିର




ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିମାନେ ।

**ନିମାପଡ଼ା,୩।୧୧(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଓ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତାରେ ବୃଦ୍ଧାବସ୍ଥାରେ ସ୍ୱାସ୍ଥ୍ୟ ଓ ଯତ୍ନ ପାଇଁ କେୟାରଗିଭର ତାଲିମ ଶିବିର ସ୍ଥାନୀୟ ଟାଉନ ହଲ୍ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ପିପିଡବ୍ଲ୍ୟୁଓର ସଭାପତି ଗଗନ ବିହାରୀ ଦାସ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ସିଡିପିଓ ତନୁପ୍ରଭା ବେଉରା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସୌଦାମିନୀ ଦାଶ, ନିମାପଡ଼ା ମେଡିକାଲର ଡାକ୍ତର ବିଜୟିନୀ ସାହୁ, ଭୌତିକ ଚିକିତ୍ସକ ଭରତ ନାରାୟଣ ସାହୁ, ପିପିଡବ୍ଲ୍ୟୁଓର ଉପସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବୟସର ଅପରାହ୍ନରେ ଥିବା ବୟୋଜ୍ୟେଷ୍ଠ ବୃଦ୍ଧାବୃଦ୍ଧଙ୍କ ସେବା କରିବା, ସ୍ୱାସ୍ଥ୍ୟର ଯତ୍ନ ନେବା, ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଶିବିରରେ ନିମାପଡ଼ା ବ୍ଲକର ୫୦ଜଣ ଅଙ୍ଗନୱାଡି କର୍ମୀ ବୃଦ୍ଧା ଅବସ୍ଥାରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ସମ୍ପର୍କରେ ତାଲିମ ନେଇଥିଲେ। ପିପିଡବ୍ଲ୍ୟୁଓର ଗୀତିନନ୍ଦା ପଟ୍ଟନାୟକ, ପ୍ରଭାତ ବେହେରା, ଭବାନୀ ଶଙ୍କର ମହାରଣା, ହରେକୃଷ୍ଣ ବେହେରା, ସୁକାନ୍ତ ସାହୁ ପ୍ରମୁଖ ଶିବିରର ସଂଯୋଜନା ଓ ପରିଚାଳନା କରିଥିଲେ।

# ପୁଅର ମୃତ୍ୟୁ ଖବର ଶୁଣି ମା' ମୃତ

**ଅସ୍ତରଙ୍ଗ,୪।୧୧(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ଅଧୀନ କୋରଣା ପଞ୍ଚାୟତ ବଡଗୋଲା ଗ୍ରାମରେ ଏକ ଅଘଟଣ ଘଟିଛି। ପୁଅର ମୃତ୍ୟୁ ଖବର ଶୁଣି ଶୁକ୍ରବାର ମା'ଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗ୍ରାମର ସୁଦାମ ବେହେରାଙ୍କ ପୁଅ ପିଙ୍କୁ (୧୯) ନିମାପଡ଼ାର ଏକ କଲେଜରେ ପାଠ ପଢୁଥିଲେ। କଲେଜ ଛୁଟି ଥିବାରୁ ସେ ଘରକୁ ଆସିଥିଲେ। କଲେଜ ଖୋଲିଲା ପରେ ପିଙ୍କୁ ନ ଯିବାରୁ ତାଙ୍କ ମା' ତାଙ୍କୁ ଦୁଇପଦ କ'ଣ କହିଦେଇଥିଲେ। ମା'ଙ୍କ ଏହି କଥାରେ ପିଙ୍କୁ ପରିବାରର ଅଗୋଚରରେ ଗୁରୁବାର କେତେବେଳେ ବିଷ ପିଇଦେଇଥିଲେ। ପରଦିନ ସକାଳେ ପିଙ୍କୁ ଖାଇବାକୁ ମାଗିବାରୁ ମା' ଖାଇବାକୁ ଦେଇଥିଲେ। ଖାଇସାରି ପିଙ୍କୁ ବିଷ ପିଇବା ବାଦରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟ ବାଙ୍ଗୁରୀ ଗାଁ ଡାକ୍ତରଖାନାକୁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ପିଙ୍କୁଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ପରିବାରରେ କାନ୍ଦବୋବାଳି ଚାଲିଥିବାବେଳେ ପୁଅର ମୃତ୍ୟୁ ଖବର ଶୁଣି ମା'ଙ୍କ ହୃଦ୍‌ଘାତ ହୋଇଥିଲା। ସେଥିରେ ତାଙ୍କ ମୃତ୍ୟୁ ଘଟିଛି। ପିଙ୍କୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଭୁବନେଶ୍ୱରରେ ତାଙ୍କ ମରଶରୀର ଦାହ କରାଯାଇଥିବାବେଳେ ତାଙ୍କ ମା'ଙ୍କୁ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିବା ଜଣାପଡ଼ିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁଜିତ୍



@ ଅଭିଜିତ୍



@ ସୂର୍ଯ୍ୟକାନ୍ତ



@ ବିଷ୍ଣୁଚରଣ



@ ମହେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକସ୍ତରୀୟ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା

**ଡେଲାଙ୍ଗ,୪।୧୧(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଜ୍ଞାନ ମିଶନର ବାବା ପୂର୍ଣ୍ଣାନନ୍ଦ, ବାବ ମାଧବ, ବାବା ପାଣିଗ୍ରାହୀ, ବାବା ଅଶୋକଙ୍କ ସମେତ ବିଦ୍ୟାଳୟର ସମ୍ପାଦକ କିଶୋର ପ୍ରଧାନ ଓ ଅଭିଭାବକ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଗୀତା ଆବୃତ୍ତିର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ରାଧାକାନ୍ତ ବିଦ୍ୟାପୀଠରୁ ୧୦ଜଣ, ବିବେକାନନ୍ଦ ଶିକ୍ଷାନୁଷ୍ଠାନରୁ ୧୨, ଡେଲାଙ୍ଗ ଆଦର୍ଶ ବିଦ୍ୟାଳୟରୁ ୧୫, ଗୋବିନ୍ଦପୁର ବିଦ୍ୟାଳୟରୁ ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୩୪ ଜଣ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ବିଦ୍ୟାଳୟଗୁଡ଼ିକରୁ ମୋଟ ୧୦୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଇତିପ୍ରଭା ପାଇକରାୟ, ଅନସୂୟା ପଣ୍ଡା, ଟିଙ୍କୁନୀ ମହାପାତ୍ର, ଚିନ୍ମୟୀ ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ, ଶିକ୍ଷକ ଦେବାଶିଷ ମହାପାତ୍ର ପ୍ରମୁଖ ବର୍ଗ ଅନୁଯାୟୀ ଗୀତା ଆବୃତ୍ତିର ମୂଲ୍ୟାୟନ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, କୋଷାଧ୍ୟକ୍ଷ ଶତ୍ରୁଘ୍ନ ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୪।୧୧(ପ୍ରଦୀପ୍ତ ଦୀକ୍ଷିତ)**

ଅସ୍ତରଙ୍ଗ ତହସିଲଦାର ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କିଛିଦିନ ହେବ ଯୋଗ ଦେଇଛନ୍ତି। ଅକ୍ଟୋବର ୨୧ରେ ବଦଳି ଅର୍ଡର ପ୍ରକାଶ ପାଇବା ପରେ କେନ୍ଦୁଝର ଜିଲା ସାହରାପଡ଼ା ତହସିଲରେ ଥିବା ପ୍ରିୟଙ୍କା ଅସ୍ତରଙ୍ଗ ତହସିଲଦାର ଭାବେ ଯୋଗଦେଇଛନ୍ତି। ତହସିଲ କାର୍ଯ୍ୟାଳୟରେ ବିଜେଡି କର୍ମୀ ପହଞ୍ଚି ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜେଡି ସଭାପତି କେଦାରନାଥ ବିଶ୍ୱାଳ, ଭୀମସେନ ସ୍ୱାଇଁ, ଚମ୍ପକ ବାରିକ୍, ସରସ୍ୱତୀ ସ୍ୱାଇଁ, ଭୋଳାନାଥ ବେହେରା, ପ୍ରଶାନ୍ତ ନାୟକ, ରୁଦ୍ରପ୍ରସାଦ ଲେଙ୍କା, କୁଞ୍ଜବିହାରୀ ପ୍ରଧାନ, ବୃନ୍ଦାବନ ନାୟକ, କ୍ଷୀରୋଦ କାଣ୍ଡି, ଯଶୋବନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓୟୁଏଟି ଛାତ୍ରୀଛାତ୍ରଙ୍କ ଧାଡ଼ିବୁଣା ଧାନକ୍ଷେତ ପରିଦର୍ଶନ

**ଡେଲାଙ୍ଗ,୪।୧୧(ରଶ୍ମିରଞ୍ଜନ ପ୍ରଧାନ)**

ଡିଏସ୍ଆର୍ ଓଡ଼ିଶା ଓ ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ(ସିସା) ପ୍ରୋଜେକ୍ଟ ମାଧ୍ୟମରେ ଡେଲାଙ୍ଗ ବ୍ଲକରେ କରାଯାଇଥିବା ଧାଡ଼ିବୁଣା ଧାନକ୍ଷେତକୁ ଓୟୁଏଟିର ଛାତ୍ରୀଛାତ୍ର ଶନିବାର ପରିଦର୍ଶନ କରିଛନ୍ତି। ସିସାର କୃଷି ବିଶେଷଜ୍ଞ ଡ. ଅଶୋକ ଯାଦବ, ଓୟୁଏଟି ପ୍ରଫେସର ହୃଷୀକେଶ ପାତ୍ର, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ଡ. ପ୍ରସନ୍ନଜିତ୍ ମିଶ୍ର, ପ୍ରାଧ୍ୟାପକ ସ୍ୱରୂପ ବେହେରା, କୃଷି ପ୍ରଶାସକ ସୁଜିତ ପାତ୍ର ଓ ସ୍ଥାନୀୟ ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଓୟୁଏଟି ମହାବିଦ୍ୟାଳୟରୁ ୫୦ଜଣ ଛାତ୍ରୀଛାତ୍ର କ୍ଷେତ୍ର ପରିଦର୍ଶନରେ ସାମିଲ ହୋଇଥିଲେ। ଡେଲାଙ୍ଗ ବ୍ଲକରେ ସୁଜନପୁର ପଞ୍ଚାୟତର ଗୌରାଦେଇପୁର, ରାମଚନ୍ଦ୍ରପୁର, ବେଜୁପଡ଼ା ଓ ଉଁପୁର ଗହୀରରେ କରାଯାଇଥିବା ଧାଡ଼ିବୁଣା କ୍ଷେତକୁ ଯାଇ ସ୍ଥାନୀୟ ଚାଷୀ ଡିଏସ୍ଆର୍ ମାଧ୍ୟମରେ କରାଯାଇଥିବା ଧାନଚାଷ ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍ଆର୍ଆଇ), ସିସା, କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଧାଡ଼ିବୁଣା ଧାନଚାଷ ପାଇଁ ଚାଷୀଙ୍କୁ ସଚେତନ କରିବା ଓ ଛାତ୍ରୀଛାତ୍ରଙ୍କୁ ଯନ୍ତ୍ର ମାଧ୍ୟମରେ ନୂତନ ଜ୍ଞାନକୌଶଳ ବ୍ୟବହାରିକ ବାବଦରେ ବୁଝାଯାଇଥିଲା। ଚଳିତବର୍ଷ ପୁରୀ ଜିଲାର ଡେଲାଙ୍ଗ, ପିପିଲି, ନିମାପଡ଼ା, ଗୋପ, କଣାସ, ପୁରୀ ସଦର ବ୍ଲକରେ ଏହି ଧାଡ଼ିବୁଣା ଧାନ ଚାଷ କରାଯାଇଥିବା ନେଇ ସିସା ପକ୍ଷରୁ ସୂଚନା ମିଳିଛି। କମ୍ ଖର୍ଚ୍ଚ, ଶ୍ରମିକ ହ୍ରାସ, ଯାନ୍ତ୍ରିକ ପଦ୍ଧତିରେ ଚାଷ କରି ଅଧିକ ଲାଭବାନ ହେଇପାରିବେ ବୋଲି କୃଷି ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ। କେତେକ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇ ସେମାନଙ୍କ ଅନୁଭୂତି ଛାତ୍ରୀଛାତ୍ରଙ୍କୁ ବଖାଣିଥିଲେ।



ଧାଡ଼ିବୁଣା ଧାନ କ୍ଷେତ ପରିଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର ।

# ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଧାରଣା

**ବଳଙ୍ଗା,୪।୧୧(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ସରକାରୀ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଓ ଫାର୍ମାସିଷ୍ଟ ପରିଚୟରେ ବେଆଇନ ଭାବେ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଶତାଧିକ ଲୋକ ଶନିବାର ବଳଙ୍ଗା ସରକାରୀ ଡାକ୍ତରଖାନା ପରିସରରେ ଧାରଣାରେ ବସିଥିଲେ। ଖବରପାଇ ନିମାପଡ଼ା ତହସିଲଦାର ବିଦ୍ୟାଧର ପତି, ପିପିଲି ଥାନା ଉପଖଣ୍ଡ ଅଧିକାରୀ ବିଷ୍ଣୁଚରଣ ପତି ଓ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧାରଣାକାରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ପତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହିତ ଆଲୋଚନା କରି ଆଗାମୀ ୯ ତାରିଖ ସୁଦ୍ଧା ଏହି ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବେଆଇନ ଭାବେ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଯୁବକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପିପିଲି ଉପଖଣ୍ଡ ଅଧିକାରୀ ବଳଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ବଳଙ୍ଗା ୭୬ ଘର ସାହିର ଯୁବ ବ୍ୟବସାୟୀ ତ୍ରିଲୋଚନ ପାତ୍ର ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ଲାଗି ବଳଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ କୌଣସି ଡାକ୍ତର ନ ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଳଙ୍ଗା ଅଞ୍ଚଳର ଲୋକେ ଏ ଘଟଣାକୁ ନେଇ ଶୁକ୍ରବାର ତ୍ରିଲୋଚନଙ୍କ ମୃତଦେହ ମେଡିକାଲ ପରିସରରେ ରଖି ଫାଟକରେ ତାଲା ପକାଇ ଦେଇଥିଲେ। ଶନିବାର ପୋଲିସ ପ୍ରଶାସନ ଉପସ୍ଥିତିରେ ତାଲା ଖୋଲା ଯାଇଥିବାବେଳେ ଲୋକେ ଡାକ୍ତର ନିଯୁକ୍ତି ଦାବିରେ ଧାରଣାରେ ବସିଥିଲେ।



ବେଆଇନ ଡାକ୍ତର ନିଯୁକ୍ତିକୁ ନେଇ ବଳଙ୍ଗା ସରକାରୀ ଡାକ୍ତରଖାନାରେ ତାତିଲେ ଜନସାଧାରଣ ।

## ସୁଲଭ ମୂଲ୍ୟରେ ପିଆଜ ଯୋଗାଣ କରାଯାଉ

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ରାଜ୍ୟରେ ପିଆଜର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ସହ ସରକାରୀ କଣ୍ଟ୍ରୋଲ ଦୋକାନ ଜରିଆରେ ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ କଂଗ୍ରେସ ଦାବି କରିଛି। ଏ ନେଇ କଟକ ନଗର ୮ନଂ. ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କ ଜରିଆରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଓଡ଼ିଶାର ଚାଷୀଙ୍କୁ ଅଧିକ ପିଆଜ ଉତ୍ପାଦନ ପାଇଁ ପ୍ରୋତ୍ସାହିତ କରିବା, ରାଜ୍ୟରେ ଅଧିକ ଶୀତଳ ଭଣ୍ଡାର ଖୋଲିବା, ଚାଷୀଙ୍କୁ ସହଜରେ ଋଣ ଓ ଭିତ୍ତିଭୂମି ଯୋଗାଇ ଦେବାପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ କଂଗ୍ରେସ ନେତା ମାନସ ପରିଡା, ଜୟ ନାରାୟଣ ତ୍ରିପାଠୀ, ଲକ୍ଷ୍ମୀଧର ଶରଣ, ପ୍ରୀତିରଞ୍ଜନ ଜେନା ଅନ୍ୟମାନେ ଉପସ୍ଥିତଥିଲେ।

### ସଂକ୍ଷେପରେ

## ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜୀକରଣ ଆରମ୍ଭ

କଟକ,୪।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୨୭ରୁ ଆରମ୍ଭ ହେବ କଟକ ବାଲିଯାତ୍ରା। କ୍ଷୁଦ୍ର ବ୍ୟବସାୟୀ, ବିଭିନ୍ନ ଅନୁଷ୍ଠାନ, ସାଧାରଣ ବ୍ୟବସାୟୀଙ୍କ ନିମନ୍ତେ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ୧୧ରୁ ୧୫ ତାରିଖ ଭିତରେ ପ୍ଲଟ୍ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ସମସ୍ତ ପ୍ଲଟ ଆବଣ୍ଟନ ପ୍ରକ୍ରିୟା ଆସନ୍ତା ୨୦ ତାରିଖ ସୁଦ୍ଧା ଶେଷ କରାଯିବ। କଟକ ବାରବାଟୀ ପ୍ୟାଲେସ୍‌ଠାରେ ଏହି ପ୍ରକ୍ରିୟା ଚାଲୁ ରହିଛି।

## ଅଜଣା ଜନ୍ତୁ ଆକ୍ରମଣରେ ୨୩ ମେଣ୍ଢା ମୃତ

କଟକ ସଦର,୪।୧୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବହଳପଡ଼ା ଓ ଧୁଳେଶ୍ୱର ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ୨୩ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ସେହିପରି ୨୨ଟି ମେଣ୍ଢା ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଅଜଣା ଜନ୍ତୁ ଧୁଳେଶ୍ୱର ଗ୍ରାମର ସୁକାନ୍ତ ବେହେରାଙ୍କ ଗୁହାଳରେ ପଶି ୨ଟି ମେଣ୍ଢାଙ୍କୁ ମାରିଦେଇଛି। ସେହିପରି ଶରତ ଯାଦବଙ୍କ ଗୁହାଳରେ ଗୋଟିଏ ମେଣ୍ଢାଙ୍କୁ ମାରିଥିବାବେଳେ ୧୦ଟିକୁ ଆହତ କରିଛି। ବହଳପଡ଼ା ଗ୍ରାମର ବାହାନି ଭୋଇଙ୍କ ଗୁହାଳରେ ପଶି ୨୦ଟି ମେଣ୍ଢାଙ୍କୁ ମାରିଥିବାବେଳେ ୨୨ଟିକୁ ଆହତ କରିଛନ୍ତି। ବିଲୁଆ ଭଳି ଏକ ବଡ଼ ଜନ୍ତୁ ଶରତଙ୍କ ଗୁହାଳରୁ ବିଳମ୍ବିତ ରାତିରେ ବାହାରି ଯିବା କଥା ସେ ଦେଖିଥିବା କହିଛନ୍ତି। ଆହତ ମେଣ୍ଢାଙ୍କୁ ଶନିବାର ସକାଳେ କଳପଡ଼ା ପ୍ରାଣୀ ଚିକିତ୍ସାଳୟର ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ଚିକିତ୍ସା କରିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ମେଣ୍ଢା ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନେ ଭୟଭୀତ ହୋଇପଡିଛନ୍ତି। ଏଣିକି ସେମାନେ ଗୁହାଳରେ ପ୍ରହରା ଦେବା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି।

## ସରିଲା ଭଜିମୁଣ୍ଡା ରୂପଯାତ୍ରା

ମଙ୍ଗୁଳି-ଜଗତପୁର,୪।୧୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭଜିମୁଣ୍ଡାରେ ରୂପଯାତ୍ରା ଶନିବାର ଶେଷ ହୋଇଯାଇଛି। ଗୁରୁବାର ବିଭିନ୍ନ ସାହିର ୨୧ଟି ମେଢ଼ ପୂଜା ମଣ୍ଡପରୁ ବାହାରି ଭଜିମୁଣ୍ଡା ଯାତ୍ରା ପଡିଆରେ ମେଲାଣି କରି ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ମେଢଗୁଡିକ ଭସାଣି ଅଭିମୁଖେ ବାହାରିଥିଲା। ବିଧାୟକ ପ୍ରଶାନ୍ତ ବେହେରା ସମସ୍ତ ମେଢ଼ ବୁଲିବା ସହ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶୁକ୍ରବାର ମଧ୍ୟରାତ୍ରି ସୁଦ୍ଧା ସମସ୍ତ ମେଢ଼ ବିରୂପା ନଦୀ କୂଳର ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ତାପସୀ ସାହୁ, ଟାଙ୍ଗୀ ଉନ୍ନୟନ ପରିଷଦ ସଭାପତି ପ୍ରବୀର କୁମାର ଦାଶ, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ଧୀରେନ୍ଦ୍ର ଜେଠି, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୨ ଟ୍ରାକ୍ଟର ମଝିରେ ଚାପିହୋଇ ବାଇକ୍ ଆରୋହୀ ମୃତ

କଟକ,୪।୧୧(କାର୍ତ୍ତିକ ସାହୁ)

■ କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ ସକାଳ ୮ଟାରୁ ରାତି ୧୧ଟା ଯାଏ ନୋ ଏଣ୍ଟ୍ରି ଘୋଷଣା ଦାବି

କଟକ ନୂଆପଡ଼ା ଅଞ୍ଚଳରେ ଶନିବାର ପୂର୍ବାହ୍ନରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅଣଓସାରିଆ ରାସ୍ତାରେ ଯାଉଥିବା ଦୁଇଟି ଟ୍ରାକ୍ଟର ମଝିରେ ବାଇକ୍ ଆରୋହୀ ଜଣଙ୍କ ଚାପି ହୋଇଯିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ମୃତକ ହେଲେ ୪୨ ମୌଜା ଶ୍ରୀରାମ ଅଞ୍ଚଳର ସ୍ମୃତି ରଞ୍ଜନ ଓଝା (୩୨)। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି ରାସ୍ତାରୋକୋ କରିଥିଲେ। ଏଡିସିପି ଅନିଲ ମିଶ୍ର ଓ ଉପଜିଲାପାଳ କମଲଜିତ ଦାସ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ କ୍ଷତିପୂରଣ ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଦୁଇଟିକୁ ମଧୁପାଟଣା ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଟ୍ରାକ୍ଟର ଚାଳକଦ୍ୱୟ ଫେରାର ଅଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

ସୂଚନା ଅନୁସାରେ, ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟ୍‌ରେ ନୂଆପଡ଼ା ଅଞ୍ଚଳର ଅଣଓସାରିଆ ରାସ୍ତାରେ ଦୁଇଟି ଟ୍ରାକ୍ଟର ପରସ୍ପରର ବିପରୀତ ଦିଗରେ ଯାଉଥିଲେ। ଦୁଇ ଟ୍ରାକ୍ଟର ମଝିରେ ବାଇକ୍‌ଆରୋହୀ ସ୍ମୃତିରଞ୍ଜନ ଫସି ରହିଯିବା ଦ୍ୱାରା ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଲୋକମାନେ ରାସ୍ତାରୋକୋ କରିଥିଲେ। ଉପଜିଲାପାଳ ଦାସ, ଏଡିସିପି ମିଶ୍ର ଓ ଏସିପି ଅରୁଣ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। କ୍ଷତିପୂରଣ ନ ମିଳିବା ଯାଏ ରାସ୍ତାରୋକୋ ହଟିବ ନାହିଁ ବୋଲି ଲୋକେ ଜିଦ୍ ଧରିଥିଲେ। ଟ୍ରାକ୍ଟର ୨ଟିର ମାଲିକ ୫୦ ହଜାର ଟଙ୍କା ଲେଖାଏ, ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ସ୍ଥାନୀୟ କର୍ପୋରେଟର ସନ୍ତୋଷ ଭୋଳ ୩୦ ହଜାର ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଥିଲେ। କର୍ପୋରେଟର ଭୋଳ କହିଛନ୍ତି, ଏହା ଏକ ଅଣଓସାରିଆ ତଥା ଜନଗହଳିପୂର୍ଣ୍ଣ ରାସ୍ତା। ତେଣୁ ପୂର୍ବରୁ ଅନେକ ଥର ଦିନବେଳା ବାଲିବୋଝେଇ ଟ୍ରକ ଯାତାୟାତ ଉପରେ କଟକଣା ଲଗାଇବାକୁ ନିବେଦନ କରାଯାଇଥିଲେ ବି ତାହା ହୋଇନାହିଁ। ଫଳରେ ଏପରି ଦୁର୍ଘଟଣା ଘଟିଲା। ଏହି ଦୁର୍ଘଟଣା ପରେ ଧାରଣାସ୍ଥଳରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ସକାଳ ୮ଟାରୁ ରାତି ୧୧ଟା ଯାଏ ଉକ୍ତ ରାସ୍ତାରେ ନୋଏଣ୍ଟ୍ରି କଟକଣା ଲଗାଇବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ମୃତକ ଜଣକ ପେସାରେ ଇଲେକ୍ଟ୍ରିକାଲ ୱାରିଂ କାରିଗର। ସେ ତାଙ୍କ ମାଆବାପାଙ୍କର ୩ ପୁଅ ମଧ୍ୟରୁ ବଡ଼ପୁଅ। ତେଣୁ ପରିବାରର ଅଧିକାଂଶ ବୋଝ ତାଙ୍କ ଉପରେ। ହେଲେ ଏଭଳି ଘଟଣା ପରେ ତାଙ୍କ ପରିବାର ସମେତ ପୂରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକ୍।

# ଅର୍ବାନ ହାଟରେ ଉତ୍ତେଜନା, ଫଳକ ଭଙ୍ଗାରୁଜା


କଟକ ଛତ୍ରବଜାରରେ ଅସନ୍ତୋଷ ବ୍ୟକ୍ତ କରିଥିବା ବ୍ୟବସାୟୀମାନେ।

କଟକ,୪।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

### ଛତ୍ରବଜାରରେ ନାମିତ କରିବାକୁ ଦାବି

ଛତ୍ରବଜାରରେ ନୂଆକରି କାର୍ଯ୍ୟକ୍ଷମ ହୋଇଥିବା ଅର୍ବାନ ହାଟରେ ଶନିବାର ଉତ୍ତେଜନା ଦେଖାଦେଇଛି। ରାସ୍ତା କଡରେ ବସିଥିବା ବ୍ୟବସାୟୀଙ୍କୁ ଉଠାଇବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏଥିରେ ଉତ୍ତେଜିତ ହୋଇ ବ୍ୟବସାୟୀମାନେ ଭଙ୍ଗାରୁଜା କରିବା ସହ ଅର୍ବାନ ହାଟ ଫଳକ ଭାଙ୍ଗି ଦେଇଥିଲେ। ପ୍ରତିଦିନ ବ୍ୟବସାୟୀଙ୍କଠାରୁ ୨୦ ଟଙ୍କା ଟିକସ ଆଦାୟକୁ ନେଇ ମଧ୍ୟ ଅସନ୍ତୋଷ ଦେଖାଦେଇଛି।

ସୂଚନା ମୁତାବକ, ଗତ ୩୧ ତାରିଖରେ ଅର୍ବାନ ହାଟ କାର୍ଯ୍ୟକ୍ଷମ ହୋଇଥିଲା। ଏଠାରେ ନିର୍ମାଣ ହୋଇଥିବା ୫୪୮ ପିଣ୍ଡିରେ ୧୦୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ଥଇଥାନ କରାଯାଇଥିଲା। ତେବେ ଅନେକ ବ୍ୟବସାୟୀ ପିଣ୍ଡି ନ ପାଇବାରୁ ରାସ୍ତାପାର୍ଶ୍ୱରେ ବସି ବ୍ୟବସାୟ କରିବାକୁ ବାଧ ହୋଇଥିଲେ। ଏପରିସ୍ଥିତିରେ ଶନିବାର ସେମାନଙ୍କୁ ସେଠାରୁ ଉଠିଯିବା ପାଇଁ ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ସିଏମ୍‌ସି କର୍ତ୍ତୃପକ୍ଷ ଏବଂ ବ୍ୟବସାୟୀଙ୍କ ମଧ୍ୟରେ କଥା କଟାକଟି ଉଗ୍ରରୂପ ନେଇଥିଲା। ଏପରି କି ହାଟ ବନ୍ଦ କରି ପୁରୁଣା ଢାଞ୍ଚାରେ ଚଲାଇବା ଓ ଅର୍ବାନ ହାଟକୁ ଛତ୍ରବଜାର ନାମରେ ନାମିତ କରିବା ପାଇଁ ସେମାନେ ଦାବି କରିଥିଲେ। ସେହିପରି ଖୁଚୁରା ବ୍ୟବସାୟ କରୁଥିବା ଗୋଦାମ ମାଲିକମାନଙ୍କୁ ମଧ୍ୟ ସିଏମ୍‌ସି ପକ୍ଷରୁ ତାଗିଦ୍ କରାଯାଇଥିଲା। ଫଳରେ ଗୋଦାମ ମାଲିକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଘଟଣାସ୍ଥଳରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, ରାସ୍ତା ପାର୍ଶ୍ୱରେ କେତେଜଣ ବ୍ୟବସାୟୀ ବସିଥିବା କାରଣରୁ ସେମାନଙ୍କୁ ଉଠାଯାଇଥିଲା। କୌଣସି ବ୍ୟବସାୟୀ ରାସ୍ତାପାର୍ଶ୍ୱରେ ବସି ବ୍ୟବସାୟ କରିବେ ନାହିଁ ବୋଲି ପୂର୍ବରୁ କୁହାଯାଇଥିଲା। ହେଲେ ସେମାନେ ନ ମାନି ରାସ୍ତାପାର୍ଶ୍ୱରେ ବସିଥିବାରୁ ସେମାନଙ୍କୁ ଉଠାଯାଇଛି।

ସୂଚନାଥାଉ କି, ଅର୍ବାନ ହାଟ ନିର୍ମାଣ ହେବା ପରଠୁ ବିବାଦ ପିଛା ଛାଡୁନି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେପ୍ଟେମ୍ବର ୧୬ରେ ଏହାକୁ ଉଦ୍‌ଘାଟନ କରିଥିଲେ। ହେଲେ ଏହା କାର୍ଯ୍ୟକ୍ଷମ ନ ହେବା ନେଇ ବିବାଦ ଉପୁଜିଥିଲା। ୫୪୮ ପିଣ୍ଡି ଟୋକନ ଆବଣ୍ଟନ ନେଇ ବିବାଦ ପରେ ୧୦୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ସେଠାରେ ଥଇଥାନ କରାଗଲା। ଏହାକୁ ନେଇ ମଧ୍ୟ ଏବେ ବିବାଦ ଦେଖାଦେଇଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

### ନାବାଳିକା ବଳାତ୍କାର ମାମଲା

କଟକ,୪।୧୧ (କାର୍ତ୍ତିକ ସାହୁ)

ନିଆଳି ଥାନା ଅଞ୍ଚଳର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଦୀପୁ ଓରଫ ଲକ୍ଷ୍ମୀଧର ମହାନ୍ତି। ଅପରପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିମନ୍ତେ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଫେରାର୍ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ମାର୍ଚ୍ଚ ୧୦ ତାରିଖରେ ଅଭିଯୁକ୍ତ ଜଣଙ୍କ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଉକ୍ତ ଦିନ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ନିଆଳି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୧୭ ଜୁଲାଇ ୧୩ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ପୋଲିସ ଚାର୍ଜସିଟ୍ ଦାଖଲ କରିଥିଲା। ୨୦୧୮ ଫେବୃୟାରୀ ୧୮ରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିଲା। କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ୧୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଓ ୧୫ଟି ତଥ୍ୟ ପ୍ରମାଣକୁ ଆଧାର କରି ଶନିବାର ଏହି ରାୟ ପ୍ରଦାନ କରିଛନ୍ତି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁଜିତ୍


@ ଅଭିଜିତ୍


@ ସୂର୍ଯ୍ୟକାନ୍ତ


@ ବିଷ୍ଣୁଚରଣ


@ ମହେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବିରେ ୨ କିଡ୍‌ନୀ ପ୍ରତିରୋପଣ

■ ୨ ଜୀବନ ବଞ୍ଚିବା ଆଶା
■ ଭୁବନେଶ୍ୱରରୁ ଗ୍ରୀନ୍ କରିଡରରେ ଆସିଲା

କଟକ,୪।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲରେ ୨ ଜଣ ରୋଗୀଙ୍କଠାରେ ଶନିବାର ରାତିରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ସେମାନେ ହେଲେ ବାଲେଶ୍ୱର ଅଞ୍ଚଳର ସମାପିକା ମହାନ୍ତି(୨୩) ଓ ଭୁବନେଶ୍ୱର ଜାଗମରା ଅଞ୍ଚଳର ଚିତ୍ତରଞ୍ଜନ ମହାନ୍ତି(୩୬)। ଫଳରେ ସେମାନଙ୍କ ବଞ୍ଚିବା ଆଶା ଉଜ୍ଜୀବିତ ହୋଇଛି। କିଡ୍‌ନୀ ପ୍ରତିରୋପଣ ପାଇଁ ଏସ୍‌ସିବି ନେଫ୍ରୋଲୋଜି ବିଭାଗରୁ ୩ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା ନିମନ୍ତେ ଶନିବାର ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ପଠାଯାଇଥିଲା। ସେଥିମଧ୍ୟରୁ ଏହି ଦୁଇଜଣ ରୋଗୀଙ୍କ ରକ୍ତ ନମୁନା ମୃତକଙ୍କ ରକ୍ତ ନମୁନା ସହ ମିଶିଛି।

ସୂଚନାନୁଯାୟୀ, ଭୁବନେଶ୍ୱର ଆମ୍ରି ହସ୍ପିଟାଲ ପକ୍ଷରୁ ଶନିବାର କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମଥର ପାଇଁ ବହୁ ଅଙ୍ଗ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ପାଇଁ ଯୋଜନା ହୋଇଥିଲା। ଗଞ୍ଜାମ ଜିଲାର କ୍ରିଷ୍ଣା ପଣ୍ଡା(୫୬) ଏକ ଦୁର୍ଘଟଣାର ଶିକାର ହୋଇ ଗତ ୧ ତାରିଖରେ ଆମ୍ରି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ବ୍ରେନ୍ ଡେଡ୍ ହୋଇଥିବା ଡାକ୍ତର କହିଥିଲେ। ଗତ ୨ତାରିଖରେ ପରିବାର ଲୋକେ ତାଙ୍କର ଅଙ୍ଗଦାନ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ। କ୍ରିଷ୍ଣାଙ୍କ ପରିବାର ଲୋକଙ୍କ ସମ୍ମତି କ୍ରମେ ତାଙ୍କର କିଡ୍‌ନୀ, ହାର୍ଟ, ଲିଭର, ଲଙ୍ଗସ୍ ଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରେ ହସ୍ପିଟାଲ ପକ୍ଷରୁ ସୋଟୋ ନିୟମାନୁସାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏ ନେଇ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସିଦ୍ଧାର୍ଥ ମିଶ୍ର ସୂଚନା ଦେଇଛନ୍ତି। ହସ୍ପିଟାଲର ୟୁନିଟ୍ ହେଡ୍ ଡା. ରୋହିତ ଜୟସ୍ୱାଲ କହିଛନ୍ତି, ଗ୍ରୀନ୍ କରିଡର୍ କରି ଅର୍ଗାନଗୁଡ଼ିକ ସ୍ଥାନାନ୍ତର କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଥିବାରୁ ଭୁବନେଶ୍ୱର କମିଶନରେଟ୍ ପୋଲିସକୁ ଧନ୍ୟବାଦ ଜଣାଉଛି। ସେହିଭଳି ଆମ୍ରି ହସ୍ପିଟାଲର ଗ୍ରୁପ୍ ସିଇଓ ରୂପକ ବେଉରା କହିଛନ୍ତି, ଆମ ହସ୍ପିଟାଲ ପକ୍ଷରୁ ଅଙ୍ଗଦାନ କରିବା ପାଇଁ ସବୁବେଳେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି ଘଟଣାରେ କ୍ରିଷ୍ଣାଙ୍କ ପରିବାର ଅଙ୍ଗଦାନ କରିବେ ବୋଲି କହିଥିଲେ। ତେଣୁ ତାଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। ହାର୍ଟ ଏବଂ ଲଙ୍ଗସ୍‌କୁ ଚେନ୍ନାଇ ପଠାଯାଇଥିବାବେଳେ ଲିଭରକୁ କୋଲକାତା ଏବଂ ଦୁଇଟି କିଡ୍‌ନୀରୁ ଗୋଟିଏ ସମ୍ ହସ୍ପିଟାଲ ଓ ଅନ୍ୟଟି କଟକ ଏସ୍‌ସିବି ମେଡିକାଲକୁ ପଠାଯିବାକୁ ନିଷ୍ପତ୍ତି ହୋଇଥିଲା। ଏସ୍‌ସିବି ମେଡିକାଲ ୟୁରୋଲୋଜି ବିଭାଗର ଡା. ସବ୍ୟସାଚୀ ପଣ୍ଡା, ସଞ୍ଜୟ ଚୌଧୁରୀ, ସମୀର ସ୍ୱାଇଁ ଓ ନେଫ୍ରୋଲୋଜି ବିଭାଗର ଡା. ଅରୁଣା ଆଚାର୍ଯ୍ୟ ଆମ୍ରି ହସ୍ପିଟାଲରେ ପହଞ୍ଚିଥିଲେ। ତେବେ ଏସ୍‌ସିବି ମେଡିକାଲ ନେଫ୍ରୋଲୋଜି ବିଭାଗର ୩ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷଣ ପାଇଁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ରକ୍ତ ନମୁନା ମେଳ ହୋଇଛି। ତେବେ ସମ୍ ହସ୍ପିଟାଲର ରୋଗୀଙ୍କର କିଡ୍‌ନୀ ପ୍ରତିରୋପଣ ନେଇ ଅନ୍‌ଫିଟ୍ ଥିବାବେଳେ ଏସ୍‌ସିବି ମେଡିକାଲରେ ଦୁଇ ଜଣଙ୍କ ରକ୍ତ ନମୁନା ମେଳ ହୋଇଥିଲା। ୨ ରୋଗୀଙ୍କଠାରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଡା. ସବ୍ୟସାଚୀ ପଣ୍ଡା, ଡା. ସମୀର ସ୍ୱାଇଁ, ଡା. ସଞ୍ଜୟ ଚୌଧୁରୀ, ଡା. ଅରୁଣ ପାଲ, ଡା. ପ୍ରୀତମ ପଟ୍ଟନାୟକ ପ୍ରତିରୋପଣ କରିଥିବାବେଳେ ଡା. ରଞ୍ଜିତା ବକ୍ସି ଓ ଡା. ଅରୁଣ କୁମାର ଆନେସ୍ଥେସିଆ ପାଇଁ ରହିଥିଲେ। ସମ୍ ହସ୍ପିଟାଲର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଏସ୍‌ସିବି ମେଡିକାଲର ଦୁଇ ରୋଗୀଙ୍କ ନମୁନା ମେଳ ହେବା ଯୋଗୁ ଏହି କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଏହା ମେଡିକାଲ ପାଇଁ ଗର୍ବର ବିଷୟ ବୋଲି ଡା. ସବ୍ୟସାଚୀ ପଣ୍ଡା କହିଛନ୍ତି।


ଏସ୍‌ସିବି ମେଡିକାଲକୁ ଆମ୍ବୁଲାନ୍ସରେ ଆସିଥିବା ୨ କିଡ୍‌ନୀ।

# ବାଲିଘାଟ ବନ୍ଦ ଦାବିରେ ଗଣଧାରଣା

ଫୁଲନଖରା,୪।୧୧
(ସତ୍ୟ ରଞ୍ଜନ ଦାସମହାପାତ୍ର)

ବାରଙ୍ଗ ତହସିଲ ଅଧୀନ କୋରକୋରା ବାଲି ଘାଟକୁ ବନ୍ଦ କରିବା ଦାବିରେ ଶନିବାର ଗ୍ରାମବାସୀ ଖଲର୍ଦ୍ଧା ବ୍ରିଜ୍ ନିକଟରେ ଧାରଣାରେ ବସିଥିଲେ। ଉକ୍ତ ଘାଟରୁ ବାଲି ନେଇ ହାଇୱାଗୁଡିକ ପ୍ରତିଦିନ ଯାତାୟତ କରିବା ଦ୍ୱାରା ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଯାତାୟାତ ପାଇଁ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୨ ଏକର ୨୦ ଡିସିମିଲି ପରିମିତ ସ୍ଥାନରୁ ବାଲି ଉତ୍ତୋଳନ ପାଇଁ ଠିକାଦାରଙ୍କୁ ଅନୁମତି ମିଳିଥିଲା। ହେଲେ ସେ ନିର୍ଦ୍ଧାରିତ ସ୍ଥାନଠାରୁ ଅଧିକ ସ୍ଥାନରୁ ବାଲି ଉତ୍ତୋଳନ କରୁଛନ୍ତି। ଅପରପକ୍ଷରେ ଉକ୍ତ ବାଲିଘାଟ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହି ବାଟ ଦେଇ ଯାଉଥିବା ଝିଅବୋହୂମାନଙ୍କୁ ନିଶାସକ୍ତ ବ୍ୟକ୍ତିମାନେ ଅଶ୍ଳୀଳ ଇଙ୍ଗିତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କଲେ ସେମାନଙ୍କୁ ହତ୍ୟା ଧମକ ମିଳୁଛି। ଏନେଇ ସେମାନେ ସ୍ଥାନୀୟ ତହସିଲଦାର, ଜିଲାପାଳ, ଆରଡିସି ଓ ନିଆଳି ବିଧାୟକଙ୍କ ନିକଟରେ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ଏଥିସହ ଜଳ ସମ୍ପଦ ବିଭାଗ ଦ୍ୱାରା ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମାଣ କରାଯାଇଥିବା ପଥର ବନ୍ଧକୁ ବାଲି ଉତ୍ତୋଳନବେଳେ ତାଡି ଦିଆଯାଉଛି। ଫଳରେ ବନ୍ୟା ସମୟରେ ବିପଦ ସୃଷ୍ଟି କରିବ। ପୂର୍ବରୁ ଗ୍ରାମବାସୀ ବାରଙ୍ଗ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ସମ୍ପୃକ୍ତ ନିଲାମଧାରୀଙ୍କୁ ବାଲି ଉତ୍ତୋଳନ ନ କରିବାକୁ କହିଥିଲେ। ହେଲେ ନିଲାମଧାରୀ ଜଣଙ୍କ ଏହାକୁ ମାନି ନ ଥିଲେ। ଫଳରେ କୋରକୋରା ଓ ଖଲର୍ଦ୍ଧା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳାପୁରୁଷ ଏକାଠି ହୋଇ ବେଆଇନ ବାଲି ଚାଲାଣ ବିରୋଧରେ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଗଣଧାରଣାରେ ବସିଛନ୍ତି। ଏଥିସହ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏନେଇ ବାରଙ୍ଗ ତହସିଲଦାର ସ୍ୱସ୍ତି ସଂକଳ୍ପ ସାହୁ କହିଛନ୍ତି, ବାଲିଘାଟକୁ ଯିବା ପାଇଁ ନୂତନ ରାସ୍ତା ନିର୍ମାଣ କରାଯାଇଛି। ତେଣୁ ଭାରିଯାନ ଯାତାୟାତ କଲେ ରାସ୍ତା ନଷ୍ଟ ହେବ। ଏଥିପାଇଁ ଲୋକମାନେ ଧାରଣା ଦେବା ସହ ପ୍ରତିବାଦ କରୁଛନ୍ତି। ଜଳ ସମ୍ପଦ ବିଭାଗ ଓ ଜିଲା ପ୍ରଶାସନିକ ଅଧିକାରୀ ମିଳିତ ଭାବେ ଯାଇ କ୍ଷେତ୍ର ପରିଦର୍ଶନ କରିବା ପରେ ଲୋକମାନଙ୍କ ସମସ୍ୟା ଦୂର ହୋଇପାରିବ।

प्रवेश निःशुल्क

# झारखण्ड
## महिला एशियन चैंपियंस ट्रॉफी 2023
# हॉकी के महासंग्राम का बनें गवाह




## 05 नवंबर 2023
# फाइनल
सायं 08:30 बजे से

3rd /4th स्थान के लिए
सायं 06:00 बजे से

स्थान : मरङ गोमके जयपाल सिंह मुण्डा एस्ट्रोटर्फ हॉकी स्टेडियम, रांची

स्टेडियम में प्रवेश (दर्शकों के लिए) - सायं 04:00 बजे से






हेमन्त सोरेन
मुख्यमंत्री, झारखण्ड

WATCH LIVE ON SONY SPORTS NETWORK SONY liv

Title Sponsor | Host Partner | AHF Partners: Hero, polytan, Air Asia, OUKEN, STAUFF | Official Partner: ODISHA | Official Suppliers: SHALBY DIVINE, Sportz

सूचना एवं जनसंपर्क विभाग, झारखण्ड सरकार

PR-310680 (IPRD) 2023-24

# ବନ୍ଧୁମିଳନ






ଧରିତ୍ରୀର ୫୦ତମ ଜନ୍ମଦିବସ ଉପଲକ୍ଷେ ଶନିବାର ଧରିତ୍ରୀ ମୁଖ୍ୟାଳୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ସାହିତ୍ୟାୟନ ଦାୟିତ୍ୱରେ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ।

ସମ୍ପାଦକ ତଥାଗତ ସତପଥୀଙ୍କ ଉଦ୍‌ବୋଧନ।










ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଡ. ହୃଷୀକେଶ ମଲ୍ଲିକଙ୍କ ଦ୍ୱାରା ଧରିତ୍ରୀ ଛାପା ସଂସ୍କରଣ ପାଇଁ ସମ୍ବର୍ଦ୍ଧିତ ହୋଇଥିବା ଶ୍ରେଷ୍ଠ ଜିଲା ପ୍ରତିନିଧି (ବାମରୁ) ବଲାଙ୍ଗୀରର ବୀରେନ୍ଦ୍ର ଝାଙ୍କର, ଯାଜପୁରର ହର୍ଷବର୍ଦ୍ଧନ ବେହେରା, ବାଲେଶ୍ୱରର ମାନସ ବିଶ୍ୱାଳ, ଜଗତ୍‌ସିଂହପୁରର ପ୍ରମୋଦ କୁମାର ନାଏକ, ଭୁବନେଶ୍ୱରର ବରିଷ୍ଠ ଖବରଦାତା ଅନିଲ ଦାସ।

ଧରିତ୍ରୀ ଡିଜିଟାଲ ପାଇଁ ଶ୍ରେଷ୍ଠ ଜିଲା ପ୍ରତିନିଧିଭାବେ ସମ୍ବର୍ଦ୍ଧିତ ହୋଇଥିବା (ବାମରୁ) ଖୋର୍ଦ୍ଧାର ପ୍ରଭାତ କୁମାର ପାଣିଗ୍ରାହୀ, କଳାହାଣ୍ଡିର ଉତ୍ତମ କୁମାର ଦାସ ଏବଂ ଢେଙ୍କାନାଳର ରତନ ନାୟକ।








ଧରିତ୍ରୀ ଛାପା ସଂସ୍କରଣ ପାଇଁ ସମ୍ବର୍ଦ୍ଧିତ ହୋଇଥିବା ଶ୍ରେଷ୍ଠ ବ୍ଲକ ପ୍ରତିନିଧି (ବାମରୁ) ଜଗତ୍‌ସିଂହପୁର ଜିଲା ନାଉଗାଁର ସୁଧା ବେଉରା, କୋରାପୁଟ ଜିଲା ପଟାଙ୍ଗୀର ଶରତ ଧଳ, ସୁନ୍ଦରଗଡ଼ ଜିଲା କୁତ୍ରାର ଦେବାଶିଷ ସାହୁ।

ଧରିତ୍ରୀ ଡିଜିଟାଲ ପାଇଁ ଶ୍ରେଷ୍ଠ ବ୍ଲକ ପ୍ରତିନିଧିଭାବେ ସମ୍ବର୍ଦ୍ଧିତ ହୋଇଥିବା (ବାମରୁ) ଯାଜପୁର ଜିଲା ଧର୍ମଶାଳାର ବଟକୃଷ୍ଣ ପରିଡ଼ା, କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ଅରୁଣ ସାହୁ, ବାଲେଶ୍ୱର ଜିଲା ବାଲିଆପାଳର ଅମୂଲ୍ୟ କୁମାର ଦାସ।



ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା 'ବାବୁ ମହଲ' ଟିମ୍‌।



ଉପସ୍ଥିତ ଖବରଦାତା, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କର୍ମଚାରୀମାନେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଧରିତ୍ରୀ ପରିବାରର ସଦସ୍ୟମାନେ।

# ବନ୍ଧୁମିଳନ



ଐଶ୍ୱର୍ଯ୍ୟା ଏବଂ ନକ୍ଷତ୍ରଙ୍କ ନୃତ୍ୟ ପରିବେଷଣ।




ବାବୁମହଲ ଟିମ୍ ଦ୍ୱାରା ପରିବେଷିତ ନାଟକ 'ଅତୃପ୍ତ ଆତ୍ମାର ସତ କାହାଣୀ'ର ଏକ ଦୃଶ୍ୟ।

ଆସନ୍ତା ନଭେମ୍ବର ୨୪ରେ ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହା ପୂର୍ବରୁ ଶନିବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ମୁଖ୍ୟାଳୟ ପରିସରରେ ଏକ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା। ଏଥିରେ ସମଗ୍ର ରାଜ୍ୟରୁ ଆସିଥିବା ଖବରଦାତା, ଏଜେଣ୍ଟ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ଓ ବ୍ଲକସ୍ତରୀୟ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧରିତ୍ରୀ ପରିବାର ସଦସ୍ୟ ଓ ଧରିତ୍ରୀ ଲାଇଭ୍‌ର ବାବୁ ମହଲ ଟିମ୍ ଦ୍ୱାରା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସ୍ମୃତିଶ୍ରୀ ଏବଂ ଯାଜ୍ଞସେନୀଙ୍କ ଆଧୁନିକ ନୃତ୍ୟ ପରିବେଷଣ।



ନୃତ୍ୟର ତାଳେ ତାଳେ ଆନନ୍ଦର ଆସର।



ନମିତା ଏବଂ ଗୌରବଙ୍କ ଅଭିନୟ ପରିବେଷଣ।



କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଥିବା ଧରିତ୍ରୀ ପରିବାରର ସଦସ୍ୟ (ବାମରୁ) ଦେବୀପ୍ରସାଦ, ମନୋରଞ୍ଜନ, ଶିବାନୀ, ରଶ୍ମିରଞ୍ଜନ, ସଂଘମିତ୍ରା ଏବଂ ଗାୟତ୍ରୀ।



ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି ମାସି ଓ ସ୍ମୃତିରଞ୍ଜନ।



ରଶ୍ମିରଞ୍ଜନ ଓ ପ୍ରଭାତଙ୍କ ଦ୍ୱାରା ପରିବେଷିତ ଏକାଙ୍କିକା।



ସ୍ମୃତିରଞ୍ଜନଙ୍କ ଗୀତରେ ମନୋଜଙ୍କ ଅଭିନୟ ପରିବେଷଣ ।



ସତ୍ୟଜିତ୍, ମୃତ୍ୟୁଞ୍ଜୟ ଏବଂ ରାଜୀବଙ୍କ ସଙ୍ଗୀତ ପରିବେଷଣ।

## କିଛି ହସଖୁସିର ମୁହୂର୍ତ୍ତ







କାର୍ଯ୍ୟକ୍ରମରେ ଧରିତ୍ରୀ ଆଇଟି ଟିମ୍‌ର ବିକାଶ, ରାଜୀବ, ସ୍ମୃତିରଞ୍ଜନ ଏବଂ ମନୋଜଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ।



ନାଚଗୀତରେ ମସ୍‌ଗୁଲ ଧରିତ୍ରୀ ପରିବାର ସଦସ୍ୟ।







କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ ଏବଂ ହାସ୍ୟଅଭିନୟର ଆନନ୍ଦ ଉଠାଉଥିବା ଧରିତ୍ରୀ ପରିବାରର ସଦସ୍ୟମାନେ। (ଫଟୋ– ବିକାଶ ଓ ମୌସମ)

## ଏ ସପ୍ତାହର ପ୍ରଶ୍ନ

୧– ଥ୍ରୀ ବାସିନ୍ସ ସମିତି..................ଠାରେ ଆୟୋଜନ କରାଯାଇଛି ?
୨– ଚଳିତବର୍ଷ ରାମନ୍ ମାଗ୍‌ସେସେ ଆୱାର୍ଡ ପାଇଥିବା ଭାରତୀୟ .......... ?
୩– ............. ସମ୍ବନ୍ଧିତ ପାଠକ୍ରମକୁ ପାଲେଓକ୍ଲାଇମେଟୋଲୋଜି କୁହାଯାଏ ?
୪– ପୃଥିବୀର ସବୁଠୁ ଗଭୀର ନଦୀ .......... ?
୫– ଆମେରିକାର ଜାତୀୟ କ୍ରୀଡ଼ା ............. ?

## ଗତ ଥରର ଉତ୍ତର

୧ ସିପିୟୁ
୨ ଇଜିପ୍ଟ
୩ ବୁଦ୍ଧ, ଶୁକ୍ର, ପୃଥିବୀ
୪ ଗୋଆ
୫ ମାଣ୍ଡାରିନ୍ ଇଂଲିଶ୍

## ଉତ୍ତରଦାତା


ନିର୍ବିକଳ୍ପ ନାଥ, ଭଦ୍ରକ


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବିସ୍ମୟ ସ୍ଥାନ



୧ – ଦି କାଟାକମ୍ବ୍‌ସ ........ ଫ୍ରାନ୍ସ
୨ – ଫ୍ଲାଏ ଗିଜର୍ ........ ଆମେରିକା
୩ – ଦି ଜିଆଣ୍ଟସ୍ କଜ୍‌ୱେ ........ ନର୍ଥ ଆୟର୍ଲାଣ୍ଡ୍
୪ – ଥର୍‌ସ ୱେଲ୍ ........ ଆମେରିକା
୫ – ଦି ବରମୁଡା ଟ୍ରାଇଏଙ୍ଗେଲ୍........ ନର୍ଥ ଆଟ୍‌ଲାଣ୍ଟିକ୍ ଓସିଏନ୍
୬ – ପାମୁକାଲେ ........ ଟର୍କି
୭ – ଲେକ୍ ନାର୍ଟନ୍ ........ ଟାଞ୍ଜାନିଆ
୮ – ଜିଆଣ୍ଟ କ୍ରିଷ୍ଟାଲ କେଭ୍ ........ ମେକ୍ସିକୋ
୯ – ଇଟର୍ନାଲ ଫ୍ଲେମ୍ ଫଲ୍ସ ........ ଆମେରିକା
୧୦ – ମ୍ୟାଗ୍ନେଟିକ୍ ହିଲ୍ ........ ଭାରତ

## ଜାଣନ୍ତୁ ଦୁନିଆ

# ଜୀବଙ୍କ ଅଜବ ଦାନ୍ତ ରହସ୍ୟ

**ପୃଥିବୀପୃଷ୍ଠରେ ଅନେକ ଜୀବଙ୍କ ବିଚିତ୍ର ଶାରୀରିକ ଗଠନ ମଣିଷକୁ ଆଶ୍ଚର୍ଯ୍ୟ କରିଥାଏ। ଆସନ୍ତୁ ଜାଣିବା କେତେକ ଜୀବଙ୍କ ଦାନ୍ତ ସମ୍ପର୍କରେ କିଛି ଅଜବ କଥା...**

**ଲୁହା ଦାନ୍ତ ଥିବା ଜୀବ:** କ୍ରିପ୍ଟୋସିଟନ୍ ଷ୍ଟେଲେରି ବା ଓଣ୍ଡରିଂ ମିଟ୍‌ଲୋଫ୍ ନାମକ ଜୀବର ଦାନ୍ତ ଲୁହାରେ ତିଆରି। ସାଧାରଣତଃ ଦାନ୍ତ କ୍ୟାଲସିୟମ୍‌ରେ ତିଆରି ହୋଇଥିବା ବେଳେ ଏହି ଜୀବର ଦାନ୍ତ ଆଇରନ୍ ବା ଲୁହାରେ ତିଆରି ହୋଇଥିବା ଏକ ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି।

– ଏହି ଭୟଙ୍କର ଜୀବଟି ନିଜ ଦାନ୍ତ ଦ୍ୱାରା ଅତି କଠିନ ଶିକାର ମଧ୍ୟ କରିପାରେ। ଏମିତିକି ଏହା ପଥରକୁ ମଧ୍ୟ ସହଜରେ ଦାନ୍ତରେ ଚୋବାଇ ଖାଇପାରେ। କେବଳ ଏତିକି ନୁହେଁ, ନିଜର ଶକ୍ତ ଦାନ୍ତ ପାଇଁ ଏହା ବଡ଼ ବଡ଼ ପଥରରେ ସୁଡ଼ଙ୍ଗ ମଧ୍ୟ କରିପାରେ। ଏହା ଦେଖିବାକୁ



ହାଲୁକା ଲାଲ୍ ଏବଂ ମାଟିଆ ରଙ୍ଗର ହୋଇଥିବା ବେଳେ ଏହାକୁ ହଠାତ୍ ଦେଖିଲେ ତଳେ ପଡ଼ିଥିବା ମାଂସ ପିଣ୍ଡୁଳାର ଭ୍ରମ ସୃଷ୍ଟି କରିଥାଏ।

**ସାରା ଜୀବନ ବଢ଼େ ଦାନ୍ତ:** ଗୁଣ୍ଡୁଚି ମୂଷା, ଠେକୁଆ ଆଦିଙ୍କର ଦାନ୍ତ ବଢ଼ିବା କେବେ ବନ୍ଦ ହୋଇ ନ ଥାଏ। ତେଣୁ ଏହାକୁ ସାଧାରଣ ଆକାର ରଖିବା ପାଇଁ



ସେମାନେ ସବୁ ସମୟରେ କିଛି ନା କିଛି ଚୋବାଇଥାନ୍ତି।

**ସବୁଠୁ ବଡ଼ ପ୍ରାଣୀର ଦାନ୍ତ ନାହିଁ:** ପୃଥିବୀର ବୃହତ୍ତମ ସ୍ତନ୍ୟପାୟୀ ପ୍ରାଣୀ ହେଉଛି ନୀଳ ତିମି ବା ବ୍ଲୁ ହ୍ୱେଲ୍। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ବିଶାଳକାୟ ପ୍ରାଣୀର ଦାନ୍ତ ନାହିଁ।

**୧୪ ହଜାର ଦାନ୍ତ:** ମଣିଷର ଦାନ୍ତ ସଂଖ୍ୟା ୩୨। ଅନ୍ୟ ଜୀବମାନଙ୍କ ଦାନ୍ତ ସଂଖ୍ୟା ଏହାଠାରୁ କମ୍ ବେଶୀ ହୋଇଥାଏ। ହେଲେ କ'ଣ ଗୋଟିଏ ଜୀବର ଦାନ୍ତ ସଂଖ୍ୟା ୧୪ ହଜାର ହୋଇପାରେ! ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଗେଣ୍ଡାମାନଙ୍କର ଏତେ



ସଂଖ୍ୟାର ଦାନ୍ତ ଥିବାରୁ ସେମାନଙ୍କୁ ପୃଥିବୀର ସର୍ବାଧିକ ଦାନ୍ତ ଥିବା ପ୍ରାଣୀ ବୋଲି ଗ୍ରହଣ କରାଯାଏ।

# ଆଗକୁ ପିକ୍‌ନିକ୍

**ପାଦ ଥାପିଛି ଶୀତ। ଧୀରେ ଧୀରେ ଥଣ୍ଡା ବଢ଼ିବା ସାଙ୍ଗକୁ ଯୁବପିଢ଼ିଙ୍କ ମନରେ ପିକ୍‌ନିକ୍ କରିବାକୁ ଆରମ୍ଭ ହୋଇଯାଇଛି ପ୍ଲାନିଂ। ଆଉ ବର୍ଷ ଶେଷରେ ସାଙ୍ଗସାଥୀଙ୍କ ସହ ଏକାଠି ନୂଆ ଜାଗା ବୁଲିଯିବା, ନାଚଗୀତର ଆସର ଭିତରେ ମଜାମସ୍ତିରେ ଭୋଜି କରି ଖାଇବା ସହ କିଛି ସୁନ୍ଦର ଅନୁଭୂତି ସାଉଁଟିବାକୁ ସଭିଙ୍କ ମନରେ ଭରି ରହିଛି ଉତ୍କଣ୍ଠା...**

ବର୍ଷସାରା ପିକ୍‌ନିକ୍। ଓଃ! ଏହି ବୁଲାବୁଲି ଆଉ ମଜାମସ୍ତି କାହାକୁ ବା ଭଲ ନ ଲାଗେ! ତେବେ ପିକ୍‌ନିକ୍ ପ୍ଲାନିଂ କରିବାର ବେଶ୍ କିଛିଦିନ ପୂର୍ବରୁ ଠିକ୍ ଭାବେ ପ୍ଲାନିଂ କଲେ ଏହା ହୋଇଯାଏ ଅଧିକ ମଜାଦାର ଏବଂ ଅନୁଭୂତିପୂର୍ଣ୍ଣ...

**ଯୋଜନା ଓ ଆଲୋଚନା:** ଆଉ କିଛିଦିନରେ ଆରମ୍ଭ ହୋଇଯିବ ପିକ୍‌ନିକ୍ ସିଜନ୍। ଛୋଟ ବଡ଼ ପ୍ରତିଟି ପିକ୍‌ନିକ୍ ସ୍ପଟ୍‌ରେ ଜମିବ ଭିଡ଼। ତେଣୁ ପ୍ରଥମେ ସମସ୍ତେ ଏକାଠି ବସି ଯୋଜନା କରିବା ଦରକାର। ଏଥିପାଇଁ ଅଧିକ ଆଲୋଚନା କରିବା ଲାଗି ହ୍ୱାଟ୍ସଆପ୍ ଗ୍ରୁପ୍ କ୍ରିଏଟ୍ କଲେ ଅଧିକ ଉପକୃତ ହେବେ।

**ସ୍ପଟ୍ ସିଲେକ୍ସନ:** କେଉଁ ସ୍ଥାନକୁ ପିକ୍‌ନିକ୍ ଯିବାକୁ ଯିବେ ବାଛନ୍ତୁ। ସେଠାରେ କେଉଁ ସବୁ ବ୍ୟବସ୍ଥା ରହିଛି ଜାଣିରଖନ୍ତୁ। ଗମନାଗମନର ସୁବିଧା କିପରି, ଆବଶ୍ୟକ ହେଲେ ଆଖପାଖରେ ରହିବା ଲାଗି ହୋଟେଲ କିମ୍ବା ଲଜ୍‌ର ସୁବିଧା କିପରି ସେ ସମ୍ପର୍କରେ ପୂର୍ବରୁ ଜାଣିରଖନ୍ତୁ। ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ବୁଲିବା, ଖାଇବା ଆଦି ହୋଇ ପାରିବ କି ନାହିଁ ମଧ୍ୟ ବୁଝି ରଖନ୍ତୁ। ନଚେତ୍ ଏସବୁ ଛୋଟ ଛୋଟ କାରଣ ଆପଣଙ୍କ ସମସ୍ତ ପିକ୍‌ନିକ୍‌ର ମଜା ଖରାପ କରି ଦେଇପାରେ। ମନେରଖନ୍ତୁ ସମ୍ପୂର୍ଣ୍ଣ ନୂଆ ଜାଗାକୁ ପିକ୍‌ନିକ୍ ଲାଗି ଯାଉଥିଲେ ସାଙ୍ଗରେ କୌଣସି ଗାଇଡ୍ କିମ୍ବା ଉକ୍ତ ସ୍ଥାନକୁ ପୂର୍ବରୁ ଯାଇଥିବା ବ୍ୟକ୍ତିଙ୍କୁ ନେଲେ ଭଲ।

**ଡେଟ୍ ଏବଂ ବଜେଟ:** ପିକ୍‌ନିକ୍ ଡେଟ୍ ସବୁବେଳେ କିଛିଦିନ ପୂର୍ବରୁ ଫାଇନାଲ୍ କରିବା ଦରକାର। ଏହାଦ୍ୱାରା ସମସ୍ତ ମେମ୍ବରମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଏକ ଡେଟ୍ ବାଛିବା ସୁବିଧା ହୋଇଥାଏ। ଏହାଦ୍ୱାରା ନିର୍ଦ୍ଧାରିତ ତାରିଖରେ ଉକ୍ତ ସ୍ପଟ୍‌ରେ ଭୋଜି କରି ଖାଇବା ଲାଗି ସ୍ଥାନ ଫାଙ୍କା ମିଳିବ କି ନାହିଁ ଜାଣିହେବା ସହ ଆବଶ୍ୟକ ହେଲେ ଭୋଜି ଲାଗି ସ୍ଥାନ ଆଡ୍‌ଭାନ୍ସ ବୁକ୍ ମଧ୍ୟ କରିହେବ। ଟ୍ରାନ୍ସପୋର୍ଟ, ଟିଫିନ୍, ଲଞ୍ଚ୍ ଏବଂ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ମିଶାଇ ହାରାହାରି କେତେଟଙ୍କା ଖର୍ଚ୍ଚ ହେବ ଏକ ଆନୁମାନିକ ବଜେଟ ପୂର୍ବରୁ ପ୍ରସ୍ତୁତ କରିନେବା ଦରକାର।

**ମେମ୍ବର ଓ ଗାଡ଼ି:** ପିକ୍‌ନିକ୍ କଥା ଉଠିଲେ ସମସ୍ତେ ହଁ କୁହନ୍ତି, କିନ୍ତୁ ବଜେଟ ହେଉ ଅବା ଅନ୍ୟ କୌଣସି କାରଣକୁ ନେଇ ଶେଷ ମୁହୂର୍ତ୍ତରେ ହଠାତ୍ କେତେଜଣ ଯିବାକୁ ମନା କରନ୍ତି, ଯଦ୍ଦ୍ୱାରା ବଜେଟଠାରୁ ଆରମ୍ଭ କରି ଅନ୍ୟ ସବୁଥିରେ ଅସୁବିଧା ହୋଇଥାଏ। ବେଳେବେଳେ ଶେଷରେ ଆଉ ଅଧିକ କେତେଜଣ ମଧ୍ୟ ଯିବା ପାଇଁ ବାହାରନ୍ତି, ଫଳରେ ଗାଡ଼ିରେ ଜାଗା ହେବା କଷ୍ଟ ହୋଇପଡ଼େ। ତେଣୁ ପିକ୍‌ନିକ୍ ଯିବାର କିଛିଦିନ ପୂର୍ବରୁ ମେମ୍ବରମାନଙ୍କ ଲାଗି ଏକ ଡେଡ୍‌ଲାଇନ୍ ରଖନ୍ତୁ ଏବଂ ଉକ୍ତ ସମୟସୀମା ମଧ୍ୟରେ ଚାନ୍ଦା ଦେଇଥିବା ମେମ୍ବରମାନଙ୍କ ଅନୁଯାୟୀ ଗାଡ଼ି ଫାଇନାଲ କରନ୍ତୁ। ପ୍ରାଇଭେଟ୍ ଗାଡ଼ି କିମ୍ବା ଟ୍ରାଭେଲ୍ସରୁ ମଗେଇବେ ଫାଇନାଲ କରନ୍ତୁ।

**କ'ଣ ସବୁ ରାନ୍ଧିବେ:** ଭୋଜି ସ୍ଥଳରେ କ'ଣ ସବୁ ଆଇଟମ୍ ରାନ୍ଧିବେ ତାହା ଲିଷ୍ଟ ପ୍ରସ୍ତୁତ କରି ଆବଶ୍ୟକ ସମସ୍ତ ସାମଗ୍ରୀ ଗାଡିରେ ସାଙ୍ଗରେ ନେଇଯିବା ଭଲ। ପିକ୍‌ନିକ୍ ସ୍ଥଳରେ ସଭିଙ୍କ ପସନ୍ଦ ଅନୁଯାୟୀ ଅଲଗା ଅଲଗା ରୋଷେଇ କରିବା ସମ୍ଭବ ନୁହେଁ। ତେଣୁ ଏଭଳି ମେନୁ ସିଲେକ୍ଟ କରନ୍ତୁ, ଯାହାକୁ ଖାଇବାର ମଜା ସଭିଏଁ ନେଇପାରିବେ।









### ମନେରଖନ୍ତୁ

- ଯେକୌଣସି ବାହାର ସ୍ଥାନକୁ ପିକ୍‌ନିକ୍ ପାଇଁ ଯାଉଥିଲେ ବିଶେଷକରି ଝରଣା କିମ୍ବା ପାଣି ଜାଗାକୁ ଯାଉଥିଲେ ପାଖରେ ଅତିକମ୍‌ରେ ଗୋଟିଏ ହଳ ଏକ୍ସଟ୍ରା ଡ୍ରେସ୍, ଟାୱେଲ ଆଦି ରଖନ୍ତୁ। ଏହା ବ୍ୟତୀତ ଶୀତବସ୍ତ୍ର, କିଛି ଟଙ୍କା କ୍ୟାଶ୍, ମୋବାଇଲ୍ ଏବଂ ଏହାର ଚାର୍ଜର, ଫାଷ୍ଟ ଏଡ୍ କିଟ୍, ପାଣି ବୋତଲ ଏବଂ କିଛି ଶୁଖିଲା ଖାଦ୍ୟ ନେବାକୁ ଆଦୌ ଭୁଲନ୍ତୁ ନାହିଁ।
- ଅନେକେ ପିକ୍‌ନିକ୍ ସ୍ପଟକୁ ଯିବା ପରେ ପାଖ ମାର୍କେଟ୍‌ରୁ ରୋଷେଇ ପାଇଁ ଆବଶ୍ୟକ ସାମଗ୍ରୀ କିଣିନେବାର ଯୋଜନା ରଖି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏମିତିକି ରୋଷେଇ କରି ନ ପାରି ଆଖପାଖ ହୋଟେଲରେ ଖାଇବା କିମ୍ବା ହୋଟେଲ ନ ଥିବା କି ସେଠାରେ ଖାଦ୍ୟ ସରିଯାଇଥିବାରୁ ଉପାସରେ ରହିଥିବାର ବି ନଜିର ରହିଛି। ତେଣୁ ଏନେଇ ପୂର୍ବରୁ ପ୍ଲାନିଂ କରନ୍ତୁ।
- ହିଲ୍ ଷ୍ଟେଶନ୍‌କୁ ପିକ୍‌ନିକ୍ ପାଇଁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ ଝରଣା ପାଣିରେ ଗାଧୋଇବା, ପାହାଡ଼ ଚଢ଼ିବା, ଜଙ୍ଗଲ ଭିତରକୁ ଯିବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। କୌଣସି ନୂଆ ଜାଗାକୁ ଯାଉଥିଲେ ସର୍ବଦା ସାଙ୍ଗରେ ଗାଇଡ୍ ବା ସେ ସ୍ଥାନ ସମ୍ପର୍କରେ ଭଲଭାବେ ଜାଣିଥିବା ଲୋକଙ୍କୁ ନେବା ଭଲ।
- ସେହିପରି ଲଙ୍ଗରୁଟ୍ ଯାଉଥିଲେ କିମ୍ବା ନାଇଟ୍ ଜର୍ନି କରିବାର ଥିଲେ ସେ ରାସ୍ତା ବିଷୟରେ ଭଲ ଭାବେ ଜାଣି ଥିବା କୌଣସି ଦକ୍ଷ ଡ୍ରାଇଭରଙ୍କୁ ସାଙ୍ଗରେ ନିଅନ୍ତୁ।
- ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଛି ବର୍ଷ ହେବ ଫଟୋ ଏବଂ ଭିଡିଓ ନେବା ବେଳେ ଅନେକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି, ତେଣୁ ଏଥିପ୍ରତି ସତର୍କ ରହବା ଦରକାର।

## ୟୁଥ୍ କ୍ଲବ୍

# ସେବା, ସମର୍ପଣର ଅନ୍ୟ ନାମ ସାହିଭାଇ

"ବସୁଧୈବ କୁଟୁମ୍ବକମ୍" ମନ୍ତ୍ରରେ ଅନୁପ୍ରାଣିତ ପୁରୀ ସହରର ଯୁବ ସାମାଜିକ ଅନୁଷ୍ଠାନ ସାହିଭାଇ। ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ପଥରେ ଅନୁଷ୍ଠାନର ସଭ୍ୟାସଭ୍ୟ ସମର୍ପିତ। ସହଯୋଗ ଓ ସମର୍ପଣଭାବ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସେମାନେ ଆଉ ସାଉଁଟୁଛନ୍ତି ପ୍ରଶଂସା।

୨୦୧୩ ମସିହାରୁ ବାଲିସାହି ମା' ବରାହୀଙ୍କ ପୀଠରୁ ଜନ୍ମିତ ଏ ଅନୁଷ୍ଠାନକୁ ଇତିମଧ୍ୟରେ ୧୦ ବର୍ଷ ପୂରଣ ହୋଇଯାଇଛି। ଏହା ଏକ ପରିବାର ଓ ଶିକ୍ଷାନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ଓଡ଼ିଶାର ବିଭିନ୍ନ ଜିଲାରେ ନିଜର ନିଆରା କାର୍ଯ୍ୟ ପାଇଁ ପରିଚୟ ସୃଷ୍ଟି କରିଛି ଏହି ଅନୁଷ୍ଠାନ। "ପ୍ରଭାତଫେରିଠୁ ବକୁଳବନ ଚାଲ" ସାହିଭାଇକୁ ଦିଏ ଏକ ସ୍ୱତନ୍ତ୍ର ପରିଚୟ। ବାଳକଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହି କାର୍ଯ୍ୟକ୍ରମରେ ଯୋଡ଼ିହୁଅନ୍ତି। ଅଜଣା ଅସହାୟ ଶବକୁ କାନ୍ଧରେ ବୋହି ନେଇ ରୀତି ନୀତି ମୁତାବକ ମୁଖାଗ୍ନି ଦେଇ ଜନ୍ମ କଲା ପୁଅ ନ ହୋଇ ମଧ୍ୟ ଶେଷ କର୍ମରେ ପୁଅର ସମ୍ପୂର୍ଣ୍ଣ କର୍ତ୍ତବ୍ୟ କରନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ଏପରିକି ତିଳତର୍ପଣ ସହ ବ୍ରହ୍ମଣ ଭୋଜନ ମଧ୍ୟ ଦିଆଯାଏ। ଅନୁଷ୍ଠାନର ଏ ଶେଷସାଥୀ ସେବାକୁ ବେଶ୍ ସମର୍ଥନ ଦିଅନ୍ତି ପୁରୀବାସିନ୍ଦା। ରାତି ହେଉକି ଦିନ, ମେଡିକାଲରେ ଚିକିତ୍ସାଧୀନ ଓ ସାହାଯ୍ୟ ଚାହୁଁଥିବା ରୋଗୀଟିଏ ଯେବେ ସାହିଭାଇର ସାହାଯ୍ୟ ଖୋଜନ୍ତି ଆଖି ପିଛୁଳାକେ ପହଞ୍ଚିଯାଆନ୍ତି ଅନୁଷ୍ଠାନର କର୍ମକର୍ତ୍ତାମାନେ। ବିପଦ ଆପଦର ସାଥୀର ଅନ୍ୟ ନାମ ସାହିଭାଇ। ବସ୍ ହେଉ କି ଟ୍ରେନରେ ଅନେକ ପାଗଳ ଓ ଅସହାୟ ମଣିଷ ପୁରୀରେ ଆସି ପହଞ୍ଚନ୍ତି। ସେମାନଙ୍କୁ ବଡ଼ଦାଣ୍ଡରୁ ନେଇ ସଫାସୁତରା କରି ରହିବା ଓ ଖାଇବାର ବ୍ୟବସ୍ଥା କରେ ଅନୁଷ୍ଠାନ। ଗୋପବନ୍ଧୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେବାକୁ ପ୍ରାଥମିକତା ଦେଇଥାଏ। ଗୋପବନ୍ଧୁଙ୍କ ଜୟନ୍ତୀରୁ ସପ୍ତାହ ବ୍ୟାପୀ ସେବା କାର୍ଯ୍ୟ 'କର୍ତ୍ତବ୍ୟ' କରିଥାଏ। ରକ୍ତଦାନ ଶିବିର, ପରିବେଶ ସୁରକ୍ଷା, ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ, ସ୍ୱାସ୍ଥ୍ୟସେବା, ଦରିଦ୍ର ନାରାୟଣ ସେବା, ରଥଯାତ୍ରାରେ ସପ୍ତାହ ବ୍ୟାପୀ ସେବାକୁ ଗୁରୁତ୍ୱ ଦେଇଥାଏ। ଏହାର କର୍ମକର୍ତ୍ତା, ସଦସ୍ୟ ଭ୍ରାତୃତ୍ୱ, ପ୍ରେମ ସମ୍ପର୍କ ବନ୍ଧନରେ ବାନ୍ଧି ହୋଇ ରହିଛନ୍ତି। କାହାରି ଅସୁବିଧା ପଡ଼ିଲେ ଅନ୍ୟମାନେ କାନ୍ଧ ଦେବାକୁ ପହଞ୍ଚି ଯାଆନ୍ତି। ନିକଟରେ ଜଣେ ମାନସିକ ଅନଗ୍ରସର ମହିଳାଙ୍କର ଆମ୍ବୁଲାନ୍ସରେ କନ୍ୟା ସନ୍ତାନଙ୍କୁ ପ୍ରସବ କରାଇ ମାନବିକତାର ପରିଚୟ ଦେଇଛନ୍ତି। ବାଘ ଆଖଡ଼ା ମଠରେ ଥିବା ଗୋଶାଳରେ ଗୋରୁଗାଈଙ୍କ ସେବାରେ ଲାଗିଛନ୍ତି। ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ପଡ଼ିଥିବା ଗୋରୁଗାଈଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଥା'ନ୍ତି। ଶ୍ରୀକ୍ଷେତ୍ର କଳା ସଂସ୍କୃତିର ପ୍ରଚାର ତଥା ପଞ୍ଚତୀର୍ଥର ମାହାତ୍ମ୍ୟ ପ୍ରସାର ଉଦ୍ଦେଶ୍ୟରେ କିଛି ବର୍ଷ ହେଲା ପ୍ରତି ମାସରେ ଶ୍ୱେତଗଙ୍ଗା ଓ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଆଳତି ଆରମ୍ଭ କରି ଅନେକ ଶ୍ରଦ୍ଧାଳୁଙ୍କୁ ଏକାଠି କରିବା ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରୁଛନ୍ତି। ଏଥିସହିତ ପଞ୍ଚତିର୍ଥ ପୁଷ୍କରିଣୀରେ ସ୍ୱଚ୍ଛତା ଅଭିଯାନ ଆୟୋଜନ କରି ସଚେତନତାର ବାର୍ତ୍ତା ଦେଉଛନ୍ତି। ସ୍କୁଲ କଲେଜ ବିଦ୍ୟାର୍ଥୀମାନଙ୍କ ଦକ୍ଷତା, ସୃଜନଶୀଳତାର ବିକାଶ, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ସମ୍ପର୍କିତ ଆଲୋଚନାଚକ୍ର, ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏହାର କର୍ମକର୍ତ୍ତା ସଦସ୍ୟମାନେ କେବଳ ନିଜ କାର୍ଯ୍ୟରେ ସୀମିତ ନ ରହି ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଯୋଡ଼ି ହୋଇ ସମାଜସେବାରେ ଲାଗିଛନ୍ତି। ବ୍ରଜବନ୍ଧୁ ମହାରଣା ଏହାର କାର୍ଯ୍ୟକାରୀ ସଭାପତି, ଚନ୍ଦ୍ରଶେଖର ମିଶ୍ର ସମ୍ପାଦକ ରହିଥିବା ବେଳେ ଶହେରୁ ଊର୍ଦ୍ଧ୍ୱ ସଦସ୍ୟ ଅଛନ୍ତି। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଏହି ଅନୁଷ୍ଠାନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସମ୍ମାନିତ ହୋଇଛି।


ସାହି ଭାଇର ସଦସ୍ୟମାନେ।

– ପ୍ରଭାତ ପାଣିଗ୍ରାହୀ

# ଅପରାଜେୟ ଧାରା ବଜାୟ ଲକ୍ଷ୍ୟରେ ଭାରତ

**କୋଲକାତା,୪।୧୧(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୩୭ ତମ ମ୍ୟାଚ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା କୋଲକାତାର ଇଡେନ୍ ଗାର୍ଡେନ୍ସରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ମ୍ୟାଚକୁ ଜିତିବା ସହିତ ଭାରତ ନିଜର ଅପରାଜେୟ ଧାରା ବଜାୟ ରଖିବାକୁ ଚାହିଁବ। ଭାରତ ଏହାର ୭ ମ୍ୟାଚ୍‌ରେ ବିଜୟ ସହିତ ସେମିଫାଇନାଲରେ ପ୍ରବେଶ କରିସାରିଥିବା ବେଳେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୬ଟିରେ ବିଜୟୀ ହୋଇଛି। ଦଳର ଏକମାତ୍ର ପରାଜୟ ନେଦରଲାଣ୍ଡ୍ସ ନିକଟରୁ ଆସିଛି। ୨୦୧୧ ବିଶ୍ୱକପ୍ ସଂସ୍କରଣରେ ଚାମ୍ପିୟନ ଭାରତ ଏହାର ଏକ ମାତ୍ର ମ୍ୟାଚ୍ ଦକ୍ଷିଣ ଆଫ୍ରିକା ନିକଟରୁ ହାରିଥିଲା। ତେବେ ବର୍ତ୍ତମାନର ଫର୍ମକୁ ଦୃଷ୍ଟିରେ ରଖିଲେ ଭାରତକୁ ଏହି ମ୍ୟାଚରେ ଫେଭରିଟ୍ ଭାବରେ ବିବେଚନା କରାଯିବ। ଉଭୟ ଦଳର ବ୍ୟାଟିଂ ଶକ୍ତିଶାଳୀ ରହିଥିବା ବେଳେ ବୋଲିଂ ମଧ୍ୟ ସମାନ ଭାବରେ ଶକ୍ତିଶାଳୀ। ତେବେ ଭାରତ ଦ୍ରୁତ ବୋଲିଂ ଡିପାର୍ଟମେଣ୍ଟରେ ଟିକିଏ ଅଧିକ ଶକ୍ତିଶାଳୀ ମନେହେଉଛି। ଭାରତୀୟ ଦଳ ବିପକ୍ଷରେ ଏଯାଏ ଥରେ ମଧ୍ୟ ୩୦୦ ରନ୍ ସ୍କୋର ହୋଇ ନାହିଁ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ୫ ଥର ୩୦୦+ ସ୍କୋର କରିବାରେ ସମର୍ଥ ହୋଇଛି। ଦଳରେ ଏକାଧିକ ପାୱାର ହିଟର ରହିଥିବା ବେଳେ ଭାରତର ବୋଲିଂ ଓ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏହି ମ୍ୟାଚ୍ ଜିତିଲେ ଭାରତ ଏକ ନମ୍ବର ସ୍ଥାନରେ ରହି ସେମିକୁ ପ୍ରବେଶ କରିବ। ଏହା ସହ ଏହି ମ୍ୟାଚ୍‌ଟି ବିରାଟ କୋହଲିଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର। ରବିବାର କୋହଲି ୩୫ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ଦିନିକିଆରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ୪୯ତମ ଶତକର ସମକକ୍ଷ ହେବାର ସୁଯୋଗ ତାଙ୍କ ନିକଟରେ ରହିଛି।


ଭାରତୀୟ ଦଳର ଅଭ୍ୟାସ ସେସନରେ ରୋହିତ ଶର୍ମା।

ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୪୨୮ ରନ୍ ସ୍କୋର କରିଥିବା ବେଳେ ୫ ଥର ୩୦୦+ ସ୍କୋର କରିସାରିଛି। ତେବେ ସମସ୍ତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିଛି। କ୍ୱିଣ୍ଟନ୍ ଡି'କକ୍ ୫୪୫ ରନ୍ ସହିତ ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଛନ୍ତି। ତେବେ ରନ୍‌ର ପିଛା କରିବା ଦକ୍ଷିଣ ଆଫ୍ରିକାର ଦୁର୍ବଳତା ରହିଛି। ନେଦରଲାଣ୍ଡ୍ସ ଭଳି ଦୁର୍ବଳ ଦଳ ବିପକ୍ଷରେ ୨୪୩ରନ୍‌ର ପିଛା କରି ପରାଜିତ ହୋଇଥିବା ବେଳେ ପାକିସ୍ତାନ ବିପକ୍ଷରେ ୨୭୧ ରନ୍‌ର ଲକ୍ଷ୍ୟକୁ ୧ ଉଇକେଟ ବାକି ଥାଇ ହାତେଇଥିଲା। ଅପରପକ୍ଷରେ ଭାରତ ଉଭୟ ଚେଜ୍ ଓ ରନ୍‌କୁ ଡିଫେଣ୍ଡ କରିବାରେ ସଫଳ ହୋଇଛି।

ଭାରତ ପକ୍ଷରୁ ମହମ୍ମଦ ଶାମି ଚମତ୍କାର ଫର୍ମରେ ରହିଛନ୍ତି। ୩ ମ୍ୟାଚ୍‌ରୁ ସେ ୧୪ ଉଇକେଟ ନେଇଥିବା ବେଳେ ରବିବାର ମଧ୍ୟ ତାଙ୍କ ଉପରେ ନଜର ରହିବ। ବେଙ୍ଗଲ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ଶାମି ଇଡେନ୍‌ର ପରିବେଶ ସହିତ ପରିଚିତ। ତେବେ ନିଜର ଏହି ସଫଳତା ପାଇଁ ସେ ଟେଷ୍ଟ ବୋଲିଂକୁ କ୍ରେଡିଟ୍ ଦେଇଛନ୍ତି। ଟେଷ୍ଟ ମ୍ୟାଚ ପରି ଗୁଡ୍ ଲେନ୍ଥ ହାସଲ କରିବାକୁ ପ୍ରୟାସ କରିଥିଲି, ଯାହା ସଫଳତା ପ୍ରଦାନ କରିଥିଲା। ଯଶପ୍ରୀତ୍ ବୁମରାଙ୍କ ସ୍ଲୋ ବଲ୍ ୟର୍କର ଓ ସିରାଜଙ୍କ ପେସ୍ ଓ ସୁଇଂ ଭାରତୀୟ ବୋଲିଂକୁ ଅଭେଦ୍ୟ ଭାବରେ ଗଢି ତୋଳିଛି। ଏହା ସହିତ ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କ ବିପକ୍ଷରେ ହେନରିଚ୍ କ୍ଲାସେନ୍‌ଙ୍କ ରଣନୀତି ଉପରେ ସମସ୍ତଙ୍କ ନଜର ରହିବ। ବିରାଟ କୋହଲି ଅଦ୍ୟାବଧି ୩ଟି ଶତକରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। କୋଲକାତା ଦର୍ଶକଙ୍କ ସମ୍ମୁଖରେ ସେ ଏହି ମାଇଲଖୁଣ୍ଟ ହାସଲ କରିବା ନେଇ ଆଶା କରାଯାଏ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ଦକ୍ଷିଣ ଆଫ୍ରିକା**

**ସ୍ଥାନ: କୋଲକାତା,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଜୋହର କପ୍ ହକି

# ପାକିସ୍ତାନକୁ ହରାଇ ଭାରତକୁ ବ୍ରୋଞ୍ଜ

**ଜୋହର ବାହରୁ (ମାଲେସିଆ), ୪।୧୧(ପି.ଟି.)**

ଭାରତର ଜୁନିୟର ହକି ଦଳ ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। ଶନିବାର ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଦଳ ପେନାଲ୍ଟି ଶୁଟ୍ ଆଉଟରେ ପାକିସ୍ତାନକୁ ୬-୫ରେ ପରାସ୍ତ କରିଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ଅରୁଣ ସାହାଣୀ (୧୧ତମ ମିନିଟ), ପୁଭାନ୍ନା ସିବି (୪୨ତମ) ଓ ଅଧିନାୟକ ଉତ୍ତମ ସିଂ (୫୨ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ପାକିସ୍ତାନ ପକ୍ଷରୁ ସୁଫ୍ୟାପ ଖାନ୍ (୩୩ତମ), ଅବ୍ଦୁଲ କ୍ୱାୟୁମ୍ (୫୦ତମ) ଓ ଅଧିନାୟକ ଶାହିଦ ହାନାନ (୫୭ତମ) ଗୋଲ୍ ସ୍କୋର କରିଥିଲେ। ପେନାଲ୍ଟି ଶୁଟ୍ ଆଉଟ ବରାବର ସ୍ଥିତିରେ ରହିବାରୁ ଖେଳ ସଡନ ଡେଥ ପର୍ଯ୍ୟାୟକୁ ଚାଲିଯାଇଥିଲା।

## ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି

# ଫାଇନାଲରେ ଭାରତ

**ରାଞ୍ଚି, ୪।୧୧ (ପି.ଟି.)**

ଚମତ୍କାର ଫର୍ମରେ ଥିବା ଭାରତ ଏଠାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ଦଳ ୨-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ହରାଇ ଦେଇଛି। ଦଳ ପକ୍ଷରୁ ସାଲିମା ଟେଟେ (୧୧ତମ ମିନିଟ) ଓ ବୈଷ୍ଣବୀ ଭିଥାଲ ଫାଲ୍‌କେ (୧୯ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଥିସହିତ ଦଳ ଟୁର୍ନାମେଣ୍ଟରେ ବିଜୟ ଧାରା ବଜାୟ ରଖିଛି। ଭାରତ ଏହାର ଅନ୍ତିମ ରାଉଣ୍ଡ ରବିନ ଲିଗ୍ ମ୍ୟାଚରେ ମଧ୍ୟ କୋରିଆକୁ ୫-୦ ଗୋଲ୍‌ରେ ପରାସ୍ତ କରିଥିଲା। ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ଭାରତ ରବିବାର ଫାଇନାଲରେ ଜାପାନକୁ ଭେଟିବ। ପ୍ରଥମ ସେମିଫାଇନାଲରେ ଜାପାନ ୨-୧ ଗୋଲ୍‌ରେ ଏସିଆନ ଗେମ୍ସ ଚାମ୍ପିୟନ ଚାଇନାକୁ ହରାଇ ଦେଇଥିଲା।

# ପେସରଙ୍କ ମଧ୍ୟରେ ଲଢ଼େଇ

**ସାର୍ ରିଚାର୍ଡ ହାଡ୍‌ଲି**

ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ ଏହାର ଅନ୍ତିମ ଚରଣରେ ପାଦ ଦେଇଛି। ଆୟୋଜକ ଭାରତ କ୍ରମାଗତ ୭ ବିଜୟ ସହ ଫେଭରିଟ୍ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ମଧ୍ୟ ଚମତ୍କାର ପ୍ରଦର୍ଶନ ସହିତ ୭ ମ୍ୟାଚ୍‌ରୁ ୬ଟି ବିଜୟ ହାସଲ କରିଛି। ରବିବାର କୋଲକାତାର ମ୍ୟାଚ୍ ଉଭୟ ଦଳ ପାଇଁ ଲିଟମସ୍ ଟେଷ୍ଟ ରହିବ। ଉଭୟ ଦଳ ପ୍ରଭାବୀ ପ୍ରଦର୍ଶନ ଜରିଆରେ ନିଜର ପ୍ରାଧାନ୍ୟ ଜାହିର କରିବାକୁ ଚାହିଁବେ। ଉଭୟ ଦଳ ଆଗକୁ ଫାଇନାଲରେ ଆଉଥରେ ଭେଟ ହେବାର ସମ୍ଭାବନା ଅଧିକ। ତେଣୁ ଏହି ମ୍ୟାଚ୍ ଜିତିବା ସହିତ ମୋମେଣ୍ଟମକୁ ନିଜ ସପକ୍ଷରେ ନେବାକୁ ଉଭୟ ଦଳ ପ୍ରୟାସ କରିବେ।

ଉଭୟ ଦଳ ନିକଟରେ ଦୃଢ ବ୍ୟାଟିଂ ଓ ବୋଲିଂ ଲାଇନ୍‌ଅପ୍ ରହିଛି, ଯାହା ଏହି ମ୍ୟାଚ୍‌କୁ ଅଧିକ ରୋମାଞ୍ଚକ କରିବ। ଭାରତ ପକ୍ଷରୁ ମହମ୍ମଦ ଶାମି ୩ ମ୍ୟାଚ୍‌ରୁ ୧୪ ଉଇକେଟ ନେଇ ଜବରଦସ୍ତ ଫର୍ମରେ ରହିଛନ୍ତି। ଅନ୍ୟପକ୍ଷରେ ବଲ୍‌କୁ ଉଭୟ ପାର୍ଶ୍ୱକୁ ସୁଇଂ କରିବାର ବିବିଧତା ରଖୁଥିବା ଯଶପ୍ରୀତ୍ ବୁମ୍‌ରା ୧୫ ଉଇକେଟ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ ଡି'କକ୍ ୪ ଶତକ ସହିତ ୫୪୫ ରନ୍ କରିଛନ୍ତି। ବ୍ୟାଟ ଓ ବଲ୍ ମଧ୍ୟରେ ଏହି ମୁକାବିଲା ଉପରେ ସମସ୍ତଙ୍କ ନଜର ରହିବ। ରାଶି ଭାନ୍ ଡର୍ ଡୁସେନ, ଏଡେନ୍ ମାର୍କରମ୍ ଓ ଡେଭିଡ୍ ମିଲର ଚମତ୍କାର ଫର୍ମରେ ରହିଥିବା ବେଳେ ଭାରତ ପକ୍ଷରୁ ରୋହିତ ଶର୍ମା, ଶୁଭମନ ଗିଲ, ବିରାଟ କୋହଲି ଓ ଲୋକେଶ ରାହୁଲ ମଧ୍ୟ ରନ୍‌ର ପାହାଡ ଛିଡା କରିଛନ୍ତି। ଉଭୟ ଦଳରେ ଏକାଧିକ ମ୍ୟାଚ୍ ୱିନର ରହିଥିବା ବେଳେ ଏହା ମ୍ୟାଚକୁ ଅଧିକ ଆକର୍ଷଣୀୟ କରିଛି। ଇଡେନ୍‌ର ପେସ୍ ସହାୟକ ପିଚ୍‌ରେ ଉଭୟ ଦଳର ପେସ୍‌ବୋଲରଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳିବ।

ଦକ୍ଷିଣ ଆଫ୍ରିକୀୟ ବୋଲରଙ୍କ ମଧ୍ୟରେ ମାର୍କୋ ଜାନ୍‌ସେନ୍ ୧୬ ଉଇକେଟ ସହ ଚମତ୍କାର ଫର୍ମରେ ରହିଛନ୍ତି। ଜାନ୍‌ସେନ୍ ନିଜ ଉଚ୍ଚତାର ଫାଇଦା ଉଠାଇବା ସହ ନିଜ ପେସ୍, ସୁଇଂ ଓ ଧିମା ବୋଲିଂ ଜରିଆରେ ବ୍ୟାଟରଙ୍କୁ ଚକ୍‌ମା ଦେବାରେ ମାହିର। ଦକ୍ଷିଣ ଆଫ୍ରିକା ବୋଲିଂର ସେ ମେରୁଦଣ୍ଡ ରହିଥିବା ବେଳେ କାଗିସୋ ରାବାଡା,ଲୁନ୍‌ଗି ଏନ୍‌ଗିଡି ଓ ଜେରାଲ୍ଡ କୋଜି ମଧ୍ୟ ନିଜ ଅବଦାନ ଦେଉଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଚାପ ମଧ୍ୟକୁ ଆସିନାହିଁ। ତେବେ ଭାରତୀୟ ଦଳ ଥରେ ମାତ୍ର ୩୦୦+ ସ୍କୋର କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୫ ଥର ଏଭଳି କାରନାମା କରିବାରେ ସକ୍ଷମ ହୋଇଛି। ଉଭୟ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଥିବାରୁ ଏହି ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହେବା ନେଇ ଆଶା କରାଯାଏ।

ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ଅନ୍ତିମ ଦୁଇ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ଓ ପାକିସ୍ତାନ ସଫଳତାର ସହିତ ବାଂଲାଦେଶକୁ ପରାସ୍ତ କରିଥିଲେ। ଉଭୟ ଦଳର ପେସ୍ ବୋଲର ଚମତ୍କାର ଢଙ୍ଗରେ ବୋଲିଂ କରିଥିବା ବେଳେ ରବିବାର ମଧ୍ୟ ସମାନ ଲଢେଇ ଦେଖିବାକୁ ମିଳିବ। ଉଭୟ ଦଳର ପେସ୍ ଆକ୍ରମଣ ଚମତ୍କାର ରହିଥିବା ବେଳେ ଯାହାର ବ୍ୟାଟିଂ ଭଲ ରହିବ ସେ ବିଜୟୀ ହେବ। ଚଳିତ ଟୁର୍ନାମେଣ୍ଟର ଦୁଇଟି ମ୍ୟାଚ୍‌କୁ ଛାଡିଲେ ଅନ୍ୟ କୌଣସି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିନାହିଁ। ଧର୍ମଶାଳାରେ ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ ଓ ଚେନ୍ନାଇରେ ପାକିସ୍ତାନ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଟୁର୍ନାମେଣ୍ଟ ଶେଷ ଆଡକୁ ଏଭଳି ଅଧିକ ମ୍ୟାଚ୍ ଦେଖିବାକୁ ମିଳିବା ନେଇ ଆଶା।

ଟିଭାକ୍ ସ୍ପୋର୍ଟ୍ସ

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜୟୀ

**ଭୁବନେଶ୍ୱର, ୪।୧୧(ବିଜୟ ରଣା)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଆନ୍ତଃବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୪-୦ ଗୋଲ୍‌ରେ ଆଇନ ବିଭାଗକୁ ପରାସ୍ତ କରିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ପରିବହନ ବିଭାଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଡ୍ର ଭାବେ ଶେଷ ହୋଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମ୍ୟାଚ ୧-୧ରେ ଡ୍ର ହୋଇଥିଲା। ୪ର୍ଥ ମ୍ୟାଚରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ୪-୦ ଗୋଲ୍‌ରେ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗକୁ ପରାସ୍ତ କରିଛି। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମ୍ୟାଚ ଗୋଲ୍‌ଶୂନ୍ୟ ଡ୍ର ଭାବେ ଶେଷ ହୋଇଛି।

# ଇଂଲଣ୍ଡକୁ ବିଦା କଲା ଅଷ୍ଟ୍ରେଲିଆ

**ଅହମଦାବାଦ,୪।୧୧**

ଆଡାମ ଜାମ୍ପାଙ୍କ ଘାତକ ବୋଲିଂ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଶନିବାର ଅଷ୍ଟ୍ରେଲିଆ ନିକଟରୁ ୩୩ ରନରେ ହାରିବା ସହିତ ବିଶ୍ୱକପରୁ ବିଦାୟ ନେଇଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୮୬ ରନ୍ ସ୍କୋର କରିଥିଲା ଜବାବରେ ଇଂଲଣ୍ଡ ୪୮.୧ ଓଭରରେ୨୫୩ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବୋଲିଂ କରିଥିଲା। ପ୍ରଥମ ୧୦ ଓଭରରେ ଦଳ ଦୁଇ ଓପନର ଡେଭିଡ୍ ୱାର୍ନର(୧୫) ଓ ଟ୍ରାଭିସ୍ ହେଡ୍(୧୧)ଙ୍କ ଉଇକେଟ ହରାଇଥିଲା। ଉଭୟଙ୍କୁ କ୍ରିସ୍ ଓକ୍ସ ଆଉଟ କରିଥିଲେ। ଷ୍ଟିଭ୍ ସ୍ମିଥ୍(୪୪) ଓ ଟପ୍ ସ୍କୋରର ମାର୍ନସ ଲାବୁଶେନ୍(୭୧) ତୃତୀୟ ଉଇକେଟରେ ୭୫ ରନ୍ ଯୋଡିଥିଲେ। ତେବେ ମାତ୍ର ୯ ବଲ୍ ମଧ୍ୟରେ ସ୍ମିଥ୍ ଓ ଜୋସ୍ ଇଙ୍ଗଲିସ୍(୩)ଙ୍କୁ ଆଉଟ କରି ଆଦିଲ ରସିଦ୍ ଇଂଲଣ୍ଡକୁ ମ୍ୟାଚ୍‌କୁ ଫେରାଇ ଆଣିଥିଲେ। ତେବେ ଲାବୁଶେନ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ଏକ ସମ୍ମାନ ଜନକ ସ୍କୋର ପ୍ରଦାନ କରିଥିଲେ। ୮୩ ବଲ୍ ଖେଳି ସେ ୭ ଚୌକା ମାରିଥିଲେ। ମଧ୍ୟକ୍ରମରେ ଅଲରାଉଣ୍ଡର କାମେରନ୍ ଗ୍ରୀନ୍ ୪୭ ଓ ମାର୍କସ ଷ୍ଟୋଇନିସ୍ ୩୫ ରନ୍‌ର ଇନିଂସ ଖେଳିଥିଲେ। ଗ୍ରୀନ୍ ୫୨ ବଲ୍ ଖେଳି ୫ ଚୌକା ମାରଥିବା ବେଳେ ଷ୍ଟୋଇନିସ ୩୨ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ଆଡାମ୍ ଜାମ୍ପା ଦ୍ରୁତ ୨୯ ରନ୍ କରିବାରୁ ଦଳ ୪୯.୩ ଓଭରରେ ୨୮୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଆଦିଲ ରସିଦ୍ ଓ ମାର୍କ ଉଡ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୨୮୭ ରନ୍ ଜବାବରେ ଇଂଲଣ୍ଡ ପ୍ରଥମ ବଲରେ ଜନି ବେୟାରଷ୍ଟୋଙ୍କ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୯ ରନ୍‌ରେ ଜୋ ରୁଟ୍(୧୩) ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଡାୱିଡ ମଲାନ(୫୦) ଓ ବେନ୍ ଷ୍ଟୋକ୍ସ(୬୪) ତୃତୀୟ ଉଇକେଟରେ ୮୪ ରନ୍ ଯୋଡିଥିଲେ। ମଧ୍ୟକ୍ରମ ବ୍ୟାଟିଂ ବିଫଳତା କାରଣରୁ ଇଂଲଣ୍ଡ ୨୫୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଆଡାମ ଜାମ୍ପା ୩ ଉଇକେଟ ନେଇଥିବା ବେଳେ ମିଚେଲ୍ ଷ୍ଟାର୍କ, ଜୋଶ ହେଜେଲଉଡ୍ ଓ ପ୍ୟାଟ କୁମିନ୍ସ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୪୯.୩ ଓଭରରେ ୨୮୬/୧୦(ମାର୍ନସ ଲାବୁଶେନ୍-୭୧, କାମେରନ୍ ଗ୍ରୀନ୍-୪୭, ଷ୍ଟିଭ୍ ସ୍ମିଥ୍-୪୪, କ୍ରିସ୍ ଓକ୍ସ-୪/୫୪, ମାର୍କ ଉଡ୍-୨/୭୦, ଆଦିଲ ରଶିଦ୍-୨/୩୮)। ଇଂଲଣ୍ଡ ୪୮.୧ ଓଭରରେ ୨୫୩/୧୦(ବେନ୍ ଷ୍ଟୋକ୍ସ-୬୪, ଡାୱିଡ୍ ମଲାନ-୫୦, ମୋଇନ୍ ଅଲୀ-୪୨, ଆଡାମ ଜାମ୍ପା-୩/୨୧, ଜୋଶ ହେଜେଲଉଡ୍-୨/୪୯, ପ୍ୟାଟ କୁମିନ୍ସ-୨/୪୯)।

# ବ୍ରୋଞ୍ଜ ଜିତିଲେ କିଶୋର, ମହିଳା ଫୋର୍‌ସ ଦଳ

**ଭୁବନେଶ୍ୱର,୪।୧୧(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ଓଡ଼ିଶା ମହିଳା ଲନ୍ ବୋଲ୍ ଦଳ ଓ ଜାଭେଲିନ୍ ଥ୍ରୋୟର କିଶୋର ଜେନା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରଥମ ଥର ଓଡ଼ିଶା ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ବେଳେ


ପୋଡିୟମରେ ବ୍ରୋଞ୍ଜ ବିଜୟୀ ମହିଳା ଫୋର୍‌ସ ଦଳ।

## ଜାତୀୟ କ୍ରୀଡ଼ା

ମହିଳା ଫୋର୍‌ସ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ରୋଶନୀ ସାହୁ, ରାଜେଶ୍ୱରୀ ସେଠ, ବିଷ୍ଣୁପ୍ରିୟା ବୋହିଦାର ଓ ପଦ୍ମାସିନୀ ପୁଟେଲଙ୍କ ଦଳ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ପ୍ରଥମ ପ୍ରୟାସରେ ଦଳ ଏହି ଐତିହାସିକ ସଫଳତା ହାସଲ କରିଥିବା ବେଳେ କ୍ରୀଡା ଓ ଯୁବସେବା ବ୍ୟାପାରକୁ ଏହର ଶ୍ରେୟ ଦେଇଛନ୍ତି ସମସ୍ତ ଖେଳାଳି ଓ କୋଚ୍। ଅନ୍ୟ ପକ୍ଷରେ ଏସିଆନ୍ ଗେମ୍ସ ରୌପ୍ୟକ ପଦକ ବିଜେତା କିଶୋର ଜେନା ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। କିଶୋର ୭୮.୪୭ ମିଟରର ଥ୍ରୋ କରିଥିବା ବେଳେ ଏହା ଆଥଲେଟିକ୍ସରେ ଓଡ଼ିଶାର ସପ୍ତମ ପଦକ।

ଅନ୍ୟ ପକ୍ଷରେ କାନୋଇଂ ଓ କାୟାକିଂ ଇଭେଣ୍ଟରେ ଓଡ଼ିଶା ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। କେ-୨ ପୁରୁଷ ବର୍ଗର ୧୦୦୦ ମିଟର ଇଭେଣ୍ଟରେ ଥୋମରିଲନଗାମ୍ବା ନଗାଶେପମ ଓ କେ ହାଙ୍ଗେମ୍ବାମ ନାନାଓ ମେଇତେଇ ଏକ ରୌପ୍ୟ ପଦକ ଜିତିଥିବା ବେଳେ ସି-୨ ପୁରୁଷ ବର୍ଗର ୧୦୦୦ ମିଟର ଇଭେଣ୍ଟରେ ବୋରିଶା ସିଂ ଓ ଅବିନାଶ ସିଂଘମ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଖୋ ଖୋରେ ଓଡ଼ିଶା ଉଭୟ ପୁରୁଷ ଓ ମହିଳା ବର୍ଗରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ବେଳେ ପୁରୁଷ ହକି ଦଳ ୧୨-୦ ଗୋଲରେ ବେଙ୍ଗଲକୁ ପରାସ୍ତ କରିଛି।

କୋଷ୍ଠକାଠିନ୍ୟର ସମାଧାନ
9119788888




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ